THE SANCHAR
Website: sanchar.live mail Id: sanchar.odisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Vol. 32 | ISSUE 271 | ଭାଗ ୩୨ | ସଂଖ୍ୟା୨୭୧
Bhubaneswar | Wednesday 25 December 2024 | Page 8 Rs. 4.00
ଭୁବନେଶ୍ୱର ବୁଧବାର ୨୫ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

DN Group



**1919-1998**

DRAWING INSPIRATION FROM THE LIFE AND LEGACY OF

# DASARATHI NAIK

ON HIS 105TH BIRTH ANNIVERSARY

25TH DECEMBER 2024

YOU REMAIN OUR GUIDING LIGHT TOWARDS UPHOLDING YOUR IDEALS IN SERVICE OF HUMANITY.

# ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଅ: ଓଡିଶା କୃଷକ ସଭା



**କେନ୍ଦ୍ରାପଡ଼ା, ୨୪।୧୨ (ସଂଚାର ବ୍ୟୁରୋ) :** ଅଦିନିଆ ବର୍ଷାଯୋଗୁଁ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକ ପ୍ରଭାବିତ ହୋଇଛି । ଏହି ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଧାନ ଫସଲ ସହିତ ପନିପରିବା ଚାଷ ମଧ୍ୟ ଉଜୁଡ଼ି ଯାଇଛି । ଏହି ବର୍ଷା ଯୋଗୁଁ ଜିଲ୍ଲାର ଥିବା ୯ଟି ବ୍ଲକ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଧାନ, ବିରି ସହ ବିଭିନ୍ନ ପରିବା ଚାଷ ଯଥା: କୋବି,କଖାରୁ, ବିନ୍, ଟମାଟୋ, ବାଇଗଣ, କାକୁଡି, ଶାଗ, କଲରା ମୂଳା ଇତ୍ୟାଦି ସବୁ ପନିପରିବା ନଷ୍ଟ ହୋଇଯାଇଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ସରକାରଙ୍କ କୃଷି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଚାଷୀ ମାନଙ୍କୁ ଆଗୁଆ ସୂଚନା ଦେଇ ସତର୍କ କରାଗଲା ନାହିଁ। ଆଗୁଆ ସୂଚନା ଦେଇ ଋଷୀମାନଙ୍କୁ ସତର୍କ କରିବା କ୍ଷେତ୍ରରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ତା ପରେ ଦ୍ୱିତୀୟ ଥର ପାଇଁ ପୁଣି ଲଘୁଚାପ ଆରମ୍ଭ ହୋଇ ଯାଇଛି। ଚାଷୀ ଅମଳ ହେଇଥିବା ଫସଲକୁ ଉଠିଆ କରିବା ପାଇଁ ରାତି ସାରା ଜମିରେ ରହିଥିବାର ଖବରମାନ ଆସୁଛି। ଧାର କରଜ କରି ଚାଷ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ।

ଅଦିନିଆ ବର୍ଷା ଏବଂ ପ୍ରତିକୂଳ ପାଗରେ ପୋକ ଆକ୍ରମଣ ଯୋଗୁଁ ଅମଳ ହେବାକୁ ଥିବା ସବୁ ପରିବା ନଷ୍ଟ ହୋଇଯାଇଛି । ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଅବିଳମ୍ବେ କ୍ଷତି ହୋଇଥିବା ଫସଲର ଆକଳନ କରି ଚାଷୀ ଏବଂ ଭାଗଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଓଡିଶା କୃଷକସଭା କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ।

ଜଳବାୟୁ ଗତ ପରିବର୍ତ୍ତନ ଯୋଗୁଁ କ୍ରମାଗତ ଭାବେ କ୍ଷତି ସହୁଥିବାରୁ ଚାଷୀମାନଙ୍କ ମଧ୍ୟରେ ହତାଶ ଭାବ ଦେଖାଦେଇଛି । ସେହି ଦୃଷ୍ଟିରୁ ଚାଷୀର ସମସ୍ତ କ୍ଷତିକୁ ସରକାର ଭରଣା କରିବା ସହିତ ଚାଷୀ କରିଥିବା ଋଣକୁ ସଂପୂର୍ଣ୍ଣ ଛାଡ଼ କରିବା ପାଇଁ ଓଡିଶା କୃଷକସଭା କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ଗୟାଧର ଧଳ, ସମ୍ପାଦକ ବିଜୟ ଦାସ, ବରିଷ୍ଠ ନେତା ଜଗତ ଜୀବନ ଦାଶ,ମହାକାଳପଡ଼ା ନେତା ନରୋତ୍ତମ ପାର୍ଥସାରଥୀ, ମାଧବ ଦାସ, କେନ୍ଦ୍ରାପଡା ବ୍ଲକ ସମ୍ପାଦକ ରମେଶ ପ୍ରଧାନ, ବୈଷ୍ଣବ ଚରଣ ସ୍ୱାଇଁ ପ୍ରମୁଖ ଅତିରିକ୍ତ ଉପଜିଲ୍ଲାପାଳ ଡ଼ଃ ଅଶୋକ କୁମାର ଦାଶଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ କ୍ଷତିର ଭରଣା ନହେଲେ ସଂଗଠନ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ।

## ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ଦାବି



**ମହାକାଳପଡ଼ା, ୨୪।୧୨ (ସଂଚାର ବ୍ୟୁରୋ) :** ଗ୍ରାମ ମଧ୍ୟରେ ଥିବା ୧୧ କେ.ଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ବିପଦ ଆଶଙ୍କା କରି ଏହାକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ଦାବି ହୋଇଛି। ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭିତର ସୋବଲା ଗ୍ରାମରେ ଏକ ୧୧ କେ.ଭି ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଯାହା ଚାରିପାଖରେ ସୁରକ୍ଷା ବାଡ଼ ନଥିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳୁଛି। ବିଦ୍ୟୁତ ଖୁଣ୍ଟର ତାର ପୋଖରୀ ଉପରେ ଯାଇଥିବାରୁ ତାହା ପାଇଁ ମଧ୍ୟ ଲୋକେ ଆଶଙ୍କା ଭିତରେ। କେତେବେଳେ କେଉଁ ବିପଦ ଘଟିବ ତାହା କିଏ କହିବ? ଏଣୁ ଗ୍ରାମର ଯୁବଗୋଷ୍ଠୀ ଏହି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଚିହ୍ନାର ପଡିଆକୁ ସ୍ଥାନାନ୍ତରଣ କରିବାକୁ ବିଦ୍ୟୁତ କାର୍ଯ୍ୟାଳୟ, ମହାକାଳପଡ଼ା ରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ କାର୍ଯ୍ୟ ଆରମ୍ଭ ହେଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନରଞ୍ଜନ ସାମଲ, ରଶ୍ମି ରଞ୍ଜନ ସାମଲ, ଶଙ୍କର ଦାସ, ଗୌତମ ସାମଲ, ସମୀର ମୁଦୁଲି,ରଞ୍ଜନ ରାଉତ, ବିଶ୍ୱ ରଞ୍ଜନ ବାରିକ,ପ୍ରଶାନ୍ତ ସ୍ୱାଇଁ,ରାଜୁ ବସନ୍ତିଆ, ନିରଞ୍ଜନ ରାଉତ, ଗୁରୁଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ: ଶିକ୍ଷୟିତ୍ରୀଙ୍କ ସମେତ ଝିଆରୀ କୋର୍ଟ ଚାଲାଣ

**କେନ୍ଦ୍ରାପଡା, ୨୪।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଟାଉନ ଥାନା ଅଧୀନ ଭଗେଶ୍ୱରପୁର ଗ୍ରାମର ମିତା ସ୍ୱାଇଁଙ୍କୁ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଗୋପ ଗ୍ରାମର ସୁଷମା ମହାନ୍ତି, ପ୍ରଭାତୀ ଓରଫ ଝୁନୁବାଳା ମହାନ୍ତି ଓ ତାଙ୍କ ଝିଆରୀ ମୋନାଲିସା ମହାନ୍ତି ଓରଫ୍ ମାମୁନୀ ଏବଂ ଶ୍ରଦ୍ଧାଞ୍ଜଳୀ ମହାନ୍ତିଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ ମିତା ସ୍ୱାଇଁଙ୍କ ପାଚେରୀକୁ ଡାଡି, ଜାଗାକୁ ମଡାଇ, ସୁଷମା ମହାନ୍ତି ସ୍ଥାୟୀ ଘର ନିର୍ମାଣ କରୁଥିଲେ । ମିତା ଏହାକୁ ବିରୋଧ କରିବାରୁ ସୁଷମା ଓ ତାଙ୍କ ଭଉଣୀ ପ୍ରଭାତୀ ଓ ଝିଆରୀ ମାମୁନୀ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ଲୁହା ରଡ୍‌ରେ ଗୁରୁତର ଭାବେ ବାଡେଇ ଲହୁଲୁହାଣ କରି ଦେଇଥିଲେ । ଏହାକୁ ନେଇ ମିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ କେଶ ନଂ-୨୫୪/୨୪ରେ ଟାଉନ ଥାନା ପୋଲିସ ଉଭୟ ୩ଜଣଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ରଶ୍ମି ଚାରିଟେବୁଲ ଟ୍ରଷ୍ଟ ତରଫରୁ ସହାୟତା



**ମାର୍ଶାଘାଇ, ୨୪।୧୨ (ସଂଚାର ବ୍ୟୁରୋ) :** ରଶ୍ମି ଚାରିଟେବୁଲ ଟ୍ରଷ୍ଟ ତରଫରୁ ଜଣେ ଅସହାୟ ପରିବାର ପାଖରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ପରିବାରର ଜଣେ ରୋଜଗାରିଆ ପୁଅର ମୃତ୍ୟୁ ପରେ ଭାଙ୍ଗିପଡିଥିଲେ ପରିବାର। ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ପାଖରେ ସମ୍ବଳ ନଥିବାରୁ ସରକାରୀ ଓ ବେସରକାରୀ ସହାୟତା ପାଇଁ ପତ୍ନୀ ସସ୍ମିତା ଗୁହାରି କରିଥିଲେ। ଏନେଇ ସଂଚାର ରେ "ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ। ସହାୟତା ପାଇଁ ପ୍ରଶାସନକୁ ଅନୁରୋଧ କଲେ ପତ୍ନୀ" ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ଦେଖିବା ପରେ ବିଧାୟକ,ବିଭିନ୍ନ ସାମାଜିକ ସଙ୍ଗଠନ ତରଫରୁ ସହାୟତା ଯୋଗାଇ ଦେଇଛନ୍ତି।

ଆଜି ରଶ୍ମି ଚାରିଟେବୁଲ ଟ୍ରଷ୍ଟ ତରଫରୁ ରଶ୍ମିରେଖା ସୁଭାଷିନୀ, ସୁଧାଂଶୁ ରାଉତ ପରିବାରଙ୍କ ନିକଟରେ ପହଞ୍ଚି ଆର୍ଥିକ ସହାୟତା ଓ ସମସ୍ତଙ୍କ ନିମନ୍ତେ ନୂଆ ବସ୍ତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ରାଘବପୁର ଗ୍ରାମର ସସ୍ମିତା ସେଠୀଙ୍କ ସ୍ୱାମୀ ସମୀର ସେଠୀଙ୍କ ୪୪ ବର୍ଷ ବୟସରେ ଦେହାନ୍ତ ହେଇଯାଇଛି। ଆଠ ବର୍ଷର ଝିଅ ,୩ ବର୍ଷର ପୁଅ ଓ ଶାଶୂ ଙ୍କୁ ନେଇ କେମିତି ଚଳିବେ ସେ ଚିନ୍ତାରେ ପରିବାର। ଗତକାଲି ସମୀର ଙ୍କ ଦଶାହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି



**କେନ୍ଦ୍ରାପଡା, ୨୪।୧୨ (ସଂଚାର ବ୍ୟୁରୋ) :** ସମ୍ବିଧାନ ପ୍ରଣେତା ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଛି କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ । କଜଳା ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଡକ୍ଟର ସିପ୍ରା ମଲ୍ଲିକ ଗୃହମନ୍ତ୍ରୀ ଅମିତ୍ ଶାହା ନିଜ ବକ୍ତବ୍ୟରେ ଡକ୍ଟର ଆମ୍ବେଦକରଙ୍କ ଅପମାନ କରିଥିବା ଅଭିଯୋଗ କରିବା ସହ ସେ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ପାଇଁ ଦାବି କରିଛନ୍ତି । ଆଗାମୀଦିନରେ କଂଗ୍ରେସ ଏହି ଘଟଣାର ଘୋର ପ୍ରତିବାଦ କରିବ ବୋଲି ସିପ୍ରା ମଲ୍ଲିକ ଚେତାବନୀ ଦେଇଛନ୍ତି । ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଫକିର ଖଟୁଆ, ବିଧୁଭୁଷଣ ମହାପାତ୍ର, ହରିଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଁରେ ପହଞ୍ଚିଲା ପ୍ରଶାସନ



**ରାଜନଗର, ୨୪।୧୨ (ସଂଚାର ବ୍ୟୁରୋ) :** ସୁଶାସନ ସପ୍ତାହ ଉପଲକ୍ଷେ ଏବେ ଲୋକମାନଙ୍କ ସମସ୍ୟା ବୁଝିବା ପାଇଁ ଗାଁରେ ପହଁଚିଛି ପ୍ରଶାସନ। ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଦୁଇଦିନ ହେଲା ଗୁପ୍ତି ଓ ରଙ୍ଗଣୀ ପଞ୍ଚାୟତରେ ପ୍ରଶାସନିକ ଅଧିକାରୀ ପହଁଚି ଜନ ଅଭିଯୋଗର ଶୁଣାଣି କରିଛନ୍ତି। ଗତକାଲି ଗୁପ୍ତି ପଞ୍ଚାୟତରେ ଏହି ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱ ଲୋକେ ସେମାନଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସେହିପରି ଆଜି ରଙ୍ଗଣୀ ପଞ୍ଚାୟତ ଶହେରୁ ଉର୍ଦ୍ଧ୍ୱ ଅଭିଯୋଗ ଲୋକମାନେ ପ୍ରଶାସନ ନିକଟରେ କରିଥିଲେ।

ଅଭିଯୋଗ ଗୁଡିକ ମୁଖ୍ୟତଃ ଭତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନକାର୍ଡ, ପାନୀୟଜଳ, ବିଦ୍ୟୁତ ସଂଯୋଗ ପ୍ରଭୃତି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଅଜୟ କୁମାର ମହାନ୍ତି, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ. ଅକ୍ଷୟ କୁମାର ଦଳାଇ, ମତ୍ସ୍ୟ ଅଧିକାରିଣୀ ମୋନାଲିସା ରାଉତ, ସରପଞ୍ଚ ଲୋପାମୁଦ୍ରା ଜେନା, ଶାନ୍ତିଲତା ବିଶ୍ୱାଳ, ସମିତିସଭ୍ୟ ତପନ ସାହୁ, ମିନତୀ ସାହୁ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମକୁ ଜିପିଇଓ ଧର୍ମେନ୍ଦ୍ର କୁମାର ଦାଶ, ବିଏସଏସଓ ମନୋଜ କୁମାର ବେହେରା, ଶୀତଲ କୁମାର ଜେନା, ରମେଶ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲା ସମବାୟ ସମିତିର ବିକାଶ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା, ୨୪।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୫ ତାରିଖ ମାନ୍ୟବର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସମବାୟ ମନ୍ତ୍ରୀ ସମିତି ଗୁଡିକୁ ବହୁମୁଖୀ ସମିତି କରିବା ପାଇଁ ଯୋଜନା ଥିବାରୁ ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାରେ ଥିବା କୃଷି ସମବାୟ ସମିତି, ମତ୍ସ୍ୟ ସମବାୟ ସମିତି ଓ ଦୁଗ୍ଧ ସମବାୟ ସମିତିକୁ ବହୁମୁଖୀ ସମବାୟ ସମିତିରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବା ପାଇଁ ଆଲୋଚନା କରାଯାଇ ଥିଲା । ଏଥି ସହିତ ଜିଲ୍ଲାର ବିଭିନ୍ନ ସମବାୟ ସମିତିର ନିଜସ୍ୱ ଗୃହ କର୍ମଚାରୀ ଓ ଅନ୍ୟାନ୍ୟ ଅସୁବିଧା ସଂପର୍କରେ ଆଲୋଚନା କରାଯାଇ ଥିଲା ।

ଏହି ଆଲୋଚନାରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର,ଡିଆରସିଏସ୍ ସନ୍ତୋଷ କୁମାର ଦାସ, ସିଡିଭିଓ କଲ୍ୟାଣ କୁମାର ରାୟ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡ଼ାର ଐତିହ୍ୟ ସୂର୍ଯ୍ୟ ଘଡ଼ିର ହେବ ପୁନରୁଦ୍ଧାର



ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗର ଚିଠି

**କେନ୍ଦ୍ରାପଡ଼ା, ୨୪।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ାର ଐତିହାସିକ ସୂର୍ଯ୍ୟଘଡିର ପୁନଃରୁଦ୍ଧାର ପାଇଁ ଆଶା ସଞ୍ଚାର ହୋଇଛି। ପର୍ଯ୍ୟଟନ ବିଭାଗର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ହୋଇଥିବା ଚିଠି ଏଥିପାଇଁ ବାଟ ଫିଟାଇଛି। ବ୍ରିଟିଶ ଶାସନକାଳରୁ ସ୍ଥାପିତ ହୋଇଥିବା ସୂର୍ଯ୍ୟ ଘଡ଼ି ଅବହେଳିତ ଭାବରେ ପଡ଼ି ରହିଛି। ଜିଲ୍ଲାର ବୁଦ୍ଧିଜୀବୀ ଏନେଇ ଜିଲ୍ଲା ପ୍ରଶାସନ ଉପରେ ତୀବ୍ର ଅସନ୍ତୋଷ ଝାଡିଥିଲେ। ଏମିତି ଏକ ସମ୍ବେଦନଶୀଳ ଐତିହ୍ୟକୁ ପୁନଃରୁଦ୍ଧାର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ତରଫରୁ ପ୍ରୟାସ ଆରମ୍ଭ କରାଯାଇଥିଲା।

ସଙ୍ଘର ସଭାପତି ଗୌତମ ବେହେରା ଏନେଇ ପର୍ଯ୍ୟଟନ ବିଭାଗକୁ ତା ୧୨ ଡିସେମ୍ବର ୨୦୨୪ ରେ ଏକ ଚିଠି ଲେଖିଥିଲେ। ଯେଉଁ ଚିଠିର ଗୁରୁତ୍ୱକୁ ହୃଦୟଙ୍ଗମ କରି ବିଭାଗ ତରଫରୁ ତା ୨୧ ଡିସେମ୍ବର ୨୦୨୪ ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ମିଳିଛି। ପର୍ଯ୍ୟଟନ ବିଭାଗର ଜଏଣ୍ଟ ସେକ୍ରେଟାରୀ ସରୋଜ କୁମାର ସ୍ୱାଇଁ ଚିଠି ନମ୍ବର ୧୦୧୪୦ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଠାରେ ଥିବା ଏହି ସୂର୍ଯ୍ୟ ଘଡ଼ି ଆଜି ଅବହେଳାର ଶିକାର ହୋଇ ଅକାମି ହେଉଛି। ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଆଜି ଅକାମି ହୋଇଯାଇଯାଇଛି କେନ୍ଦ୍ରାପଡା ସହର ମଝିରେ ଥିବା ଶତାୟୁ ସୂର୍ଯ୍ୟଘଡି। ବ୍ରିଟିଶ ଶାସନର ସ୍ମୃତି ବହନ କରୁଥିବା ସୂର୍ଯ୍ୟଘଡିର ଏବେ ଆଉ କାର୍ଯ୍ୟକ୍ଷମ ହେଉନି। ଦିନ ଥିଲା ଏହାକୁ ବ୍ୟବହାରକରି ସମୟ ନିର୍ଘଣ୍ଟ କରାଯାଉଥିଲା। ହେଲେ ବିରାଟ ବିରାଟ ଅଟ୍ଟାଳିକା ନିର୍ମାଣ ଏହାର ଗାରିମାକୁ ନଷ୍ଟ କରିଛି। ମହାରାଣୀ ଭିକ୍ଟୋରିଆଙ୍କ ୫୦ ବର୍ଷ ଶାସନ ପୂର୍ତ୍ତି ଅବସରରେ ୧୮୮୭ ମସିହାରେ ଏହି ଘଡ଼ି ସ୍ଥାପିତ ହୋଇଥିଲା। ପ୍ରାଚୀନ ଯୁଗରେ ସମୟ ଗଣନା ପାଇଁ ସୂର୍ଯ୍ୟଘଡି ଏକ ମାତ୍ର ମାଧ୍ୟମ ଥିଲା । ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ କାର୍ଯ୍ୟାଳୟର ଉପର ମହଲା କୋଠା ନିର୍ମାଣ ପରେ ସୂର୍ଯ୍ୟଘଡିଟି ସମ୍ପୂର୍ଣ୍ଣ ଅକାମି ହୋଇଯାଇଛି । ସକାଳର ପହିଲି ସୂର୍ଯ୍ୟକିରଣ ଏହି ଘଡି ଉପରେ ଆଉ ପଡୁନାହିଁ । ମଧ୍ୟାହ୍ନ ସମୟ ଛାଡିଦେଲେ ଦିନର ଅନ୍ୟ ସମୟ ମଧ୍ୟ ସୂର୍ଯ୍ୟଘଡି ପାଖରେ ପହଞ୍ଚି ପାରୁନି ସୂର୍ଯ୍ୟକିରଣ ଚର୍ତୁପାର୍ଶ୍ୱରେ ବିଭିନ୍ନ ଗୃହ ନିର୍ମାଣ ସାଙ୍ଗକୁ ଶଙ୍କୁଚିତ ପରିସର ସୂର୍ଯ୍ୟଘଡିକୁ ଯେମିତି ପାଲଟାଇ ଦେଇଛି ଗୁହାଳକଣି ପଙ୍ଗୁ।

ଜଙ୍ଗଲି ଗଛଲତା ଏବଂ କୁଢକୁଢ ଆବର୍ଜନା ଭିତରେ ପୋତି ହୋଇ ପଡିଛି ଏହି ପ୍ରାଚୀନ ସ୍ମାରକୀ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ଉପନିବେଶ ପ୍ରତିଷ୍ଠା ପାଇଁ ଆଗ୍ରହୀ ଥିବା ବ୍ରିଟିଶ ସରକାର ଏହି ଘଡି ପ୍ରତିଷ୍ଠା କରିଥିବାର ସୂଚନା ରହିଛି । ୪ ଫୁଟ୍ ଉଚ୍ଚ ଓ ୧୦ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ପଥର ଉପରେ ରହିଛି ଏହି ସୂର୍ଯ୍ୟଘଡି। ସମଗ୍ର ପଥର ଉପରେ ଅତି ସୂକ୍ଷ୍ମ ରେଖା ମାନ ଖୋଦେଇ ହୋଇଛି । ସୂର୍ଯ୍ୟ କିରଣ ପଥର ଖଣ୍ଡ ଉପରେ ଥିବା ରେଖା ସ୍ପର୍ଶ କଲେ ସମୟ ଜଣା ପଡିଥାଏ। ଦିନେ କେନ୍ଦ୍ରାପଡ଼ାର ଐତିହ୍ୟକୁ ଶୋଭା ବର୍ଦ୍ଧନ କରୁଥିବା ସୂର୍ଯ୍ୟ ଘଡ଼ି ଏବେ ଅବହେଳିତ,ନିଷ୍କ୍ରେସିତ। ଏହାର ପୁନଃରୁଦ୍ଧାର ପାଇଁ ହୋଇଥିବା ଚିଠି ଏବେ ବୁଦ୍ଧିଜୀବୀ ମାନଙ୍କ ଗହଣରେ ନୁଆ ଆଶାର କିରଣ ଜାଗ୍ରତ କରିଛି। ଜିଲ୍ଲାପାଳ ଚିଠି ପାଇବା ପରେ ସୂର୍ଯ୍ୟ ଘଡ଼ିର ପୁନରୁଦ୍ଧାର ପାଇଁ ବ୍ୟବସ୍ଥା ନେଉଛନ୍ତି କି ଚିଠି କେବଳ ଚିଠିରେ ରହିଯାଉଛି ତାହା ଉପରେ ସମସ୍ତଙ୍କ ନଜର।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

**ରାଜନଗର, ୨୪।୧୨ (ସଂଚାର ବ୍ୟୁରୋ) :** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର




ରାଜ୍ୟରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ଆଜି ରାଜନଗର ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଜି ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ଦଳରେ ଗ୍ରହଣ କରିବା ସହିତ ସେମାନଙ୍କ ନାମ ଅନଲାଇନ ମାଧ୍ୟମରେ ପଞ୍ଜିକୃତ କରାଯାଇଛି।

ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳଙ୍କ ନେତୃତ୍ୱରେ ୨ଶହରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କୁ ସଦସ୍ୟତା ଗ୍ରହଣ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରନେତା ସୁକୁମାର ମାନ୍ନା, ମାଧବ ସେଠୀ, ପଦ୍ମଲୋଚନ ପରିଡ଼ା, ରାହୁଲ ସ୍ୱାଇଁ, ବବୁଲ ଦାସ, ଅଜୟ ଦାସ, ଦେବଦତ ସେଠୀ, ସ୍ମିତା କରଣ, ସ୍ୱର୍ଣ୍ଣଲତା ରାଉତ, ପୀତବାସ ବିଶ୍ୱାଳ ପ୍ରମୁଖ ମହାବିଦ୍ୟାଳୟରେ ପହଁଚି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଜେଡିରେ ସାମିଲ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୨୪।୧୨ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଓଉପଦା ପଂଚାୟତର ପୂର୍ବତନ ସରପଞ୍ଚ ସମାଜସେବୀ ମାୟାଧର ତ୍ରିପାଠୀଙ୍କ ୯୬ବର୍ଷ ବୟସରେ ବିଲପୋଖରୀଆପଡା ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୁ ଝିଅ ଜ୍ୱାଇଁ, ଝିଆରୀ ପୁତୁରା,ନାତି ନାତୁଣୀ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଓଉପଦା ପଂଚାୟତରୁ ଦୁଇ ଥର ସରପଞ୍ଚ ଓ ଗୋଟିଏ ଥର ସମିତିସଭ୍ୟ ନିର୍ବାଚିତ ହୋଇ ପଂଚାୟତ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଉପଦା ଚାନ୍ଦପୁର ହାଇସ୍କୁଲ ପ୍ରତିଷ୍ଠା କରିବା ସହିତ ଚନ୍ଦନ ନଗର ଆର ଆଇ ଅଫିସ ଖୋଲିବା ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ଚନ୍ଦନନଗର ପି ଏଲ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଥିଲେ । ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା କମିଟି ସଦସ୍ୟ ସହ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ । ସେ ଜଣେ ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ଭାବେ ଲୋକପ୍ରିୟ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ନିମାଇ କର ଓ ସୁବାଷ ଖଟୁଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଲପୋଖରୀଆପଡା ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଜ୍ୟେଷ୍ଠ ପୁତ୍ର ଶ୍ରୀକାନ୍ତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ରାଜନଗର ବିଧାୟକ ଧ୍ରୁବ ସାହୁ,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଡ଼ ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ବିଜେପି ନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ନୟାଗଡ଼ ଚିନିକଳ
## ରାସ୍ତାକୁ ଓହ୍ଲାଇବ ମିଳିତ କ୍ରିୟାନୁଷ୍ଠାନ କମିଟି

**ନୟାଗଡ଼, ୨୪।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଚିନିକଳ କାର୍ଯ୍ୟକ୍ଷମ ହେବା ସମ୍ଭବ ନଥିବାରୁ ନୂଆ ଚିନିକଳ ନିର୍ମାଣ ପାଇଁ ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରସ୍ତାବ ଦେଇଥିଲେ । ଏନେଇ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି । ଗତ ସେପ୍ଟେମ୍ବର ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚିନିଶିଳ୍ପ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ପୁରୀ ସାଂସଦ ଉପସ୍ଥିତିରେ ବୈଠକ ହୋଇଥିଲା । ଯେହେତୁ ପୁରୁଣା ଚିନିକଳକୁ ନେଇ ଅନେକ ମାମଲା ଅଦାଲତରେ ବିଚାରଧିନ ରହିଛି, ଏଣୁ ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା । ଏଥିପାଇଁ ଚିନିକଳ କ୍ରିୟାନୁଷ୍ଠାନ କମିଟିକୁ ଦାୟିତ୍ୱ ଦିଆଯାଇଥିଲା । ଏକ ନୂତନ ଜାଗା ଚୟନ ପାଇଁ ସାଂସଦ ସମ୍ବିତ ପାତ୍ର ପରାମର୍ଶ ଦେଇଥିଲେ । କ୍ରିୟାନୁଷ୍ଠାନ କମିଟି ପୁରୁଣା ଚିନିକଳ ସଲଗ୍ନ ରାସୋଳ ମୌଜା, ଖାତା ନଂ-୨, ପ୍ଲଟ ନମ୍ବର ୧,୨,୩ ମୋଟ ଏରିଆ ୧୧୧.୩୭ ଏକର ସ୍ଥାନର ସ୍କେଚ୍ ମ୍ୟାପ ଜିଲ୍ଲାପାଳଙ୍କୁ ଗତ ସେପ୍ଟେମ୍ବର ୨୬ ତାରିଖରେ ପ୍ରଦାନ କରାଯାଇଥିଲା । ପୁନର୍ବାର ଗତ ଡିସେମ୍ବର ୩ ତାରିଖରେ କୃଷି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ



କ୍ରିୟାନୁଷ୍ଠାନ କମିଟି ସାକ୍ଷାତ କରିଥିଲେ । ସେ ଏଥିପାଇଁ କୌଣସି ଲିଖିତ ପ୍ରସ୍ତାବ ପାଇ ନଥିବା କହିଥିଲେ । ବାରମ୍ବାର ଏ ଦିଗରେ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରସାଶନ ତରଫରୁ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉନାହିଁ । ଯାହାକୁ ନେଇ ଆଜି ମିଳିତ କ୍ରିୟାନୁଷ୍ଠାନ କମିଟ ଗଭୀର କ୍ଷୋଭ ପ୍ରକାଶ କରିଛ । ଆଜି କମିଟି ପୁର୍ନଗଠନ କରାଯାଇଥିବା ମଧ୍ୟ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦିଆଯାଇଛି । ସନ୍ତୋଷ କୁମାର ପ୍ରଧାନ କମିଟି ଆବାହକ ରହିଥିବା ବେଳେ ସର୍ବସମ୍ମତି ସଭାପତି ଭାବେ ମନୋଜ କୁମାର ସାହୁଙ୍କୁ ଚୟନ କରାଯାଇଛି । ଉପସଭାପତି ଭାବେ ଲକ୍ଷ୍ମୀଧର ସାହୁ, ସମ୍ପାଦିକା ଭାବେ ଲଳିତା କୁମାରୀ ଦାସ, ସହ ସମ୍ପାଦକ ଭାବେ କାଲୁ ଦଳବେହେରା, ସଂଗଠକ ସମ୍ପାଦକ ଭାବେ ବିକ୍ରମ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ବୈକୁଣ୍ଠ ନାଥ ରାଉତ, କୃଷକ ପ୍ରତିନିଧି ଭାବେ ଶିବରାମ ଦାସ, ଚକ୍ରଧର ଜେନା, ରମେଶ ବିଶ୍ୱାଳ, ସଦସ୍ୟ ଭାବେ ପ୍ରମୋଦ କୁମାର ନାୟକ, ସଞ୍ଜୟ କୁମାର ନାୟକ, ରବୀନ୍ଦ୍ର କୁମାର ମହାରଣା, କୈଳାସ ଚନ୍ଦ୍ର ରାଉତ, ଜମ୍ମିର ମହମ୍ମଦଙ୍କୁ ଚୟନ କରାଯାଇଛି। ଆଗାମୀ ଦିନରେ ନୂଆ ଚିନିକଳ ପ୍ରତିଷ୍ଠା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ମନୋଜ କୁମାର ସାହୁ କହିଛନ୍ତି ।

## ନଦୀରେ ଭାସିଗଲେ ବୃଦ୍ଧ, ଖୋଜାଖୋଜି ପରେ ମଧ୍ୟ ମିଳୁନି ପତ୍ତା

**ମହାକାଳପଡ଼ା, ୨୪।୧୨ (ସଂଚାର ବ୍ୟୁରୋ) :** ଜଣେ ବୃଦ୍ଧ ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଛନ୍ତି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ଖବର ମିଳୁନି। ପରିବାର ଲୋକେ ଅଧର୍ଯ୍ୟ ହୋଇ କାନ୍ଦ ବୋବାଳି କରୁଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ତେରଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓସ୍ତର ଗ୍ରାମର ନଦୀ ଘାଟ ନିକଟକୁ ସେହି ଗ୍ରାମର ବାବାଜି ମହାନ୍ତି ଗାଧୋଇବାକୁ ଯାଇଥିଲେ। ବାବାଜୀଙ୍କ ବୟସ ୭୦ ବର୍ଷ । ବାବାଜୀ ଗାଧୋଉଥିବା ସମୟରେ ହଠାତ୍ ଭାସି ଯାଇଥିଲେ। ପାଣିର ସ୍ରୋତ ପ୍ରଖର ଥିବାରୁ ପାଖରେ ଥିବା ଲୋକ ଚାହୁଁ ଚାହୁଁ ବାବାଜି ଭାସି ଯାଇଥିଲେ। ତୁରନ୍ତ ଓଡ୍ରାଫ ବାହିନୀକୁ ଖବର ଦିଆଯାଇଥିଲା। ଓଡ୍ରାଫ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମଟର ବୋଟ୍ ଜରିଆରେ ଖୋଜାଖୋଜି କରିଥିଲେ। ହେଲେ ବାବାଜୀ ଙ୍କୁ ପାଇବାରେ ବିଫଳ ହୋଇଥିଲେ। ବାବାଜୀ ଙ୍କ ଖବର ନମିଳିବାରୁ ପରିବାର ଏବେ କାନ୍ଦ ବୋବାଳିରେ ଫାଟି ପଡୁଛି।




ବୁମରାଙ୍କ ବୋଲିଂ ଷ୍ଟାଇଲକୁ ନେଇ ଉଠିଲା ପ୍ରଶ୍ନ
ପୃଷ୍ଠା ୬



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 271 | ଭାଗ ୩୨ | ସଂଖ୍ୟା୨୭୧ | Bhubaneswar | Wednesday 25 December 2024 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୨୫ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଡିଜିଟାଲ୍‌ରେ ଅଭିଯୋଗ, ଭର୍ଚୁଆଲ୍‌ରେ ନ୍ୟାୟ

### ମୁଁ ବି ୨ଥର ଠକେଇର ଶିକାର ହୋଇଥିଲି: ମୁଖ୍ୟମନ୍ତ୍ରୀ

- ଅଧିକାର ସାବ୍ୟସ୍ତ ପାଇଁ ସଚେତନ ହେବାକୁ ପଡିବ
- ଉପଭୋକ୍ତା ସୁରକ୍ଷା ସଚେତନତା ଏକ ସାମାଜିକ ଆନ୍ଦୋଳନ



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଉପଭୋକ୍ତା ସୁରକ୍ଷା ଅଭିଯାନକୁ ଫଳପ୍ରଦ କରିବା ପାଇଁ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାଗରିକ ସମାଜ ସର୍ବୋପରି ଗଣମାଧ୍ୟମର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି। ସବୁ ବର୍ଗର ଉପଭୋକ୍ତା ଉପଭୋକ୍ତା ସୁରକ୍ଷା ଆଇନ୍ ୨୦୧୯ର ସଫଳତାରେ ଭାଗିଦାରୀ ହେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ସର୍ବଦା ସହଯୋଗ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ୨୦୨୪ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଦୁଇଦୁଇ ଥର ଚିଟଫଣ୍ଡ୍ ➾ପୃଷ୍ଠା-୬

## ଇସ୍ତଫା ଦେଲେ ରଘୁବର ❯ ହରିବାବୁ ନୂଆ ରାଜ୍ୟପାଳ

- ଓଡିଶା ସମେତ ୫ ରାଜ୍ୟର ରାଜ୍ୟପାଳ ବଦଳିଲେ
- ସମୟ ପୂର୍ବରୁ ରାଜ୍ୟପାଳ ପରିବର୍ତ୍ତନ ନେଇ ଚର୍ଚ୍ଚା



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସ୍ଥାନରେ ନୂଆ ରାଜ୍ୟପାଳ ହେବେ ଡ. ହରିବାବୁ କମ୍ଭମପତି। ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟରତ ଡ. କମ୍ଭମପତିଙ୍କୁ ଆଜି ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ମିଳିଛି। ରଘୁବରଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିବା ପରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ମିଳିଛି। ଓଡିଶା ସମେତ ୫ ରାଜ୍ୟରେ ନୂଆ ରାଜ୍ୟପାଳ ହୋଇଛନ୍ତି।

ଡ. କମ୍ଭମପତି ୨୦୨୧ ଜୁଲାଇ ୧୯ତାରିଖରୁ ମିଜୋରାମର ରାଜ୍ୟପାଳ ଅଛନ୍ତି। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଡ. କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନବେଳେ ଗିରଫ ହୋଇ ୬ମାସ ଜେଲ୍ ଯାଇଥିଲେ। ସେ ୧୯୯୯ ମସିହାରେ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ର ପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ରେ ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ।

୧୯୫୩ ମସିହା ଜୁନ୍ ୧୫ତାରିଖରେ ଆନ୍ଧ୍ର ପ୍ରଦେଶର ପ୍ରକାଶମ୍ ଜିଲ୍ଲାର ଟିମାସମୁଦ୍ରମ ଗାଁରେ ଜନ୍ମିତ କମ୍ଭମପତି ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଆଣ୍ଡ କଂଟ୍ରୋଲ ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ କଂଟ୍ରୋଲ ସିଷ୍ଟମରେ ଡକ୍ଟରେଟ ହାସଲ କରିଛନ୍ତି। ସେ ଆନ୍ଧ୍ର ପ୍ରଦେଶ ୟୁନିର୍ଭସିଟି ଇଞ୍ଜିନିୟରିଂ କଲେଜରେ ୨୪ବର୍ଷ ଧରି ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ।

ରଘୁବର ଦାସ ଓଡିଶା ରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ତାଙ୍କୁ ଅନ୍ୟ କୌଣସି ସ୍ଥାନରେ ନିଯୁକ୍ତି ମିଳିନାହିଁ। ଝାଡ଼ଖଣ୍ଡରେ ବିଜେପିର ପରାଜୟ ପଛରେ ରଘୁବର ଦାସ ଓ ଅନ୍ୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ମୂଳକାରଣ ବୋଲି ଚର୍ଚ୍ଚା ହେଉଛି। ତା'ଛଡ଼ା ଜଣେ ଓଡ଼ିଆ ଏଏସ୍‌ଓଙ୍କ ପ୍ରତି ରାଜ୍ୟପାଳଙ୍କ ପୁଅର ଅମାନବୀୟ ଆଚରଣକୁ ନେଇ ରାଜ୍ୟର ବିଜେପି ସରକାରକୁ ମଧ୍ୟ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା। ଗତବର୍ଷ ଅକ୍ଟୋବର ୧୮ତାରିଖରେ ରଘୁବର ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ବର୍ଷେ ତିନି ମାସରେ ରାଜ୍ୟପାଳଙ୍କୁ ବଦଳି କରାଯିବା ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏମିତି ରଘୁବର ଦାସ ବିଭିନ୍ନ ଘଟଣାକୁ ନେଇ ବିବାଦୀୟ ➾ପୃଷ୍ଠା-୬

## ଧାନର ମାନ ଖରାପ ଥିଲେ ବି କିଣିବେ ସରକାର



- ବିକ୍ରି ପାଇଁ ଅଧିକ ସମୟ ଦିଆଯିବ
- କ୍ଷୟକ୍ଷତି ଭରଣା ପାଇଁ ସରକାର ପ୍ରସ୍ତୁତ



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଧାନର ମାନ ଖରାପ ଥିଲେ ବି କିଣିବେ ରାଜ୍ୟ ସରକାର। ବର୍ଷା ପାଇଁ କ୍ୱାଲିଟି କମିଯାଇଥିବାରୁ ଚିନ୍ତାରେ ଅଛନ୍ତି ଚାଷୀ। ମାତ୍ର ସବୁ କୃଷକଙ୍କ ଧାନ କିଣାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟୋକନ ଲାପ୍ସ କଲେ ଚାଷୀଙ୍କୁ ଦିଆଯିବ ଅଧିକ ୧୫ ଦିନ ମହଲତ। ଓଦା ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ପାଗ ଖରାପ ଯୋଗୁଁ କିଛି ମଣ୍ଡି ➾ପୃଷ୍ଠା-୬

### ଆଉ ଦୁଇ ଦିନ ବର୍ଷା

**ଭୁବନେଶ୍ୱର,୨୪।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ମେଘୁଆ ପାଗ ସହ ଝିପି ଝିପି ବର୍ଷା ଲାଗି ରହିଛି। ଆହୁରି ୨ ଦିନ ଏଭଳି ପାଗ ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିଛି ସୁଦୃଢ଼ ଲଘୁଚାପ। ଯାହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ। ଯଦିଓ ଲଘୁଚାପର ସିଧା ସଳଖ ପ୍ରଭାବ ରାଜ୍ୟରେ ରହିବ ନାହିଁ, କିନ୍ତୁ ରାଜ୍ୟକୁ ପବନର ଗତି ପରିବର୍ତ୍ତନ ଯୋଗୁଁ ➾ପୃଷ୍ଠା-୬

## ରାଧାନାଥ ଟ୍ରେନିଂ କଲେଜ ବନ୍ଦ ପାଇଁ ହୋଇଥିଲା ଷଡ଼ଯନ୍ତ୍ର

- ପୂର୍ବ ସରକାରଙ୍କ ଚକ୍ରାନ୍ତର ଗୁମର ଖୋଲିଲେ ଧର୍ମେନ୍ଦ୍ର ପ୍ରଧାନ
- ନାକ୍ ଅଧିସ୍ୱୀକୃତି ପାଇଁ ଆବେଦନ କରିବାକୁ ପରାମର୍ଶ
- ଶିକ୍ଷକଙ୍କ ତାଲିମ ପାଇଁ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ ପ୍ରୋଗ୍ରାମ ଆରମ୍ଭ ହେବ
- ଓଡ଼ିଶାରେ ଶିକ୍ଷକ ଶିକ୍ଷାର ବିକାଶ ହେବ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ



**କଟକ,୨୪।୧୨(ସଂଚାର ବ୍ୟୁରୋ):** ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶାରେ ଶିକ୍ଷକ ଶିକ୍ଷାର ବିକାଶ ହେବ। ଶିକ୍ଷକମାନଙ୍କର ଆବଶ୍ୟକତା, ଯୁବକ ଯୁବତୀଙ୍କ ସ୍ୱାର୍ଥ ଓ ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଦାୟିତ୍ୱ ନିଆଯିବ ବୋଲି ମଙ୍ଗଳବାର କଟକ ସ୍ଥିତ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ(ଆର୍‌ଏନ୍‌ଆଇଏଏସ୍‌ଇ)ର ଶତବାର୍ଷିକୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରତିଷ୍ଠାନର ଶତବାର୍ଷିକୀ ପୂରଣ ହେବା ଅବସରରେ ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ କରିବା ଲକ୍ଷ୍ୟରେ ୧୮୬୯ରେ କଟକ ନର୍ମାଲ ସ୍କୁଲ୍ ପ୍ରତିଷ୍ଠା ହେଲା। ପରେ ଏହାର ନାମ ବଦଳି କଟକ ଟ୍ରେନିଂ ସ୍କୁଲ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କଟକ ଟ୍ରେନିଂ କଲେଜ୍ ହୋଇଥିଲା। ୧୯୨୩ରୁ ଏହି କଲେଜ ରାଧାନାଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍‌ସଡ୍ ଷ୍ଟଡି ଇନ୍ ଏଜୁକେସନ ନାମରେ ଦୀର୍ଘ ୧୦୦ ବର୍ଷ ଧରି ଅନେକ ଦକ୍ଷ ତଥା ପ୍ରଶିକ୍ଷିତ ଶିକ୍ଷକ ସୃଷ୍ଟି କରି ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର କନିକା ଲାଇବ୍ରେରୀ ପରେ ଏହି ପ୍ରତିଷ୍ଠାନରେ ଥିବା ଲାଇବ୍ରେରୀ ଉଚ୍ଚକୋଟୀର। ଏହି ଅନୁଷ୍ଠାନରେ ବିଇଡି, ଏମଇଡି, ଏମଫିଲ୍ ଆଦି ପାଠ୍ୟକ୍ରମ ରହିଥିବା ବେଳେ ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ରାଜ୍ୟ, ଦେଶ ତଥା ଦେଶ ବାହାରେ କାର୍ଯ୍ୟ କରି ସୁନାମ ଆଣିଛନ୍ତି। ଏହି ଅନୁଷ୍ଠାନକୁ ଶହେ ବର୍ଷ ପୂରଣ ହେବା ଆମ ରାଜ୍ୟ ପାଇଁ ଏକ ଗୌରବମୟ ଉପଲବ୍ଧି।

ଶ୍ରୀ ପ୍ରଧାନ ନାକ୍ ଅଧିସ୍ୱୀକୃତି ପାଇଁ ଆବେଦନ କରିବାକୁ ପ୍ରତିଷ୍ଠାନର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅନୁଷ୍ଠାନ ନାକ୍ ମାନ୍ୟତା ପାଇପାରିଲେ ନୂଆ ପାଠ୍ୟକ୍ରମ ସହ ଚାରିବର୍ଷିଆ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଆଇଟିଇପି) ଆରମ୍ଭ ହୋଇପାରିବ। ଅନ୍ତଃ-ବିଭାଗୀୟ ପାଠ୍ୟକ୍ରମ ପ୍ରଚଳନ ହୋଇପାରିବ। ପୂର୍ବ ସରକାର ଦାୟିତ୍ୱହୀନତା କାରଣରୁ ଶିକ୍ଷକ ଅଭାବ ଓ ନିଯୁକ୍ତିର ବାହାନା ଦେଖାଇ ଏହି ପ୍ରତିଷ୍ଠାନକୁ ବନ୍ଦ କରି ଅନ୍ୟ କଲେଜ ସହ ମିଶାଇ ଦେବା ପାଇଁ ଯୋଜନା କରିଥିଲେ। ମାତ୍ର ପ୍ରତିବାଦ ହେବାରୁ ➾ପୃଷ୍ଠା-୬

## ଜୀବନ ନେଲା ଖୋଲା ଡ୍ରେନ୍

**ପୁରୀ, ୨୪।୧୨(ସଂଚାର ବ୍ୟୁରୋ):** ମୃତ୍ୟୁର ଠିକଣା କିଏ ଦେଖିଛି। ବାଟରେ ଚାଲୁ ଚାଲୁ ମୃତ୍ୟୁ କେଉଁଠି ଅପେକ୍ଷା କରିଥିବ ତାହା କିଏ ଜାଣିଛି। ଠିକ୍ ସେମିତି ଏକ ଦୁଃଖଦ ଘଟଣା ପର୍ଯ୍ୟଟନ ସହର ପୁରୀରେ ଘଟିଛି। ଜଣେ ଯୁବକ ପରିସ୍ରା କରିବା ବେଳେ ଡ୍ରେନରେ ଖସି ପ୍ରାଣ ହରାଇଛନ୍ତି। ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଗଜପତି ନଗରରେ ଏହି ଅଘଟଣ ଘଟିଛି। ମୃତ ଯୁବକ ଜଣଙ୍କ ହେଉଛନ୍ତି ପୁରୀ ଗଜପତି ନଗରର ବାବି ଚୌଧୁରୀ। ବାବି ଡ୍ରେନ ନିକଟରେ ପରିସ୍ରା କରୁଥିବା ବେଳେ ମୁକୁଳା ଡ୍ରେନରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୌରସଂସ୍ଥାର ଅବହେଳା ଯୋଗୁ ଏହି ଅଘଟଣ ଘଟିଥିବା କୁହାଯାଉଛି।

## ଉତ୍କର୍ଷ ଓଡିଶାକୁ ବୁଷ୍ଟର ଡୋଜ୍



- ପାରାଦୀପ ପାଇଁ ଆଇଓସିଏଲର ବଡ ପ୍ଲାନ
- ୬୧ ହଜାର କୋଟିର ପୁଂଜିନିବେଶ
- ପ୍ରତିଷ୍ଠା ହେବ ନାପଥା କ୍ରାକର ପ୍ଲାଣ୍ଟ
- ଜାନୁଆରୀରେ ହେବ ଭୂମୀପୂଜନ

**ଭୁବନେଶ୍ୱର,(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡିଶା କନକ୍ଲେଭ ପୂର୍ବରୁ ଇଣ୍ଡିଆନ ଅଏଲ କର୍ପୋରେନ ଓଡିଶାରେ ବଡ ପୁଂଜିନିବେଶ କରିବ। ପାରାଦୀପ ଠାରେ ପ୍ରତିଷ୍ଠା ହେବ ନାପଥା କ୍ରାକର ପ୍ଲାଣ୍ଟ। ଏହି ପ୍ରକଳ୍ପ ପାଇଁ ୬୧ ହଜାର କୋଟି ଟଙ୍କା ନିବେଶ କରିବ ଆଇଓସିଏଲ। ଆଜି ଆଇଓସିଏଲ ଅଧ୍ୟକ୍ଷ ଏ.ଏସ. ସହନାୟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଆସନ୍ତା ଜାନୁଆରୀରେ ଏହି ପ୍ରକଳ୍ପ ପାଇଁ ଭୂମୀପୂଜନ କରାଯିବ। ନାପଥ କ୍ରାକର ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ବିଧିବଦ୍ଧ ଅନୁମତି ମିଳିସାରିଥିବା ବେଳେ ଏହି ପ୍ରକଳ୍ପ ପାଇଁ ଓଡିଶାରେ ଆଇଓସିଏଲ ସବୁଠୁ ବଡ ପୁଂଜିନିବେଶ କରିବାକୁ ଯାଉଛି। ସବୁଠୁ ବଡ କଥା ହେଲା ଏହି ପ୍ରକଳ୍ପରେ ରାଜ୍ୟ ସରକାର ମଧ୍ୟ ଅଂଶିଦାର ବା ଇକ୍ୱିଟି ହୋଲଡର ଅଛନ୍ତି। ଯାହାଦ୍ୱାରା ରାଜ୍ୟ ସରକାର ଏହି ପ୍ରକଳ୍ପରୁ ଟିକସ ସହ ଲାଭାଂଶ ମଧ୍ୟ ପାଇବେ।

ଏଥିସହିତ ଆସନ୍ତା ଜାନୁଆରୀରେ ଭଦ୍ରକଠାରେ ପ୍ରସ୍ତାବିତ ବୟନ ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପରେ ଆଇଓସିଏଲ ୪୩୫୨ କୋଟି ଟଙ୍କା ➾ପୃଷ୍ଠା-୬

## ନୂଆବର୍ଷରୁ ପାର୍ଟ ପ୍ଲଟ ବିକ୍ରି

**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଜାନୁଆରୀରୁ ବିକ୍ରି ହୋଇ ପାରିବ ପାର୍ଟପ୍ଲଟ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ଡିସେମ୍ବର ୩୧ ତାରିଖରେ ହେବାକୁ ଥିବା ବୈଠକରେ ସମାଧାନର ବାଟ ବାହାରିବ। ନୂଆବର୍ଷରୁ ଆଉ ରହିବନି ଏହି ସମସ୍ୟା। ଆବଶ୍ୟକ ପଡ଼ିଲେ ରେରା ଆଇନରେ ସଂଶୋଧନ କରାଯିବ। ପୂର୍ବରୁ ରେରା କମିଟିକୁ ଏନେଇ କୁହାଯାଇଛି। ଆଇନ ଶବ୍ଦ ସଂଯୋଜନାରେ ଅସୁବିଧା ଥିଲା। ରାଜସ୍ୱ ମନ୍ତ୍ରୀ ଆହୁରି କହିଛନ୍ତି, ବେଆଇନ ଭାବେ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ହୋଇଛି। ୩୧ଜଣ ଜିଲ୍ଲା ରେଜିଷ୍ଟ୍ରର, ସବ ରେଜିଷ୍ଟ୍ରରଙ୍କ ତାଲିକା ମଧ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ସେମାନଙ୍କର ଏଥିରେ କେତେ ଭଲ ଓ କେତେ ମନ୍ଦ ଉଦ୍ଦେଶ୍ୟ ଥିଲା ତାର ମଧ୍ୟ ଖୋଳତାଡ଼ ହେବ। ଜରୁରୀ ଆବଶ୍ୟକତା ଥିବା ସମୟରେ ଗୋଟିଏ ପ୍ଲଟ୍‌ରୁ କିଛି ଅଂଶ ବିକ୍ରି କରିବାକୁ ହେଲେ ବହୁ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଏପରିକି ଅନେକ ସମୟରେ ଆଂଶିକ ପ୍ଲଟ ବିକ୍ରି ହୋଇ ପାରୁ ନ ଥିଲା।

## କ୍ରିମ ଖାଇ ଛାଡ଼ିଦେଲେ ସ୍ଲିମ୍ ଟ୍ରିମ୍ ଏସିପି



କ୍ରିମ ଖାଇଲେ। ଆଉ ଜେତେବେଳେ କ୍ରିମ ସରିଗଲା, ସେତବେଳେ ଦୂରେଇଗଲେ। ସେ ଗୋଟିଏ ପିଲାର ମା'। ସ୍ୱାମୀ ବି ଅଛନ୍ତି। ହେଲେ ମାଡାମ୍ ଏବେ କହି ବୁଲୁଛନ୍ତି ନିଜକୁ ଯୁବତୀ। ଖାଲି ସେତିକି ନୁହେଁ ବିବାହ କରିବାକୁ ଭଲ ବର ପାତ୍ର ଖୋଜୁଛନ୍ତି। କଥାଟି ଅଡୁଆ ଲାଗିଲେ ବି ଖାଣ୍ଟି ସତ। ଆମେ କହୁଛି କମିଶନରେଟ୍ ପୋଲିସରେ ସବୁ ଠାରୁ ସ୍ଲିମ୍ ଟ୍ରିମ ଏସିପିଙ୍କ କଥା। ମ୍ୟାଡାମଙ୍କ ଏବେ ଏବେ ବଳଦି ହୋଇଛି। ବଦଳି ପଛରେ ଭୋଳା ଶଙ୍କରଙ୍କ ହାତ ଥିବା ସ୍ଲିମ୍ ମାଡାମ୍ ବୁଲି ବୁଲି କହିବା ସହ ଭୋଳା ବାବାଙ୍କୁ ବଦନାମ କରୁଛନ୍ତି। ଖାଲି ସେତିକି ନୁହେଁ ନିଜର ବଦଳି ବାତିଲ କରି ଭୁବନେଶ୍ୱରରେ ରହିବକୁ ବାର ଦୁଆର ହେଉଛନ୍ତି। ସ୍ଲିମ୍ ମାଡାମ୍ କୁଅଡେ ଭୁବନେଶ୍ୱରରେ ସରକାରୀ ଚାକିରି ପାଇଁ ବହୁତ ପାଠ ପଢ଼ି ଥିଲେ। ସେ ସମୟରେ ପ୍ରେମ ବିବାହ କରିଥିଲେ। ତାଙ୍କର ପୁଆ ହୋଇଥିଲା। କ'ଣ ହେଲା କେଜାଣି ସ୍ୱାମୀ ଓ ଶାଶୁ ଘରର ସମସ୍ତଙ୍କ ନାଁରେ ମହିଳା ଥାନାରେ ଏତଲା ଦେଲେ। ପୁଲିସ୍ ମାମଲା ରୁଜୁ ଘଟଣାର ତଦନ୍ତ କରିଲା। ଏହାରି ଭିତରେ ବିନା କୌଣସି ଭରଣ ପୋଷଣ ନେଇ ସ୍ଲିମ୍ ମାଡାମ୍ ସ୍ୱାମୀ ପିଲାକୁ ଛାଡି ହଠାତ୍ ଗାଏବ ହୋଇଗଲେ। ପୋଲିସ୍ ଚାକିରି ପାଇଁ ଦୁଇ ଅଢ଼େଇ ବର୍ଷ ହେବ କମିଶରେଟ୍ ପୋଲିସ ଅଛନ୍ତି। ମୋତିଆ ବିନ୍ଦୁର ପରଳ ମାଡି ବସିଥିବା କିଛି ଅଫିସର ସ୍ଲିମ୍ ମାଡାମଙ୍କୁ ସୁନ୍ଦରୀ କହୁଛନ୍ତି। ମାଡମ୍ ବି ନିଜକୁ ଅବିବାହିତ ଯୁବତୀ କହି ବୁଲିବା ସହ ବାହା ହେବାକୁ ଭଲ ପ୍ରସ୍ତାବ ଖୋଜୁଛନ୍ତି। ଏକଥା ଏବେ ପୋଲିସ ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ବାହାହେଲେ ଗାଈ ସହ କୁଆଡେ ବାଛୁରୀ ଫ୍ରି ମିଳିବ ବୋଲି ମଜାରେ କହି ବୁଲୁଛନ୍ତି କିଛି ପୋଲିସ ବାବୁ।



### କାନ ଡେରିଥା

ମୋହନ ସାଙ୍ଗରେ ଧର୍ମେନ୍ଦ୍ର ଧମାକା
ବଢ଼ାଏ ସରକାର ଗତି
ଅଚଳ ସରକାର ପ୍ରଚାର ସମାପ୍ତ
ବଢ଼େ ବିକାଶ ଧାରର ସ୍ଥିତି

## ସନ୍ୟାସୀଙ୍କ ନୂଆ ବଡିଗାର୍ଡ ଅରୁଣ-ଅତନୁ

**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ବହଟି ଲେଖାଯାଇଛି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ। ବହି ଭିତରେ କେଇପଦ ରହିଛି ତତ୍କାଳୀନ ଆଇଏଏସ୍ ଅଫିସର ତଥା ବର୍ତ୍ତମାନର ସନ୍ୟାସୀ ଭି କେ

### ସନ୍ୟାସୀଙ୍କୁ କହିଲେ ଏମାନଙ୍କୁ ବାଧୁଛି

ପାଣ୍ଡିଆନଙ୍କ ସଂକ୍ରାନ୍ତରେ। ତେବେ ନବୀନଙ୍କ ସଂକ୍ରାନ୍ତରେ ପ୍ରକାଶିତ ଲେଖା ଉପରେ ପ୍ରତିକ୍ରିୟା ନଥିବାବେଳେ ସନ୍ୟାସୀଙ୍କ ସଂକ୍ରାନ୍ତରେ ବାହାରିଥିବା ଲେଖା ପାଇଁ ଲେଖକଙ୍କୁ ଗାଳି କରିବାକୁ ଆଗେଇ ଆସିଛନ୍ତି ତାଙ୍କର ଦୁଇ ନୂଆ ବଡିଗାର୍ଡ ଅରୁଣ ଓ ଅତନୁ।

ରାଜନୀତିରୁ ସନ୍ୟାସ ନେଇ ନବୀନ ନିବାସରେ ବସିଥିବା ସନ୍ୟାସୀଙ୍କ ପାଇଁ ବିଜେଡିର ଦୁଇ ତୁଙ୍ଗନେତା ହଠାତ୍ ଏଭଳି ପ୍ରତିକ୍ରିୟାଶୀଳ ହୋଇ ଉଠିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସନ୍ୟାସୀଙ୍କ ନିର୍ଦ୍ଦେଶରେ ଦୁଇ ନେତା ମଇଦାନକୁ କୁଦିଥିବା ଆଲୋଚନା ହେଉଛି। କାରଣ ବରିଷ୍ଠ ସାମ୍ବାଦିକ





ରୁବେନ ବାନାର୍ଜୀ ନବୀନଙ୍କ ଉପରେ ଲେଖିଥିବା ପୁସ୍ତକରେ ପାଣ୍ଡିଆନ କିଭଳି ବିଜେଡିକୁ ବୁଡାଇଲେ ଓ ଅନ୍ୟମାନଙ୍କ ରାଜନୀତିରେ ଡୋରି ବାନ୍ଧିଦେଲେ ତାହାକୁ ଟିକିନିଖି କରି ବଖାଣିଛନ୍ତି। ଏହାକୁ ନେଇ ବିଜେଡିର ଅନେକ ନେତା ଖୁସିରେ କୁରୁଳୁଥିବାବେଳେ ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭଳି ବରିଷ୍ଠ ବିଧାୟକ ଏହା ଉପରେ ତେରେଛା ବାଣ ମାରିଛନ୍ତି। ବିଜେଡି ଛାଡିଥିବା ପୂର୍ବତନ ମନ୍ତ୍ରୀ ସମୀର ଦାସ ଲେଖାଟି ସମ୍ପୂର୍ଣ୍ଣ ସତ୍ୟ ବୋଲି ସଫା ସଫା କହିଛନ୍ତି। ମାମଲା ଭିନ୍ନ ଦିଗକୁ ଯାଉଥିବାବେଳେ କାଳେ ଆଉ କିଏ ଏହି ଲେଖାକୁ ଅସ୍ତ୍ର କରି ସନ୍ୟାସୀଙ୍କ ଆଡକୁ ଅଧିକ ବାଣ ମାରିବ ତାହା ପୂର୍ବରୁ ଘଟଣାକୁ ଭିନ୍ନମୋଡ ଦେବାପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଉଦ୍ୟମର ମଙ୍ଗ ଧରିଛନ୍ତି ବିଧାୟକ ଡକ୍ଟର ଅରୁଣ ସାହୁ ଓ ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ। ଏହି ଦୁଇଜଣ ଏବେ ପୁସ୍ତକରେ ଲେଖାଥିବା ଘଟଣାଟି ସତ୍ୟ କିମ୍ବା ମିଥ୍ୟା ତାହା ସ୍ପଷ୍ଟ କରିବା ବଦଳରେ ଚାହା ଖଟିରୁ ଶୁଣି ଲେଖକ ଏହା ଲେଖିଥିବା କହିଛନ୍ତି। ଏ ଦୁଇଜଣ ପରୋକ୍ଷରେ ସ୍ୱୀକାର କରିଛନ୍ତି ଯେ ସନ୍ୟାସୀଙ୍କ ➾ପୃଷ୍ଠା-୬

## ଜୀବନ ଅମୃତ ଅନୁଚିନ୍ତା

ସଦଗୁରୁ-ଉପଯୁକ୍ତ ଶିକ୍ଷା ଏବଂ ମାର୍ଗ ଦର୍ଶନ ପାଇଁ ଗୁରୁଙ୍କ ଆବଶ୍ୟକତା ରହିଛି। କିନ୍ତୁ ସଦଗୁରୁ କେବଳ ଶିକ୍ଷା ନୁହେଁ, ଜୀବନର ଲକ୍ଷ୍ୟ ଧାର୍ଯ୍ୟରେ ତୁମକୁ ସହାୟକ ହୁଅନ୍ତି। ତୁମକୁ ଜୀବନରେ ଉପଯୁକ୍ତ ପଥ ନିର୍ଦ୍ଧାରଣ କରିବାରେ ଆଲୋକ ବର୍ତ୍ତିକା ଭାବେ କାର୍ଯ୍ୟ କରନ୍ତି।

SANCHAR
ସଂଚାର



# କାଲିର ବିପତ୍ତି ନାଇଁ ଆଜିଠୁ ପ୍ରସ୍ତୁତି

ଚଳିତ ଶତାବ୍ଦୀର ସବୁଠାରୁ ବଡ଼ ବିପତ୍ତି ଥିଲା କୋଭିଡ ମହାମାରୀ। ସରକାରୀ ହିସାବରେ ଏଥିରେ ୨ କୋଟିରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। କିନ୍ତୁ ବାସ୍ତବରେ ମୃତ୍ୟୁ ସଂଖ୍ୟା ୫ କୋଟିରୁ ଅଧିକ ହେବ। କୋଭିଡ ମହାମାରୀ ଯୋଗୁଁ ଯେତିକି ଜୀବନ ଯାଇଛି ତାହାଠାରୁ ଅଧିକ କଷ୍ଟଦାୟକ ହୋଇଛି ସାଧାରଣ ଜୀବନଯାତ୍ରା ଉପରେ କଟକଣା। ଲକଡାଉନ-ସଟଡାଉନ ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇଯାଇଥିଲା। ଆର୍ôଥକ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ଯଦିଓ କୋଭିଡ-୧୯ ଏବେ ବି ରହିଛି ଏବଂ ଆଗକୁ ମଧ୍ୟ ରହିବ, କିନ୍ତୁ ଏହା ଆଉ ସାଧାରଣ ସ୍ୱାସ୍ଥ୍ୟ ପ୍ରତି ବିପଦ ନୁହେଁ ବା ଚିନ୍ତାଜନକ ନୁହେଁ ବୋଲି ହୁ ପକ୍ଷରୁ କୁହାଯାଇଥିଲା। ଏବେ ହୁ ପକ୍ଷରୁ ପୁନର୍ବାର ଚେତାବନୀ ଦିଆଯାଇଛି ଯେ, ମହାମାରୀ ଶବ୍ଦ ହଟାଇ ଦିଆଯାଇଛି ସତ, ମାତ୍ର କୋଭିଡ ବିପଦ ଏବେ ବି ଦୂର ହୋଇନାହିଁ। କେତେବେଳେ ଏହା ନିଜ ରୂପ ବଦଳାଇ ପୁଣି ଆକ୍ରମଣ କରିବ, ତାହା କୁହାଯାଇପାରିବ ନାହିଁ। ସେଥିପାଇଁ ଏବେ ବି ସର୍ବନିମ୍ନ ସତର୍କତା ରକ୍ଷା ଜରୁରୀ। କେବଳ ସେତିକି ନୁହେଁ, ଆଗାମୀ ଦିନରେ କୋଭିଡ ମହାମାରୀ ଭଳି ଆହୁରି ଅନେକ ଭୟଙ୍କର ରୋଗ ମହାମାରୀ ରୂପ ନେଇ ଆସିପାରେ। ସେଥିପାଇଁ ସତର୍କତା ଅବଲମ୍ବନ କରାଯିବା ଜରୁରୀ। ଉଲ୍ଲେଖ ଯୋଗ୍ୟ ଯେ, ଏବେ ବି ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ପ୍ରତିଦିନ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ଏବଂ ପ୍ରତିଦିନ କିଛି ବ୍ୟକ୍ତି ପ୍ରାଣ ହରାଉଛନ୍ତି। କୋଭିଡ-୧୯ର ସମ୍ପୂର୍ଣ୍ଣ ବିଲୋପ ହୋଇନାହିଁ କିମ୍ବା ହେବ ନାହିଁ। ଅନ୍ୟ ସାଧାରଣ ରୋଗ ଭଳି ଏହା ରହିବ। ଆଗକୁ କୋଭିଡ ମୁକାବିଲା ଲାଗି ଅଧିକ ପ୍ରଭାବଶାଳି ଔଷଧ ଏବଂ ପ୍ରତିଷେଧକ ବାହାରିବ। ତେଣୁ ଅନ୍ତତଃପକ୍ଷେ ଏଥିରେ ମୃତ୍ୟୁ ହାର କମିବ। ୨୦୧୯ରେ ଚୀନର ଉହାନ ନଗରୀରେ ପ୍ରଥମେ ଏହି ଭାଇରସ କରୋନା ଚିହ୍ନଟ ହୋଇଥିଲା। ପରେ ପରେ ଏହା ଦ୍ରୁତ ଗତିରେ ବ୍ୟାପିଯାଇଥିଲା ଏବଂ ହଜାର ହଜାର ଲୋକ ଏଥିରେ ଆକ୍ରାନ୍ତ ହେବା ସହିତ ପ୍ରାଣ ହରାଇଲେ। ତେଣୁ ଚୀନ ସରକାର ବାଧ୍ୟ ହୋଇ ଉହାନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲକଡାଉନ ଘୋଷଣା କଲେ। ଉହାନ ମହାନଗରୀ ଏକ ପ୍ରକାର ଭୂତ ନଗରୀରେ ପରିଣତ ହେଲା। କୁହାଯାଏ ଯେ, ଉହାନର ଏକ ବଜାରରୁ ଏହି ଭାଇରସ ବାହାରିଥିଲା ଯେଉଁଠି ବାଦୁଡ଼ି ଏବଂ ଅନ୍ୟ ଜଙ୍ଗଲୀ ପଶୁ ପକ୍ଷୀଙ୍କ ମାଂସ ବିକ୍ରି ହୋଇଥାଏ। ତେଣୁ କେତେକ ଏହି ଭାଇରସ ବାଦୁଡ଼ି ଶରୀରରୁ ଆସିଛି ବୋଲି କହିଲେ। ପରେ ଏଭଳି ଆଶଙ୍କା ପ୍ରକାଶ ପାଇଲା ଯେ, ଏହି ଭାଇରସ ଉହାନସ୍ଥିତି ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି ଲ୍ୟାବରୁ ଲିକ ହୋଇଛି। ଏହି ଧାରଣା ଏବେ ବି ବଳବତ୍ତର ରହିଛି ଏବଂ ଉହାନ ଲ୍ୟାବ ସନ୍ଦେହ ଘେରରେ ରହିଛି। ତେଣୁ ଅନେକ କୋଭିଡ ମହାମାରୀକୁ ମନୁଷ୍ୟକୃତ ବିପର୍ଯ୍ୟୟ ବୋଲି କହନ୍ତି ଆଉ ଏଥିପାଇଁ ଚୀନକୁ ଦାୟୀ କରିଆସୁଛନ୍ତି। ଏହା ଉପରେ ଅନେକ ତଦନ୍ତ ହୋଇଛି। କିନ୍ତୁ ଚୀନ କେବେ ଏହାକୁ ସ୍ୱୀକାର କରିନି କିମ୍ବା କରୋନା ଭାଇରସର ଉତ୍ପତ୍ତି ସମ୍ପର୍କିତ ତଦନ୍ତରେ ସହଯୋଗ କରିନି। ଆଶା କରାଯାଉଛି ଦିନେ ନା ଦିନେ ପ୍ରକୃତ ସତ୍ୟ ପଦାକୁ ବାହାରିବ। ପୂର୍ବରୁ ଚୀନର ଯିଏ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛି ତାକୁ ଶେଷ କରିଦିଆଯାଇଛି। ଏହା ହେଉଛି କମ୍ୟୁନିଷ୍ଟ ଚୀନର ଚରିତ୍ର। କରୋନା ସଂକ୍ରମଣ ଆରମ୍ଭରୁ ହୁ ଏହାକୁ ସେଭଳି ଗୁରୁତ୍ୱ ଦେଉନଥିଲା। କିନ୍ତୁ ପରିସ୍ଥିତି ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଗଲା ସେତେବେଳେ ୨୦୨୦ ମାର୍ଚ୍ଚରେ ହୁ ବାଧ୍ୟ ହୋଇ ଏହାକୁ ମହାମାରୀ ଘୋଷଣା କଲା। ଏହାର ନାମ ଦିଆଗଲା କରୋନା ଭାଇରାଲ ଡିଜିଜ-୨୦୧୯ (କୋଭିଡ-୧୯)। ଚାହୁଁଚାହୁଁ ଏହା ବନାଗ୍ନି ଭଳି ସାରା ବିଶ୍ୱକୁ ବ୍ୟାପିଗଲା। ବିଶ୍ୱବ୍ୟାପୀ ଲକଡାଉନ/ସଟଡାଉନ ସତ୍ତ୍ୱେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲା। ପରବର୍ତ୍ତୀ ସମୟରେ କରୋନା ଭାଇରସ ଏହାର ରୂପ ବଦଳାଇ ଆହୁରି ଭୟଙ୍କର ହେଲା। ୨୦୨୧ରେ କୋଭିଡର ଦ୍ୱିତୀୟ ଲହର ଅତି ଭୟଙ୍କର ହେଲା ଏବଂ ଲୋକେ ପୋକମାଛି ଭଳି ମଲେ। ପ୍ରଥମରୁ ଆଶଙ୍କା କରାଯାଉଥିଲା ଯେ, କେବଳ ଗରିବ ଏବଂ ଅନୁନ୍ନତ ଦେଶରେ ଏହାର ପ୍ରକୋପ ଅଧିକ ଦେଖାଯିବ। କିନ୍ତୁ ଏହା ଭୁଲ ପ୍ରମାଣିତ ହେଲା। ଆମେରିକା ଏବଂ ୟୁରୋପର ଅନେକ ଉନ୍ନତ ଏବଂ ବିକଶିତ ଦେଶରେ ଏହାର ପ୍ରକୋପ ଅଧିକ ଅନୁଭୁତ ହେଲା। ଭାରତ ମଧ୍ୟ ଏଥିରୁ ବାଦ ପଡ଼ିନି। ସରକାରୀ ହିସାବ ଅନୁଯାୟୀ ଭାରତରେ ଏବେ ସୁଦ୍ଧା ୫ଲକ୍ଷ ଏବଂ ସାରା ବିଶ୍ୱରେ ୭୦ଲକ୍ଷରୁ ଅଧିକ ବ୍ୟକ୍ତି ଏଥିରେ ପ୍ରାଣ ହରାଇଛନ୍ତି। କିନ୍ତୁ ବାସ୍ତବରେ ମୃତ୍ୟୁ ସଂଖ୍ୟାଏହାଠାରୁ ଢେର ଅଧିକ ହେବ। ଅଧିକାଂଶ ଦେଶ କୋଭିଡ ମୃତ୍ୟୁର ପ୍ରକୃତ ସଂଖ୍ୟା ଲୁଚାଇଲେ। ପରିସ୍ଥିତି ଏପରି ହେଲା ହସ୍ପିଟାଲରେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ପର୍ଯ୍ୟାପ୍ତ ବେଡର ଅଭାବ ଦେଖାଗଲା। ଗୁରୁତର ରୋଗୀଙ୍କ ପାଇଁ ଆଇସିୟୁ, ଭେଣ୍ଟିଲେଟର ଏବଂ ଅକ୍ସିଜେନ ଅଭାବ ଦେଖିବାକୁ ମିଳିଲା। ଏଭଳି ପରିସ୍ଥିତି ସମ୍ପର୍କରେ କେହି କେବେ କଳ୍ପନା ବି କରିନôଥଲେ। ୨୦୨୧ରେ କରୋନାର ଦ୍ୱିତୀୟ ଲହର ବେଳେ ଡେଲଟା ଭାଇରସ ମୃତ୍ୟୁର ସୁନାମୀ ଆଣିଲା। ଭାରତରେ ଅନେକ ଲୋକ ଅକ୍ସିଜେନ ଅଭାବରୁ ପ୍ରାଣ ହରାଇଲେ। ଏପରିକି ଶବଦାହ ପାଇଁ ଶ୍ମଶାନରେ ସ୍ଥାନାଭାବ ଦେଖାଗଲା। ଶେଷରେ କୋଭିଡର ପ୍ରତିଷେଧକ ଟିକା ଉଦଭାବନ ହେଲା। ଧିରେ ଧିରେ ଅଧିକ ସଂଖ୍ୟାରେ ଏବଂ ଉନ୍ନତମାନର ଟିକା ବାହାରିଲା। ଏଥିରେ ଭାରତର ଭୂମିକା ଥିଲା ଅଗ୍ରଣୀ। ଟିକା ବାହାରିବା ପରେ ପରିସ୍ଥିତି ଟିକେ ନିୟନ୍ତ୍ରିତ ହେଲା। ଭାରତ ନିଜ ଦେଶର ଆବଶ୍ୟକତା ପୂରଣ କରି ଅନ୍ୟ ଦେଶକୁ ମଧ୍ୟ କୋଭିଡ ଟିକା ଏବଂ ମେଡିସିନ ଯୋଗାଇ କୋଟି ଜୀବନ ରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା। କୋଭିଡ ମହାମାରୀ ବିଶ୍ୱ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି। ମହାମାରୀ ପରେ ମଧ୍ୟ ଅନେକ ଏହାର ପାର୍ଶ୍ୱ ପ୍ରଭାବରେ ପ୍ରାଣ ହରାଇଛନ୍ତି। ତେବେ କୋଭିଡ ମୁକାବିଲାରେ ଭାରତ ସରକାରଙ୍କ ଭୂମିକା ପ୍ରଶଂସନୀୟ। ଏହି ପରିପ୍ରେକ୍ଷୀରେ ଆଗକୁ ସମ୍ଭାବ୍ୟ ମହାମାରୀ ଲାଗି ସରକାର ସବୁ ବେଳେ ପ୍ରସ୍ତୁତ ରହିବା ଉଚିତ। ସ୍ୱଚ୍ଛତା ବଜାୟ ରଖିବା ହେଉଛି ରୋଗ ମୁକାବିଲା ନିମନ୍ତେ ସବୁଠାରୁ ଉପାୟ। ଅଧାରୋଗର ନିରାକରଣ ଏହା ଦ୍ୱାରା ସମ୍ଭବ। ସ୍ୱଚ୍ଛତା ବଜାୟ ରଖିଲେ ମଶା ଜନିତ ରୋଗ ନିୟନ୍ତ୍ରଣ ଅନେକାଂଶରେ ସମ୍ଭବ ହୋଇପାରିବ। ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗର କାରଣ ହେଉଛି ସ୍ୱଚ୍ଛତାର ଅଭାବ। ଏବେ ଆମେରିକାରେ ପୁଣି ମ୍ୟାଲେରିଆ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। କାଲି ଭାରତରେ ମଧ୍ୟ ଏହା ହୋଇପାରେ। ତେଣୁ ଆଗାମୀ କାଲିର ମହାମାରୀ ପାଇଁ ଆଜିଠାରୁ ପ୍ରସ୍ତୁତି ସ୍ୱରୂପ ସ୍ୱଚ୍ଛତାକୁ ବଜାୟ ରକିବା ଜରୁରୀ। ଏହାକୁ ଏକ ଅଭ୍ୟାସରେ ପରିଣତ କରିବାକୁ ପଡ଼ିବ। ଜନସଚେତନତା ଦ୍ୱାରା କେବଳ ଏହା ସମ୍ଭବ। ଏହା ବାଦ କଠୋର ଆଇନର ମଧ୍ୟ ଆବଶ୍ୟକତା ରହିଛି। କିନ୍ତୁ ଆଇନ ତୁଳନାରେ ଜନ ସଚେତନତା ଅଧିକ ଜରୁରୀ। ଏଥିଲାଗି ସ୍କୁଲ ସ୍ତରରୁ ପିଲାମାନଙ୍କୁ ଶିକ୍ଷାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ଆଗାମୀ ୧୦ ବର୍ଷ ପରେ ପରିସ୍ଥିତି କ'ଣ ହେବ ତାହାକୁ ଆକଳନ କରି ଯୋଜନା ପ୍ରସ୍ତୁତ ହେବା ଉଚିତ। କେବଳ ମହାମାରୀ ନୁହେଁ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ମୁକାବିଲା ନିମନ୍ତେ ପ୍ରସ୍ତୁତି ଆବଶ୍ୟକ। ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ଜନିତ ସମସ୍ୟା ଏବଂ ଏଥିଯୋଗୁଁ ଯେଉଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବ ତାହାର କିପରି ମୁକାବିଲା କରାଯାଇପାରିବ ତାହା ଉପରେଏବେଠାରୁ ବ୍ୟାପକ ଆଲୋଚନା ଏବଂ ନିରାକରଣ ଲାଗି ଯୋଜନା ପ୍ରସ୍ତୁତ ହେବା ଉଚିତ।

# ପକେଟ କଣା କରୁଛି ଚିକିତ୍ସା ସେବା



ନାରାୟଣ ଚନ୍ଦ୍ର ବିଶ୍ୱାଳ



କେନ୍ଦ୍ର ସରକାର କେତେକ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିଛନ୍ତି। ସେସବୁ ମଧ୍ୟରେ ରହିଛି ଶ୍ୱାସ (ଆଜମା), ଯକ୍ଷ୍ମା, ଥାଲାସେମିଆ, ଗ୍ଲୁକୋମା, ମାନସିକ ଅବସାଦ ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଆଠଟି ଔଷଧ। କଞ୍ଚାମାଲ ଦାମ ବୃଦ୍ଧି ଯୋଗୁଁ ଏହିସବୁ ଔଷଧର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିଲା ବୋଲି ସରକାରୀ ଭାବେ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ ଯେଉଁସବୁ ଔଷଧର ମୂଲ୍ୟ ବୃଦ୍ଧି ପାଇଛି ତାହାର ବଜାର ଦର ଅତି କମ ରହୁଥିବାରୁ ଦର ବୃଦ୍ଧି ପାଇଲେ ମଧ୍ୟ ଲୋକଙ୍କ ପକେଟକୁ ବିଶେଷ ବାଧିବ ନାହିଁ। ଅପରପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ବିଶ୍ୱର ମୋଟ ଯକ୍ଷ୍ମା ସଂକ୍ରମିତଙ୍କ ମଧ୍ୟରୁ ୨୬% ଭାରତରେ ଅଛନ୍ତି ଏବଂ ଯକ୍ଷ୍ମାଜନିତ ସଂକ୍ରମଣ ଓ ମୃତ୍ୟୁର ଭୟାବହତା କୋଭିଡ ୧୯ ଠାରୁ ମଧ୍ୟ ଅଧିକ। ଏଭଳି ପରିସ୍ଥିତିରେ କଞ୍ଚାମାଲ ଦର ବୃଦ୍ଧି ଆଳରେ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିବା କେତେ ଯୁକ୍ତିଯୁକ୍ତ ତାହା ବିଚାରସାପେକ୍ଷ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ଔଷଧ କିଣା ଖର୍ଚ୍ଚ ଆସୁନଥିବାରୁ ଗରିବ ଲୋକେ ହନ୍ତସନ୍ତ ହେଉଛି ଏବଂ ଦର ବୃଦ୍ଧି ପଛରେ ବ୍ୟବସାୟୀ ପ୍ରଭାବ କାମ କରୁଛି ବୋଲି କେତେକ ମହଲରୁ ଅଭିଯୋଗ ଆସିଛି। ଆହୁରି ବିଡ଼ମ୍ବନା ହେଉଛି ବଜାରରେ ଜରୁରୀ ଔଷଧର ଦରଦାମ ନିୟନ୍ତ୍ରଣ ପାଇଁ ଗଠିତ ଜାତୀୟ ଔଷଧ ଦର କର୍ତ୍ତୃପକ୍ଷ ହିଁ ଏହିସବୁ ଔଷଧର ୫୦% ପର୍ଯ୍ୟନ୍ତ ଦରବୃଦ୍ଧିକୁ ସୁପାରିସ କରିଛି। ଏହି ଘଟଣା ପ୍ରଥମ ନୁହେଁ। ଏନପିପିଏ ଦ୍ୱାରା ୨୦୧୯ରେ ୧୨ଟି ଏବଂ ୨୦୨୧ରେ ଆଉ ତିନୋଟି ଜୀବନରକ୍ଷାକାରୀ ଔଷଧର ୫୦% ଯାଏ ମୂଲ୍ୟ ବୃଦ୍ଧି ଅନୁମୋଦିତ ହୋଇଥିଲା।

ନାଗରିକମାନଙ୍କୁ ନିରୋଗ ଓ ସୁସ୍ଥ ସବଳ ରଖିବା ଜନମଙ୍ଗଳ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସହିତ ବିଭିନ୍ନ ରାଜ୍ୟ ସରକାର ମଧ୍ୟ ବିବିଧ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ସମସ୍ତଙ୍କୁ ମୌଳିକ ତଥା ସୁଲଭ ମୂଲ୍ୟର ଚିକିତ୍ସା ସେବା ଯୋଗାଇ ସୁସ୍ଥ ଭାରତର ସହସ୍ରାବ୍ଦୀ ଲକ୍ଷ୍ୟ ପୂରଣ ଦିଗରେ ଭାରତ ଅଗ୍ରସର ହେଉଥିବା କେନ୍ଦ୍ର ସରକାର କହୁଥିବା ପୃଷ୍ଠଭୂମିରେ ଜୀବନରକ୍ଷାକାରୀ ଔଷଧକୁ ସମ୍ପୂର୍ଣ୍ଣ ସୁଲଭ କରିବା ପରିବର୍ତ୍ତେ ଦର ବୃଦ୍ଧି କରିବା ଅସମୀଚୀନ ନୁହେଁ କି? ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଉଭୟ ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ବଢ଼ୁଛି। ଯେଉଁମାନେ ଏସବୁ ରୋଗର ଚିକିତ୍ସା ପାଇଁ ସରକାରୀ ସୁବିଧା ସୁଯୋଗ ପାଉନାହାଁନ୍ତି, ସେମାନଙ୍କ ସଂଖ୍ୟା ବହୁ ଅଧିକ। କର୍କଟ, ଯକ୍ଷ୍ମା, ଶ୍ୱାସ, ହୃଦରୋଗ, ମଧୁମେହ, ଉଚ୍ଚରକ୍ତଚାପ ଆଦି ସେଥିମଧ୍ୟରୁ ଅନ୍ୟତମ। ଏଥିପାଇଁ ରୋଗୀ ଓ ସେମାନଙ୍କ ପରିବାରକୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। ପରୀକ୍ଷା ନିରୀକ୍ଷା ବାବଦ ଖର୍ଚ୍ଚ ମଧ୍ୟ ରୋଗୀର ପକେଟ ସୀମାର ବହୁ ଉର୍ଦ୍ଧ୍ୱରେ। ସରକାରୀ ବୀମା ସୁବିଧା ପାଉନଥିବା ଜନସଂଖ୍ୟାର ଏକ ବିଶାଳ ବର୍ଗ ପାଇଁ ସ୍ୱାସ୍ଥ୍ୟ ସେବା ବା ଚିକିତ୍ସା ଏକ ବିରାଟ ବୋଝ। ଯେଉଁମାନେ ନିଜସ୍ୱ ସମ୍ବଳ ଓ ଖର୍ଚ୍ଚରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା କରୁଛନ୍ତି ସେମାନଙ୍କ ଉପରେ ହାସ୍ୟାସ୍ପଦ ଭାବେ ଜିଏସଟି କଷି ଦିଆଯାଉଛି। ବସ୍ତୁତଃ ଭାରତରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ସରକାରଙ୍କ ମୌଳିକ କର୍ତ୍ତବ୍ୟରୁ ବହୁ ଉର୍ଦ୍ଧ୍ୱକୁ ଉଠି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି।

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଟିଳ ଓ ଦୁରାରୋଗ୍ୟ ବ୍ୟାଧିର ଉପଚାର ପାଇଁ ବ୍ୟବହୃତ ଔଷଧର ଏକ ଜାତୀୟ ତାଲିକା ପ୍ରସ୍ତୁତ କରାଯାଏ। ସେଥିରେ ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ ଗୁଡ଼ିକୁ ତାଲିକାଭୁକ୍ତ କରି ତାହାର ମୂଲ୍ୟ କମ ରଖିବା ପାଇଁ ଏକାଧିକ ନିୟାମକ ସଂସ୍ଥା ଗଠିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ସହିତ ଆଲୋଚନା ପରେ ଔଷଧର ପ୍ରଚଳନ ଓ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। କିନ୍ତୁ ସରକାରୀ ବାବୁମାନେ ଯେଉଁ ସ୍ତରରେ ବସି ଆଲୋଚନା କରନ୍ତି ତାହାଠାରୁ ଢ଼େର ଦୂରରେ ଥାଏ ବାସ୍ତବତା। ଏହାକୁ ହୃଦୟଙ୍ଗମ ନକରିବା ପର୍ଯ୍ୟନ୍ତ ବା ବାବୁମାନେ ତୃଣମୂଳସ୍ତର ସହିତ ଜଡ଼ିତ ନହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ଔଷଧ ଚିକିତ୍ସା ଖର୍ଚ୍ଚ ସମାବେଶୀ ହୋଇପାରିବ ନାହିଁ।

ଆମ ଚିକିତ୍ସା ବ୍ୟବସ୍ଥା ଏପରି ଯେ ଗୋଟିଏ ବର୍ଗ ସବୁଠାରୁ ଉତ୍ତମ ଚିକିତ୍ସା ପାଉଥିବାବେଳେ ଆଉ ଏକ ବୃହତ୍ ବର୍ଗ ଏଥିରୁ ବଞ୍ଚିତ ହେଉଛନ୍ତି। ପୁଣି ଯେଉଁ ଔଷଧ ସର୍ବାଧିକ ବ୍ୟବହୃତ ତାହା ହିଁ ନକଲି ଓ ଭେଜାଲ ମାନସିକତାର ଶିକାର ହୁଏ। ଗରିବ ଲୋକମାନେ ସର୍ବାଧିକ ଆକ୍ରାନ୍ତ ହେଉଥିବା ଏଭଳି ଅନେକ ଔଷଧ ଓ ଇଞ୍ଜେକସନ ବିଦେଶରୁ ଆମଦାନୀ କରିବାକୁ ପଡୁଛି, ଯାହାର ବଜାର ମୂଲ୍ୟ ଖୁବ ଉଚ୍ଚ। ଜନଔଷଧ ଦୋକାନ ଏ କ୍ଷେତ୍ରରେ ଅସହାୟ ହୋଇପଡୁଥିବାରୁ ଗରିବ ଲୋକମାନେ ସବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଚିକିତ୍ସକମାନେ ମଧ୍ୟ ସଦ୍ୟତମ ଓ ଅଧିକ ପ୍ରଭାବଶାଳୀ ଚିକିତ୍ସା ଆଳରେ ଔଷଧ ନିର୍ମାତାଙ୍କୁ ସୁହାଇବା ପରି ଔଷଧ ବ୍ୟବହାର କରିବାକୁ ରୋଗୀଙ୍କୁ ପରାମର୍ଶ ଦିଅନ୍ତି, ଯାହା ଜନଔଷଧ ଦୋକାନରେ ତତ୍କାଳ ଉପଲବ୍ଧ ହୁଏ ନାହିଁ କି ନିରାମୟ ବ୍ୟବସ୍ଥାରେ ମଧ୍ୟ ମିଳେ ନାହିଁ। ଜେନେରିକ ଔଷଧ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ମଧ୍ୟ ଏହାର ଗୁଣାତ୍ମକ ମାନକୁ ନେଇ ସନ୍ଦେହ ଓ ଅଭିଯୋଗ ଆସୁଛି। ତେଣୁ ରୋଗୀଟିଏ ସିଧାସଳଖ ମହଙ୍ଗା ଔଷଧ ଦ୍ୱାରା ତଳିତଳାନ୍ତ ହେବାକୁ ବାଧ୍ୟ ହେଉଛି।

ଭାରତ ସ୍ୱାଧୀନତାର ୭୭ ବର୍ଷ ଅତିକ୍ରାନ୍ତ କରିସାରିଥିଲେ ମଧ୍ୟ ଏଯାବତ୍ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସମାଜର ସବୁ ସ୍ତରକୁ ଛୁଇଁପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ଜନହିତୈଷୀ ପଦକ୍ଷେପ ନେବା ଏବଂ ବଜେଟ ବ୍ୟୟବରାଦ ବୃଦ୍ଧି କରିବା ଆଜିର ଆବଶ୍ୟକତା ଓ ପ୍ରମୁଖ ଆହ୍ୱାନ। ସୁସ୍ଥ ଭାରତ, ସୁନ୍ଦର ଭାରତ ଓ ସୁରକ୍ଷିତ ଭାରତ ପରିକଳ୍ପନାକୁ ସାକାର କରିବାକୁ ହେଲେ ଚିକିତ୍ସା ଓ ଔଷଧ ମୂଲ୍ୟ ଗରିବଙ୍କ ପକେଟକୁ ସୁହାଇବା ଭଳି ହେବା ଉଚିତ। ଏହା ସହିତ ସ୍ୱାସ୍ଥ୍ୟ ଓ ଜୀବନ ବୀମା ପ୍ରିମିୟମ ଉପରେ ଲାଗୁ ଜିଏସଟିକୁ ପ୍ରତ୍ୟାହାର କରିବା ଆବଶ୍ୟକ। ଖୋଦ ସରକାରଙ୍କ ମନ୍ତ୍ରୀମଣ୍ଡଳର କେତେଜଣ ସଦସ୍ୟ ଏ ସମ୍ପର୍କରେ ମତ ଦେଇଛନ୍ତି। ଏକ ଦେଶ ଏକ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଥିବା ସରକାର ଏକ ଦେଶ ଏକ ସ୍ୱାସ୍ଥ୍ୟ ସେବା ଦିଗରେ ବ୍ରତୀ ହେଲେ ସହସ୍ରାବ୍ଦୀ ଲକ୍ଷ୍ୟ ପୂରଣ ହୋଇପାରିବ।

**କଟିକଟା, ମଙ୍ଗଳପୁର, ଯାଜପୁର**

# ଯୀଶୁଙ୍କ ଆବିର୍ଭାବ

ବିପିନ ବିହାରୀ ରାଉତ



ଦୁଇ ହଜାର ବର୍ଷ ପୂର୍ବେ ରୋମ ସାମ୍ରାଜ୍ୟର ଏକ ସହର ନାସରତରେ ଗ୍ରେବିଏଲ ନାମକ ଜଣେ ଦେବଦୂତ ମେରିୟମ୍‌ଙ୍କୁ ଦର୍ଶନ ଦେଇ କହିଥିଲେ ଯେ, ସେ ଏକ ଦିବ୍ୟ ତଥା ପବିତ୍ର ଆତ୍ମାକୁ ଗର୍ଭରେ ଧାରଣ କରିବେ ଏବଂ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେବେ। ସେହି ପବିତ୍ର ଆତ୍ମାଙ୍କ ନାଁ ହେବ ପ୍ରଭୁ ଯୀଶୁ। ଏହି ସମୟରେ ୟୁସୁଫଙ୍କ ସହିତ ମେରିକମ୍‌ଙ୍କ ନିର୍ବନ୍ଧ ହୋଇଯାଇଥିଲା। ଦେବଦୂତଙ୍କ ଏହି ସନ୍ଦେଶକୁ ମେରିୟମ ୟୁସୁଫଙ୍କୁ କହିଥିଲେ। ୟୁସୁଫ୍ ଚମକି ପଡ଼ିଲେ। ଦିବ୍ୟ ଆତ୍ମା କଥା ଶୁଣି ଭୟଭୀତ ହୋଇଗଲେ। ଆଉ ତୁରନ୍ତ ନିର୍ବନ୍ଧକୁ ବାଜ୍ୟାପ୍ତ କରି ମେରିୟମ୍‌ଙ୍କୁ ଜୀବନରୁ ଭୁଲିଯିବା ପାଇଁ ନିଷ୍ପତ୍ତି ନେଲେ। ସ୍ୱର୍ଗଦୂତ ଏକଥା ଜାଣିବା ପରେ ୟୁସୁଫ୍‌ଙ୍କୁ ଦର୍ଶନ ଦେଇ ତାଙ୍କର ନିଷ୍ପତ୍ତି ବଦଳାଇବା ପାଇଁ କହିବା ସହିତ ମେରିଙ୍କୁ ବିବାହ କରିବାକୁ ଆଦେଶ ଦେଇଥିଲେ। ଦିବ୍ୟ ଆତ୍ମା ଅର୍ଥାତ୍ ସ୍ୱୟଂ ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି ବୋଲି ସମସ୍ତେ ଉତ୍ସାହିତ ହୋଇଗଲେ। ଆନନ୍ଦରେ ନାଚି ଉଠିଲେ। କିଏ କ'ଣ ସବୁ ଭାବିଲା ତାହାର ଆଉ କଳନା ନାହିଁ। ଏଥିରୁ ରୋମ୍ ସମ୍ରାଟ ବି ବାଦ ପଡ଼ିଲେ ନାହିଁ। ମେରିୟମ୍‌ଙ୍କ ଗର୍ଭଧାରଣ ସମୟରେ ରୋମ ସାମ୍ରାଜ୍ୟର ଜନଗଣନା ହେବା ବୋଲି ସମ୍ରାଟ ଆଦେଶ ଦେଲେ। ଆଦେଶ ଅନୁସାରେ ୟୁସୁଫ ମେରିୟମ୍‌ଙ୍କୁ ନେଇ ଜନଗଣନା ପାଇଁ ଜେରୁଜେଲମ୍‌ର ବେଥଲହମ ସହର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ଥିବା ଯାତ୍ରୀ ଶିବିରରେ ସ୍ଥାନ ନଥିବାରୁ ୟୁସୁଫ୍ ଓ ମେରି ଏକ ଗୋ'ଶାଳାରେ ରାତ୍ରି ଯାପନ କରିଲେ। ସେଠାରେ ହିଁ ମେରିୟମ ସେଇ ଦିବ୍ୟାତ୍ମାଙ୍କୁ ଶରୀର ଭାବେ ଜନ୍ମ ଦେଇଥିଲେ। ଏହାପରେ ଘାସକୁଟା ଦ୍ୱାରା ପ୍ରସ୍ତୁତ ଏକ ଚଟେଇରେ ନବଜାତ ଶିଶୁପୁତ୍ରକୁ ଶୁଆଇ ଦେଇଥିଲେ। ପୂଣ୍ୟାତ୍ମା ପ୍ରଭୁ ଯୀଶୁଙ୍କ ଜନ୍ମ ଖବର ଜାଣିବା ପରେ ଦେବଦୂତ ଏବଂ ନିକଟତମ ସହରର ୩ଜଣ ବିଦ୍ୱାନ ଜ୍ୟୋତିଷ ତାଙ୍କ ଦର୍ଶନ ପାଇଁ ଆସିଥିଲେ। ଆକାଶର



ଏକ ଉଜ୍ଜ୍ୱଳ ତାରା ସେହି ୩ ଜଣ ଜ୍ୟୋତିଷଙ୍କୁ ଜେରୁଜେଲମ୍ ଠିକଣା ବତାଇଥିଲା ବୋଲି ବାଇବେଲରେ ଉଲ୍ଲେଖ ରହିଛି। ସେଇଠୁ ରୋମାନ କ୍ୟାଲେଣ୍ଡରରେ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦ ଗଣନା ଆରମ୍ଭ ହେଲା। ଅନେକ କାହାଣୀ, ଲୋକ କଥା ଏଥିରେ ଯୋଡ଼ି ହୋଇଗଲା। ସେହିଦିନଠୁ ଆମେ ତାଙ୍କ ଜନ୍ମ ଦିନକୁ ପାଳୁଛୁ ବଡ଼ଦିନ ଭାବେ।

**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**

## ବଡ଼ଦିନ

ପ୍ରତି ବର୍ଷ ଡିସେମ୍ବର ୨୫ ତାରିଖକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ଦିବସ ରୂପେ ପାଳନ କରାଯାଏ। ଇଂରେଜୀରେ ଏହି ଉତ୍ସବକୁ ଖ୍ରୀଷ୍ଟମାସ୍ ବା ବଡ଼ଦିନ କୁହାଯାଏ। ବାଇବେଲ୍‌ରେ ବର୍ଣ୍ଣିତ ପ୍ରାକୃତିକ ପରିସ୍ଥିତି, ଜନ୍ମ ସମ୍ପର୍କିତ ଘଟଣାବଳୀ ଆଧାରରେ ଏହି ଦିନକୁ ତାଙ୍କର ଜନ୍ମ ଦିନ ସ୍ଥିର କରାଯାଇଛି। ବାଇବେଲ୍ ବୃତ୍ତାନ୍ତ ଅନୁଯାୟୀ, ବେଥେଲ୍‌ହେମ୍‌ର ଏକ ପଶୁଶାଳରେ ରାତ୍ରି ସମୟରେ ଯୀଶୁ ଧରାବତରଣ କରିଥିଲେ। ସାଧାରଣ ବର୍ଗର କଠୋର ପରିଶ୍ରମୀ ପରିବାରରେ ତାଙ୍କର ଜନ୍ମ ହୋଇଥିଲା। ପ୍ରଭୁ ଯୀଶୁ କହିଥିଲେ, ମୁଁ ଏ ଜଗତ୍‌କୁ ଜୟ କରିଛି। ତାଙ୍କର ଜୟ କୌଣସି ସୈନ୍ୟ ସାମନ୍ତ କିମ୍ବା ପରମାଣୁ ଶକ୍ତି ଦ୍ୱାରା ନ ଥିଲା। କେବଳ ପ୍ରେମ ଦ୍ୱାରା ସେ ଏହି ଜଗତକୁ ଜୟ କରିପାରିଛନ୍ତି।

# ସଦଗୁରୁ, ସତସଙ୍ଗ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ। ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ। ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ। ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ। ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ। ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି। ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ। ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି। ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି। କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ। ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି। ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ। ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ। ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ। ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ। ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ। କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି। ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ। ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ। ଧର୍ମାନ୍ତରୀକରଣକୁ ସେ



ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଆବିର୍ଭାବ ମହୋତ୍ସବ

ସ୍ଥାନ ଦିଅନ୍ତି ନାହିଁ। ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି। ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ। ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ। ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ। ସ୍ଥୁଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି। ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି। ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ। ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ। ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି। ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି। ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ। ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ। ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼ଶକଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା। ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ। ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି। ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି। ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶ୍ରୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ। ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ। ଯୁଗାବତାର କଲ୍‌କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ସହ ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
**ମୋବାଇଲ୍: ୯୪୩୭୦୫୧୯୫୭**

## ନିର୍ବାଚନ ନିୟମରେ ପରିବର୍ତ୍ତନ

# କଂଗ୍ରେସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

**ନୂଆଦିଲ୍ଲୀ, ୨୪।୧୨:** ନିର୍ବାଚନ ପରିଚାଳନା ନିୟମରେ ପର୍ତ୍ତନକୁ କଂଗ୍ରେସ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଛି। ନିର୍ବାଚନ କମିଶନଙ୍କ ସୁପାରିସ ମୁତାବକ ଗତ ଶୁକ୍ରବାର ଦିନ କେନ୍ଦ୍ର ସରକାର ନିୟମରେ ସଂଶୋଧନ ଲାଗି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସଂଶୋଧିତ ନିୟମ ଅନୁଯାୟୀ ଏଣିକି ମତଦାନ କେନ୍ଦ୍ରରେ ଲାଗିଥିବା ସିସିଟିଭି, ଭିଡିଓ ଗ୍ରାଫି ବା ଅନ୍ୟ ଇଲେକ୍ଟ୍ରୋନିକ୍ସ ପ୍ରମାଣକୁ ସାଧାରଣରେ ଯାଞ୍ଚ ପାଇଁ ହସ୍ତାନ୍ତରିତ କରାଯାଇପାରିବନି। ନିକଟରେ ହରିୟନା ବିଧାନସଭା ନିର୍ବାଚନରେ ଇଭିଏମ ଟାମ୍ପରିଂ ବା ଅନ୍ୟ ପ୍ରକାର ଅନିୟମିତତା କରାଯାଇଥିବା ଅଭିଯୋଗ କରି ଜଣେ ଆଇନଜୀବୀ ପଞ୍ଜାବ ଏବଂ ହରିୟାନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସମ୍ପୃକ୍ତ ଓକିଲଙ୍କୁ ପୁଲିଂ ବୁଥର ସିସିଟିଭି କ୍ୟାମେରା ହସ୍ତାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ନିର୍ଦ୍ଦେଶକୁ ରୋକିବା ନିମନ୍ତେ ନିର୍ବାଚନ ନିୟମ ୧୯୬୧ରେ ସଂଶୋଧନ ଲାଗି ନିର୍ବାଚନ କମିଶନ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ସଂଶୋଧନ ବିରୋଧରେ କଂଗ୍ରେସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ ମାଧ୍ୟମରେ ଜଣାଇଛନ୍ତି। ଏହି ନିୟମ ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନାରେ ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ନିର୍ବାଚନ କମିସନଙ୍କ ସୁପାରିସ ଆଧାରରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଶୁକ୍ରବାର ନିର୍ବାଚନ ପରିଚାଳନା ନିୟମ ୧୯୬୧ର ନିୟମ ୯୩(୨)(ଏ)ରେ ବଡ଼ ସଂଶୋଧନ କରିଥିଲେ। ସର୍ବସାଧାରଣ ଯାଞ୍ଚ ପାଇଁ



ସିସିଟିଭି ଫୁଟେଜ୍ ମଗାଯିବା ଉପରେ ସଂଶୋଧନ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଛି। ଏଣିକି ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଇଲେକ୍‌ଟ୍ରୋନିକ୍ ରେକର୍ଡ ସର୍ବସାଧାରଣରେ ତନଖି ପାଇଁ ଉପଲବ୍ଧ ହେବ ନାହିଁ। ସିସିଟିଭି କ୍ୟାମେରା ଓ ୱେବକାଷ୍ଟିଂ ଫୁଟେଜ୍ ଭଳି କେତେକ ଇଲେକ୍ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯାଞ୍ଚ ସହ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂକୁ ରୋକିବା ପାଇଁ ସରକାର ନିର୍ବାଚନ ନିୟମରେ ସଂଶୋଧନ ଆଣିଛନ୍ତି। ପୂର୍ବରୁ ଥିବା ନିୟମ ୯୩ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ଖୋଲା ରହିଥିଲା। ହେଲେ ସଂଶୋଧନ ପ୍ରକ୍ରିୟାରେ ଇଲେକ୍‌ଟ୍ରୋନିକ୍ ଦସ୍ତାବିଜଗୁଡ଼ିକୁ ନିର୍ଦ୍ଦିଷ୍ଟ ଯାଞ୍ଚ ପ୍ରକ୍ରିୟାରୁ ବାଦ ଦିଆଯାଇଛି। କେତେକ ଅସ୍ପଷ୍ଟତା ଦୂର କରିବା, ମତଦାନ ଗୋପନୀୟତା ଉଲ୍ଲଂଘନକୁ ରୋକିବା ଓ ଏଆଇ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମତଦାନ କେନ୍ଦ୍ର ଭିତରର ସିସିଟିଭି ଫୁଟେଜର ସମ୍ଭାବ୍ୟ ଅପବ୍ୟବହାର ଭଳି ଗମ୍ଭୀର ପ୍ରସଙ୍ଗକୁ ବିଚାର କରି ନିୟମକୁ ସଂଶୋଧନ କରାଯାଇଥିବା ନିର୍ବାଚନ କମିଶନ କହିଛନ୍ତି। ସଂଶୋଧନ ଦ୍ୱାରା କେବଳ ନିୟମରେ ଉଲ୍ଲେଖ ଥିବା ରେକର୍ଡ ସର୍ବସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ହେବ ଓ କୌଣସି ଇଲେକ୍‌ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯାଞ୍ଚ ନିମନ୍ତେ ଅନୁମତି ଦିଆଯିବ ନାହିଁ ବୋଲି ବ୍ୟବସ୍ଥା କରାଯାଇଛି।

ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ନିର୍ବାଚନ କମିଶନ ମୁକ୍ତ ଓ ଅବାଧ ନିର୍ବାଚନ କରିବାର ଅଧିକାର ପାଇଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଆଇନକୁ ଏକତରଫା ଭାବେ ବଦଳାଇବାକୁ ଅନୁମତି ମିଳିପାରିବ ନାହିଁ। ଏନେଇ ଗୋଟିଏ ରିଟ ପିଟିସନ ସୁପ୍ରିମକୋର୍ଟରେ ଫାଇଲ କରାଯାଇଛି। ନିକଟରେ ନିର୍ବାଚନ ପରିଚାଳନା ଆଇନ ୧୯୬୧ରେ ହୋଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରାଯାଇଛି। ନିର୍ବାଚନ କମିଶନ ଗୋଟିଏ ସାମ୍ବିଧାନିକ ସଂସ୍ଥା। ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ସେ ଦାୟିତ୍ୱ ନେଇଛନ୍ତି। ଏପରି ସ୍ଥିତିରେ ଲୋକଙ୍କ ବିଚାରବିମର୍ଶ ନ କରି ଏକତରଫା ଭାବେ ଗୁରୁତ୍ୱପୂର୍ଣ୍ଣ ଆଇନରେ ପରିବର୍ତ୍ତନ କରିବା ଆଦୌ ଠିକ ନୁହେଁ ବୋଲି ସେ କହିଛନ୍ତି।

## ବିଗିଡ଼ିଲା ବିଲ୍ କ୍ଲିଣ୍ଟନଙ୍କ ସ୍ୱାସ୍ଥ୍ୟାବସ୍ଥା ହସ୍ପିଟାଲରେ ଭର୍ତ୍ତି



**ୱାଶିଂଟନ୍, ୨୪।୧୨:** ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଲା। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାଯାଇଛି। ବିଲ୍ କ୍ଲିଣ୍ଟନ କିଛି ଦିନ ହେବ ଜ୍ୱରରେ ପୀଡ଼ିତ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା। ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ତାଙ୍କ ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଏଞ୍ଜେଲ ୟୁରେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବତନ ରାଷ୍ଟ୍ରପତିଙ୍କୁ ସୋମବାର ଅପରାହ୍ନରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ବିଭିନ୍ନ ପରୀକ୍ଷା କରାଯାଇଛି। ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ବିଲ୍ କ୍ଲିଣ୍ଟନ ୧୯୯୩ ମସିହା ଜାନୁୟାରୀରୁ ୨୦୦୧ ମସିହା ପର୍ଯ୍ୟନ୍ତ ଆମେରିକାର ରାଷ୍ଟ୍ରପତି ରୂପେ କାମ କରୁଥିଲେ। ହ୍ୱାଇଟ୍ ହାଉସ୍ ଛାଡ଼ିବା ପରଠୁ କ୍ଲିଣ୍ଟନ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ୨୦୦୪ ମସିହାରେ ତାଙ୍କର ବାଇପାସ୍ ସର୍ଜରୀ ହୋଇଥିଲା। ୨୦୨୧ ମସିହାରେ ସେ ସଂକ୍ରମଣରେ ପୀଡ଼ିତ ହୋଇଥିବା ବେଳେ ହସ୍ପିଟାଲରେ ରହି ଚିକିତ୍ସିତ ହୋଇଥିଲେ। କିଛି ଦିନ ପୂର୍ବରୁ ହୋଇଥିବା ଆମେରିକା ନିର୍ବାଚନରେ ସେ କମଳା ହାରିସଙ୍କ ନିମନ୍ତେ ପ୍ରଚାର କରିଥିଲେ।

## ୪ ଘଣ୍ଟାର ଜେରା ପରେ ଅଲ୍ଲୁ ଅର୍ଜୁନଙ୍କୁ ଛାଡ଼ିଲା ପୁଲିସ୍

**ହାଇଦ୍ରାବାଦ, ୨୪।୧୨:** ବହୁ ଭାଷା ଭିତ୍ତିକ ଚଳଚ୍ଚିତ୍ର ପୁଷ୍ପା-୨ର ନାୟକ ତଥା ତେଲୁଗୁ ତାରକା ଅଲ୍ଲୁ ଅର୍ଜୁନଙ୍କୁ ୪ ଘଣ୍ଟା ଧରି ଘାଣ୍ଟିବାରେ ପରେ ଛାଡ଼ିଛି ତେଲଙ୍ଗାନା ପୁଲିସ୍। ଡିସେମ୍ବର ୪ ସନ୍ଧ୍ୟା ହଲ ଦଳା ଚକଟା ଘଟଣାରେ ପୁଲିସ୍ ତାଙ୍କୁ ଆଜି ଜେରା କରିଥିଲା। ଦିନ ୧୧ଟାରୁ ଅଲ୍ଲୁ ଅର୍ଜୁନ ଥାନାରେ ପହଞ୍ଚିଥିବା ପରେ ତାଙ୍କୁ ଜେରା ଆରମ୍ଭ କରାଯାଇଥିଲା। ଏସିପି ରମେଶଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ୍ ଟିମ ଅଲ୍ଲୁଙ୍କୁ ଜେରା କରିଥିଲା। ବିଶେଷ କରି ଦଳାଚକଟା ଘଟଣା ଦିନ କ'ଣ ସବୁ ହୋଇଥିଲା, ସେବିଷୟରେ ଅଲ୍ଲୁଙ୍କୁ ପଚରାଯାଉଛିତ। ଗତ ୪ ତାରିଖରେ ସନ୍ଧ୍ୟା ଥିଏଟରକୁ 'ପୁଷ୍ପା-୨'ର ପ୍ରିମିୟର ଶୋ' ଦେଖିବାକୁ ଅଲ୍ଲୁ ଅର୍ଜୁନ ଆସିଥିବା ବେଳେ ତାଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମି ଥିଲା। ଭିଡ଼ ଅଧିକ ହେବାରୁ ଦଳଚକଟା ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୮ ବର୍ଷର ପୁଅ ୨୦ ଦିନ ହେଲାଣି କୋମାରେ ଅଛନ୍ତି। ଏହି ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଡିସେମ୍ବର ୧୩ ତାରିଖରେ ଅଲ୍ଲୁ ଅର୍ଜୁନଙ୍କୁ ଗିରଫ କରିଥିଲା ପୁଲିସ। ସେ ଗୋଟିଏ ଦିନ ଜେଲ୍‌ରେ ମଧ୍ୟ ରହିଥିଲେ। ତେଲଙ୍ଗାନା ହାଇକୋର୍ଟରୁ ତାଙ୍କୁ ଅନ୍ତରୀଣ ଜାମିନ ଦେବାରୁ ସେ ଡିସେମ୍ବର ୧୪ରେ ସେ ମୁକୁଳିଥିଲେ।

## ଦାଉଦ ଇବ୍ରାହିମଙ୍କ ଭାଇ ଘରେ ପଶିଲା ଇଡି

**ମୁମ୍ବାଇ, ୨୪।୧୨:** ଅଣ୍ଡର ୱାର୍ଲଡ ଡନ୍ ତଥା ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଦାଉଦ ଇବ୍ରାହିମ ଭାଇ ଇକବାଲ କାସକରଙ୍କ ଘରେ ପଶିଲା ଇଡି। ମନି ଲଣ୍ଡ୍ରିଂ ମାମଲାରେ ଇଡି ତାଙ୍କର ଏକ ଫ୍ଲାଟ ଜବତ କରିଛି। ମନି ଲଣ୍ଡ୍ରିଂ ମାମଲାରେ ଇଡି ଇକବାଲ କାସକର ଓ ତାଙ୍କର କିଛି ସହଯୋଗୀଙ୍କ ଘର ଉପରେ ଚଢ଼ାଉ କରିଥିଲା। ଏଥିସହ ବଟି ଆଦାୟ କରିବା ଅଭିଯୋଗରେ ପୁଲିସ୍ ପୁଣେସ୍ଥିତ ଇକବାଲ କାସକରଙ୍କ ଫ୍ଲାଟକୁ ସିଜ୍ କରିଛି। ୨୦୧୭ ମସିହାରେ ଏନେଇ ଥାନେ ପୁଲିସ୍‌ର ଆଣ୍ଟି ଏକ୍ସଟର୍ସନ ସେଲ୍ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ୨୦୨୨ ମସିହାରେ ଇଡି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଇକବାଲ କାସକର, ତାଙ୍କ ସହଯୋଗୀ ମୁମତାଜ ଶେଖ ଓ ଇସରାର ସଇଦ ବହୁ ବ୍ୟବସାୟୀଙ୍କୁ ଧମକଚମକ ଦେଇ ବହୁ ପ୍ରପର୍ଟି ଓ ଟଙ୍କା ହାସଲ କରିଥିବା ତଦନ୍ତ ବେଳେ ଜଣାପଡ଼ିଲା। ଏପରିକି ବିଲଡରଙ୍କୁ ଧମକଚମକ ଦେଇ ଉକ୍ତ ଫ୍ଲାଟକୁ ମୁମତାଜଙ୍କ ନାମରେ କରିବାକୁ ଚେତାବନୀ ଦେଇଥିଲେ। ଏହି ଫ୍ଲାଟର ଦାମ ପ୍ରାୟ ୭୫ ଲକ୍ଷ ଟଙ୍କା ହେବ। ୨୦୨୨ ମସିହାରେ ହିଁ PMLAରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଏବେ ତାହାକୁ ଜବତ କରିଛି ଇଡି।

## ୮ ବର୍ଷ କନଷ୍ଟେବଲ ଚାକିରିରେ ୮ କୋଟିର ସମ୍ପତ୍ତି

**ଭୋପାଳ, ୨୪।୧୨:** ମାତ୍ର ୮ ବର୍ଷ ପାଇଁ କରିଥିଲେ କନଷ୍ଟେବଲ ଚାକିରି। କିନ୍ତୁ ତା' ମଧ୍ୟରେ ଠୁଳ କଲେ ଅମାପ ସମ୍ପତ୍ତି। ଜଣେ ପୂର୍ବ କନଷ୍ଟେବଲଙ୍କ ନିକଟରୁ ମିଳିଛି ୭.୯୮ କୋଟି ମୂଲ୍ୟର ସମ୍ପତ୍ତି। ପୁଲିସ୍ ଚଢ଼ାଉ ବେଳେ କନଷ୍ଟେବଲଙ୍କ ଘରୁ ମିଳିଛି ୨.୮୭ କୋଟି ନଗଦ ଟଙ୍କା ୨୩୪ କେଜି ଚାନ୍ଦି। ଏପରି ଏକ ଚକିତ କରିବା ପରି ଘଟଣା ମଧ୍ୟପ୍ରଦେଶରେ ଘଟିଛି। ଅଭିଯୁକ୍ତ କନଷ୍ଟେବଲଜରକ ମଧ୍ୟପ୍ରଦେଶ ପରିବହନ ବିଭାଗର ପୂର୍ବ କନଷ୍ଟେବଲ ସୌରଭ ଶର୍ମା ବୋଲି ଜଣାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ପକ୍ଷରୁ ଗତ ୧୮ ଓ ୧୯ ତାରିଖରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ରହୁଥିବା ପୂର୍ବ କନଷ୍ଟେବଲ ସୌରଭ ଶର୍ମାଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଜବତ ସମ୍ପତ୍ତି ଦେଖି ଅଧିକାରୀମାନେ ଅବାକ ହୋଇ ଯାଇଥିଲେ। ଲୋକାୟୁକ୍ତ ପୁଲିସ୍ ମହାନିର୍ଦ୍ଦେଶକ ଜୟଦୀପ ପ୍ରସାଦ କହିଛନ୍ତି, ସୌରଭ ଶର୍ମାଙ୍କ ପିତା ଆରକେ ଶର୍ମା ଜଣେ ସରକାରୀ ଡାକ୍ତର ଥିଲେ। ୨୦୧୫ ମସିହାରେ ତାଙ୍କ ମୃତ୍ୟୁ ଘଟିଥିଲା।

## ବ୍ରାଜିଲ୍‌ରେ ପୋଲ ଭୁଶୁଡ଼ି ୨ ମୃତ

**ବ୍ରାସିଲିଆ, ୨୪।୧୨:** ବଡ଼ ଦିନ ପୂର୍ବରୁ ବ୍ରାଜିଲ୍‌ରେ ପୁଣି ଅଘଟଣ। ଭୁଶୁଡ଼ିଲା ଉତ୍ତରର ଦୁଇଟି ରାଜ୍ୟକୁ ଯୋଡୁଥିବା ପୋଲ। ଏଥିରେ ଅତିକମ୍‌ରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୨ ରୁ ଅଧିକ ଲୋକ ଏବେବି ନିଖୋଜ ଅଛନ୍ତି। ପୁଲିସ ଏନେଇ ସୂଚନା ଦେଇଛି। ରବିବାର ଯେତେବେଳେ କାର ଏବଂ ଟ୍ରକଗୁଡ଼ିକ 'ଜୁସେଲିନୋ କୁବିସ୍ତଚେକ ଡି ଓଲିଭେରା' ବ୍ରିଜ ପାର ହେଉଥିଲେ, ସେତେବେଳେ ବ୍ରିଜର ଏକ ବଡ଼ ଅଂଶ ଭୁଶୁଡି ପଡିଥିଲା। ଫଳରେ ଏକାଧିକ ଗାଡ଼ି ନଦୀରେ ଖସି ପଡିଥିଲା। ନଦୀରୁ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସେହିପରି ଏବେବି ଅନେକ ନିଖୋଜ ଥିବା କୁହାଯାଉଛି। ସଲଫ୍ୟୁରିକ୍ ଏସିଡ୍ ଲିକ୍ ହେତୁ ଉଦ୍ଧାର କାର୍ଯ୍ୟ ଜଟିଳ ହୋଇଛି। ଉତ୍ତର ରାଜ୍ୟ ମାରାନହାଓ ଏବଂ ଟୋକାଣ୍ଟିନ୍ସ ସୀମାରେ କାମ କରୁଥିବା ପୁଲିସ କହିଛି ଯେ ଚାରିଟି ଟ୍ରକ, ଦୁଇଟି କାର୍ ଏବଂ ଦୁଇଟି ମୋଟରସାଇକେଲ ସମେତ ଆଠଟି ଗାଡି ନିଖୋଜ ଅଛି। ପୁଲିସ ଏବଂ ବ୍ରାଜିଲର ସଡ଼କ ବିଭାଗ କହିଛି ଯେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆଗକୁ ମୃତ୍ୟୁ ସଂଖ୍ୟା ଆଗକୁ ବଢ଼ିପାରେ।

## ନିର୍ବାଚନ ପୂର୍ବରୁ ଆପ୍‌କୁ ଝଟ୍‌କା ଝାଡୁ ଛାଡି ହାତ ଧରିଲେ ଦୁଇ ପୂର୍ବତନ ବିଧାୟକ

ଦିଲ୍ଲୀ ବିଧାନସଭା ନିର୍ବାଚନ

**ନୂଆଦିଲ୍ଲୀ, ୨୪।୧୨:** ଆସନ୍ତା ବର୍ଷ ପଡ଼ିବ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍। ଏଥିପାଇଁ ଜୋରସୋର୍‌ରେ ଚାଲିଛି ପ୍ରସ୍ତୁତି। ଦିଲ୍ଲୀ କବ୍‌ଜା କରିବାକୁ ଲାଗି ପଡିଛନ୍ତି ସମସ୍ତ ରାଜନୈତିକ ଦଳ। ପୂର୍ବରୁ ଶାସନ ଗାଦିରେ ବସିଥିବା ଆମ ଆଦମୀ ପାର୍ଟି ତା'ର ସତ୍ତା ବଜାୟ ରଖିବାକୁ ପ୍ରାଣପଣେ ଚେଷ୍ଟା ଜାରି ରଖିଛି। ଏହାରି ଭିତରେ ନିର୍ବାଚନ ପୂର୍ବରୁ ଆପ୍‌କୁ ଲାଗିଛି ଝଟ୍‌କା। ଦୁଇ ପୂର୍ବତନ ବିଧାୟକ ଝାଡୁ ଛାଡି ହାତ



ଧରିଛନ୍ତି। ଆମ୍ ଆଦମୀ ପାର୍ଟିର ପୂର୍ବତନ ବିଧାୟକ ଆସିମ ଅହମଦ ଖାନ୍ ଓ ଦେବେନ୍ଦ୍ର ସହରାବତ ସୋମବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ମନିଫେଷ୍ଟୋ ପ୍ରସ୍ତୁତ କରିବାକୁ କଂଗ୍ରେସର ଦିଲ୍ଲୀ ୟୁନିଟ୍ ସୋମବାର ଏକ ବୈଠକ କରିଥିଲା। ଏହି ବୈଠକରେ ପରେ ଆପ୍‌ର ଏହି ଦୁଇ ନେତା କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ଦିଲ୍ଲୀ ୟୁନିଟର ମୁଖ୍ୟ ଦେବେନ୍ଦ୍ର ଯାଦବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ 'କଂଗ୍ରେସ ଦଳ ଆଦର୍ଶ ଓ ରୀତିନୀତିରେ ଅନୁପ୍ରାଣିତ ହୋଇ ଉଭୟ ନେତା ଦାଳରେ ସାମିଲ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ପରିବାରକୁ ଉଭୟଙ୍କୁ ସ୍ୱାଗତ। ମୁଁ ନିଶ୍ଚିତ ଯେ ଆପଣଙ୍କ ନେତୃତ୍ୱରେ ଦଳ ନୂତନ ଶକ୍ତି ପାଇବ।'

# ଟିଏମସି ଓ ଏନସିପି ଦେବେ ପ୍ରାର୍ଥୀ

**ନୂଆଦିଲ୍ଲୀ,୨୪।୧୨:** ଦିଲ୍ଲୀ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଟିଏମସି ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ପ୍ରତିଦ୍ୱନ୍ଦ୍ୱିତା କରିବ। ଜାତୀୟ ରାଜନୀତିରେ ନିଜ ପ୍ରଭାବ ବିସ୍ତାର ପାଇଁ ମମତା ପଶ୍ଚିମବଙ୍ଗ ବାଦ ଅନ୍ୟ ରାଜ୍ୟରେ ଦଳର ସଙ୍ଗଠନ ଏବଂ ସ୍ଥିତି ମଜବୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୯ରେ ଇଣ୍ଡିଆ ବ୍ଲକର ନେତୃତ୍ୱ ନେବାକୁ ଲକ୍ଷ୍ୟ ରଖିଥିବା ମମତା ଟିଏମସିକୁ କେବଳ ଏକ ଜାତୟ ଦଳର ମାନ୍ୟତା ନୁହେଁ, ଲୋକସଭାରେ ୫୦ ଆସନ ଦଖଲ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପ୍ରଥମ ପରୀକ୍ଷଣ ଦିଲ୍ଲୀ ବିଧାନସଭା ନିର୍ବାଚନରେ ହେବ। ଦିଲ୍ଲୀରେ ୪% ଭୋଟ ପାଇବା ଟିଏମସିର ଲକ୍ଷ୍ୟ। ଏହା କଂଗ୍ରେସ ପାଇଁ ମହଙ୍ଗା ପଡ଼ିପାରେ। ସେହିପରି ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଆଖି ଦୃଷ୍ଟିଆ ପ୍ରଦର୍ଶନ କରିଥିବା ଅଜିତ ପାୱାରଙ୍କ ଏନସିପି ଏବେ ମହାରାଷ୍ଟ୍ର ବାହାରେ ସମ୍ପ୍ରସାରିତ ହେଉଛି। ଏନସିପିକୁ ଏକ ଜାତୀୟ ଦଳରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି ବୋଲି ଅଜିତ କହିଛନ୍ତି। ଏବେ ମେଘାଳୟରେ ଦଳର କିଛି ବିଧାୟକ ଅଛନ୍ତି। ଏହା ବାଦ ପଶ୍ଚିମ ଏବଂ ଉତ୍ତର ଭାରତରେ ଦଳକୁ ପ୍ରତିଷ୍ଠିତ କରିବାକୁ ଅଜିତ ଆଶା ରଖିଛନ୍ତି। ପ୍ରଥମ ପରୀକ୍ଷା ଭାବେ ଏନସିପି ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅନ୍ୟ କୌଣସି ଦଳ ସହ ବୁଝାମଣା ନକରି ଏକାକି ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବିହାରରେ ମଧ୍ୟ ଏନସିପି ନିଜ ସ୍ଥିତି ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ତେବେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସଫଳତା ପ୍ରଥମ ଲକ୍ଷ୍ୟ।

## ଆତିଶୀଙ୍କ ବିରୋଧରେ ପ୍ରାର୍ଥୀ ହେବେ କଂଗ୍ରେସର ଅଲକା ଲାମ୍ବା

**ନୂଆଦିଲ୍ଲୀ, ୨୪।୧୨:** ଆଉ କିଛି ମାସ ପରେ ଅନୁଷ୍ଠିତ ହେବ ଦିଲ୍ଲୀ ବିଧାନସଭା ନିର୍ବାଚନ। ଏଥିପାଇଁ କ୍ଷମତାସୀପ ଆପ ଠାରୁ ଆରମ୍ଭ କରି ବିଜେପି ଓ କଂଗ୍ରେସ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହିକ୍ରମରେ କଂଗ୍ରେସ ଦିଲ୍ଲୀର ଆଉ ୨୭ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ କରିଛି। ଏହି ୨୭ ଜଣଙ୍କ ମଧ୍ୟରେ ଅଲକା ଲାମ୍ବାଙ୍କ ନାଁ ରହିଛି। ସେ ଆପ୍ ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କାଲକାଜୀ ଆସନରେ ଆତିଶୀ ଓ ଅଲକାଙ୍କ ଲଢ଼େଇ ହେବ। ସେହିପରି



ଜଙ୍ଗପୁରାରେ କଂଗ୍ରେସ ଫରହାଦ ସୁରୀଙ୍କୁ ଟିକେଟ ଦେଇଥିବା ବେଳେ ସୀମାପୁରୀରୁ ରାଜେଶ ଲିଲୋଥିଆ ଓ ମାଟିଆ ମହଲରୁ ଅସିମ ଅହମଦ ପ୍ରାର୍ଥୀ ହୋଇଛନ୍ତି। କୁହାଯାଉଛି ଯେ କଂଗ୍ରେସ ଦିଲ୍ଲୀରେ ନିର୍ବାଚନ ଜିତିବା ପାଇଁ ମହିଳାଙ୍କ ପାଇଁ ମାସିକ ୩ ହଜାର ଟଙ୍କା ଓ ମାଗଣା ୪୦୦ ୟୁନିଟ ଯାଏ ମାଗଣା ବିଜୁଳି ଯୋଜନା ଘୋଷଣା କରିପାରେ। ଏହାପୂର୍ବରୁ କଂଗ୍ରେସ ଦିଲ୍ଲୀର ୨୧ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ। ଏବେ ଆଉ ୨୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି।

## ରଣକ୍ଷେତ୍ର ପାଲଟିଲା ପୌରପାଳିକା ବୈଠକ

**ଚଣ୍ଡିଗଡ, ୨୪।୧୨:** ଆମ୍ବେଦରଙ୍କ ବିରୋଧରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ସାରା ଦେଶରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଛି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ



ଆନ୍ଦୋଳନ କରୁଥିବା ବେଳେ ସବୁଠୁ ଅଧିକ ପ୍ରଭାବ ପଡିଛି ଚଣ୍ଡିଗଡରେ। ରଣକ୍ଷେତ୍ର ପାଲଟିଲା ପୌରପାଳିକା ବୈଠକ। ପରସ୍ପରକୁ ବିଧା ଗୋଇଠା ମାରିଲେ କାଉନସିଲର। କାହା କଥା କେହି ଶୁଣିଲେନି। ୨୦ ମିନିଟ ଧରି ସଭା ଗୃହରେ ଦେଖିବାକୁ ମିଳିଲା ହାତାହାତି। ଚଣ୍ଡିଗଡ଼ ମ୍ୟୁନସିପାଲ କର୍ପୋରେସନ ବୈଠକରେ ଏପରି ଘଟଣା ଘଟିଛି। ବିଜେପି ଓ କଂଗ୍ରେସ କାଉନସିଲରମାନେ ପରସ୍ପରକୁ ଆକ୍ରମଣ କରିଛନ୍ତି। ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସମ୍ବିଧାନ ପ୍ରଣେତା ବିଆର ଆମ୍ବେଦକରଙ୍କ ସମ୍ପର୍କରେ କରିଥିବା ଟିପ୍ପଣୀ ପ୍ରସଙ୍ଗ ପୌରପାଳିକା ବୈଠକରେ ଉଠିଥିଲା। ଶାହଙ୍କ ଇସ୍ତଫା ଦାବି କରି କଂଗ୍ରେସ ଓ ଆପ୍‌ର କାଉନସିଲରମାନେ ଗୋଟିଏ ପ୍ରସ୍ତାବ ପାରିତ କରିଥିଲେ। ତେବେ ଏହାକୁ ବିଜେପି କାଉନସିଲରମାନେ ବିରୋଧ କରିଥିଲେ। ଜବାହର ଲାଲ ନେହରୁଙ୍କ ସମୟରେ କଂଗ୍ରେସ କେମିତି ଆମ୍ବେଦକରଙ୍କୁ ହଇରାଣ କରିଥିଲା, ସେକଥା ବିଜେପି ପକ୍ଷରୁ କୁହାଯାଇଥିଲା। ଆରୋପ୍ରତ୍ୟାରୋପ ଯୋଗୁ ସ୍ଥିତି ପୂରା ଗରମାଗରମ ସ୍ଥିତିକୁ ଚାଲି ଆସିଥିଲେ। ଏହାପରେ ଦୁଇ ଦଳର କାଉନସିଲର ହାତାହାତି ହୋଇଥିଲେ। ପରସ୍ପରକୁ ବିଧା ଓ ଗୋଇଠା ମାରିଥିଲେ। ପ୍ରାୟ ୨୦ ମିନିଟ ଧରି ଏପରି ହାଇଭୋଲଟେଜ ଡ୍ରାମା ଜାରି ରହିଥିଲା। ବିଜେପି ପକ୍ଷରୁ ମନୋନୀତି କାଉନସିଲର ଅନୀଲ ମସିଙ୍କୁ କଂଗ୍ରେସ ଓ ଆପ୍ ପକ୍ଷରୁ ଭୋଟ ଚୋର କୁହାଯାଇ ଆକ୍ଷେପ କରାଯାଇଥିଲା। ମେୟର ନିର୍ବାଚନ ବେଳେ ଅନୀଲ ପ୍ରିଜାଇଡିଂ ଅଫିସର ଥିଲେ। ସେ ପ୍ରାୟ ୮ଟି ଭୋଟକୁ ଟ୍ୟାମ୍ପରିଂ କରିଥିବା ମାମଲାରେ ଫସିଥିଲେ। ଏଥିପାଇଁ ଆଜି ଆପ୍ ଓ କଂଗ୍ରେସ କାଉନସିଲରମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଏହାକୁ ନେଇ ଉତ୍ତେଜନା ଆହୁରି ବଢ଼ିଥିଲା।

## ପରିବା ହାଟରେ ରାହୁଲ ପଚାରିଲେ, ରସୁଣ କିଲୋ କେତେ ?

**ନୂଆଦିଲ୍ଲୀ, ୨୪।୧୨:** ପରିବା ମାର୍କେଟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ହାଟ ରସୁଣ କିଲୋ କେତେ? କେବଳ ରସୁଣ ନୁହେଁ, ଟମାଟୋ, ବିଟ୍ ଓ ବିଭିନ୍ନ ପରିବାର ଦାମ୍ ମଧ୍ୟ ପଚାରି ବୁଝିଛନ୍ତି। ପରିବା ହାଟରେ ପହଞ୍ଚି ଯେଉଁ ପ୍ରକାର ରାହୁଲ ଗାନ୍ଧି ଦରଦାମ୍ ପଚାରି ବୁଝିଛନ୍ତି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଏହି ପୂରା ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯାହା ଭାଇରାଲ ହେବାରେ ଲାଗିଛି। ଆଜି ସକାଳୁ ଦିଲ୍ଲୀର ଗିରି ନଗର ସାମ୍ନାରେ ଥିବା ହନୁମାନ ମନ୍ଦିର ପରିବା ହାଟରେ ପହଞ୍ଚିଥିଲେ। ଏଠାରେ ପହଞ୍ଚି ସେ ବିଭିନ୍ନ ପରିବାର ପଚାରି ବୁଝିଛନ୍ତି। ଏହି ସମର ଭିଡିଓକୁ ସେ ନିଜେ ସୋଶଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ସେୟାର କରିଛନ୍ତି। ଏଥିରେ ଦରବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ମଙ୍ଗଳବାର ଏକ ଭିଡିଓ ସେୟାର କରି ଲେଖିଛନ୍ତି, ଦିନ ଥିଲା ରସୁଣ ୪୦ ଟଙ୍କା ଥିଲା। ଆଜି ତାହା କିଲୋ ପିଛା ୪୦୦ ଟଙ୍କାରେ ପହଞ୍ଚିଛି। ବଢୁଥିବା ମୁଦ୍ରାସ୍ଫୀତି ସାଧାରଣ ଲୋକଙ୍କ ରୋଷେଇ ଘରର ବଜେଟକୁ ବିଗାଡିଛି ବୋଲି ରାହୁଲ ଟାର୍ଗେଟ କରିଛନ୍ତି। ସେ ଆହୁରି କହିଛନ୍ତି ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ସୋଶାଲ ମିଡିଆରେ ଭାଇରାଲ ହେଉଥିବା ଭିଡ଼ିଓରେ କୁହାଯାଇଛି ଯେ, ଜଣେ ମହିଳା ରାହୁଲଙ୍କୁ ଚା' ପାଇଁ ନିମନ୍ତ୍ରଣ କରିଥିଲେ। ଯେଉଁ ମହିଳା ଜଣକ ନିମନ୍ତ୍ରଣ କରିଥିଲେ ସେ କହିଥିଲେ, ଏବେ ସବୁର ଦରଦାମ ବଢିବାରେ ଲାଗିଛି। କେବଳ ଦରମା ଯାହା ବଢୁନାହିଁ। ଏହା ଶୁଣିବା ପରେ ରାହୁଲ ସଙ୍ଗେ ସଙ୍ଗେ ସରକାରଙ୍କୁ ସମାଲୋଚନା



ଆଉ ମହିଳାଙ୍କ ନିମନ୍ତ୍ରଣ ରକ୍ଷା କରି ରାହୁଲ ସେଠାରେ ପହଞ୍ଚିଥିଲେ। କିନ୍ତୁ ଏହା ପୂର୍ବରୁ ପରିବା ଦୋକାନରେ ପହଞ୍ଚିଥିଲେ ରାହୁଲ। ପରିବା ଦୋକାନରେ କେତେ ରେଟ୍ ଅଛି ତାହା ଜାଣିବାକୁ ଚେଷ୍ଟା କରିଥିଲେ। ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ରାହୁଲଙ୍କୁ କରିବା ସହ ସବୁ ଜାଣି ସରକାର ଚେଇଁ ଶୋଇଥିବା କହିଥିଲେ। ଆସନ୍ତା ବର୍ଷ ଫେବୃଆରୀରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ ରାହୁଲ ଆକ୍ଟିଭ୍ ମୁଡରେ ଅଛନ୍ତି। ସେ ଆମ୍ବେଦକର ପ୍ରସଙ୍ଗରେ ସରକାରଙ୍କୁ ଚାରିଆଡୁ ଟାର୍ଗେଟ କରୁଛନ୍ତି।

## ଆର୍‌ଜି କର ମାମଲାକୁ ନେଇ ବଡ଼ ଖୁଲାସା

# କ୍ରାଇମ୍ ସ୍ପଟ୍‌ରେ ନାହିଁ ଧସ୍ତାଧସ୍ତିର ଚିହ୍ନ

**କୋଲକାତା, ୨୪।୧୨:** ବହୁ ଚର୍ଚ୍ଚିତ କୋଲକାତା ଆର୍ ଜି କର୍ ହସ୍ପିଟାଲରେ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ବଡ଼ ଖୁଲାସା ହୋଇଛି। ଚଳିତ ବର୍ଷ ଅଗଷ୍ଟ ୯ ତାରିଖରେ ହସ୍ପିଟାଲର ଚତୁର୍ଥ ମହଲାରେ ଥିବା ସେମିନାର ରୁମ୍‌ରେ ଜୁନିଅର ଡାକ୍ତରଙ୍କ ମୃତଦେହ ମିଳିଥିଲା। ଏବେ ଏହି କ୍ରାଇମ୍‌ସ୍ପଟ୍‌ରେ ଧସ୍ତାଧସ୍ତିର କୌଣସି ଚିହ୍ନ ନଥିବା ଜଣାପଡିଛି। ସାମ୍ନାକୁ ଆସିଥିବା ଫରେନ୍ସିକ ରିପୋର୍ଟରେ ଏଭଳି କିଛି ଖୁଲାସା ହୋଇଛି। ସେଣ୍ଟ୍ରାଲ ଫରେନ୍ସିକ୍ ଲାବ୍ରୋଟରୀର ରିପୋର୍ଟ ମୁତାବକ, ଘଟଣାସ୍ଥଳରେ ପୀଡିତା ଓ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି ଧସ୍ତାଧସ୍ତି କିମ୍ବା ମାରପିଟ୍ ହୋଇଥିବାର ସଙ୍କେତ ମିଳି ନାହିଁ। କେବଳ ସେତିକି ନୁହେଁ ସେମିନାର ରୁମ୍ ଭିତରର କୌଣସି ବି ସ୍ଥାନରେ ଏ ସଂକ୍ରାନ୍ତୀୟ କିଛି ଚିହ୍ନ ମିଳିନାହିଁ। ଏହି ଫରେନ୍ସିକ୍ ରିପୋର୍ଟ ସାମ୍ନାକୁ ଆସିବା ପରେ ସେମିନାର ରୁମ୍‌ରେ ଜୁନିଅର ଡାକ୍ତରଙ୍କ ସହ ଦୁଷ୍କର୍ମ ଓ ପରେ ତାଙ୍କୁ ହତ୍ୟା କରାଯାଇଛି କି ନାହିଁ ତାକୁ ନେଇ ପ୍ରଶ୍ନ ଉଠୁଛି।

ସେଣ୍ଟ୍ରାଲ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ (ସିଏଫଏସଏଲ) ଦିଲ୍ଲୀର ବିଶେଷଜ୍ଞମାନେ ଅଗଷ୍ଟ ୧୪ରେ ଆରଜି କର ହସ୍ପିଟାଲର ଯାଞ୍ଚ କରି ନମୁନା ସଂଗ୍ରହ କରିଥିଲେ। ସେପ୍ଟେମ୍ବର ୧୧ରେ ଏହାର ରିପୋର୍ଟ ସିବିଆଇରେ ଦାଖଲ କରାଯାଇଥିଲା। ସିଏଫଏସଏଲ




ଟିମ୍ କହିଛି ଯେ, ସେମିନାର ହଲ୍‌ରେ ଥିବା କାଠ ପ୍ଲାଟଫର୍ମରେ ରଖାଯାଇଥିବା ଗଦା ବ୍ୟତୀତ ଚଟ୍ଟାଣର କୌଣସି ଅଂଶରେ କିମ୍ବା ଆଖପାଖରେ କୌଣସି ଜୈବିକ ଦାଗ ମିଳି ନାହିଁ। ଏହାବ୍ୟତୀତ, ନୀଳ ସିଟ୍ ସହିତ କାଠ ଟେବୁଲ ଉପରେ ବି କୌଣସି ଚିହ୍ନ ମିଳି ନାହିଁ। ଏହି ମାମଲାରେ କୋଲକାତା ପୁଲିସର ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଓ ପରେ ସିବିଆଇର ତଦନ୍ତକୁ ନେଇ ପ୍ରଶ୍ନ ଉଠୁଛି। ପ୍ରଥମରୁ କୁହାଯାଇଥିଲା ଯେ, ସେମିନାର ରୁମ୍‌ରେ ହିଁ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ତେବେ ସିଏଫ୍‌ଏସ୍‌ଏଲ୍‌ର ରିପୋର୍ଟରେ କିନ୍ତୁ ଏ କଥା ସାମ୍ନାକୁ ଆସିନାହିଁ। ଏହି ଫୋରେନସିକ୍ ରିପୋର୍ଟ ସାମ୍ନାକୁ ଆସିବା ପରେ ଆର.ଜି କର ହସ୍ପିଟାଲରେ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ରହସ୍ୟ ଆହୁରି ଗଭୀର ହୋଇଛି। ଅନ୍ୟ କେଉଁ ସ୍ଥାନରେ ପୀଡିତାଙ୍କ ସହ ଦୁଷ୍କର୍ମ ଓ ହତ୍ୟା କରିବା ପରେ ତାଙ୍କର ମୃତଦେହକୁ ସେମିନାର ହଲ୍‌ରେ ଆଣି ରଖାଯାଇଥିବା ସନ୍ଦେହ କରାଯାଉଛି। କାରଣ ଫରେନ୍‌ସିକ୍ ରିପୋର୍ଟର ପଏଣ୍ଟ ୫ରେ ଉଲ୍ଲେଖ କରାଯାଇଛି ଯେ, ହସ୍ପିଟାଲର ସେମିନାର ହଲ୍‌କୁ ଯିବାକୁ ହେଲେ କାହା ଦୃଷ୍ଟି ଆଢୁଆଳରେ ସେଠାରେ ପହଞ୍ଚିବା ମୁସ୍‌କିଲ୍। ଅଭିଯୁକ୍ତ କିମ୍ବା ବାହାର ବ୍ୟକ୍ତି ସେମାନର ହଲ୍‌କୁ କୌଣସି ପ୍ରକାରେ ଲୁଚି ଯାଇପାରିବେ ନାହିଁ।

ସୂଚନାଯୋଗ୍ୟ, ଅଗଷ୍ଟ ୯ ତାରିଖରେ ଆର.ଜି କର ହସ୍ପିଟାଲର ସେମିନାର ହଲରୁ ଜଣେ ଅନ୍ ଡ୍ୟୁଟି ମହିଳା ଡାକ୍ତରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ଦୁଷ୍କର୍ମ କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହି ମାମଲାରେ ପୁଲିସ ସଞ୍ଜୟ ରୟ ନାମକ ଅଭିଯୁକ୍ତକୁ ଗିରଫ କରିଥିଲା। ତାଙ୍କୁ ଅଗଷ୍ଟ ୯ ତାରିଖ ସକାଳ ୪ଟା ସମୟରେ ସେମିନାର ହଲରେ ପ୍ରବେଶ କରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଥିଲା।

# ହରମନପ୍ରୀତ, ପ୍ରବୀଣ କୁମାର ପାଇବେ 'ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ'





**ନୂଆଦିଲ୍ଲୀ,୨୪/୧୨:** ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂହ ଏବଂ ପାରା ଆଥଲେଟ୍ ପ୍ରବୀଣ କୁମାର ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ' ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମାତ୍ର ପ୍ୟାରିସ୍ ଅଲିମ୍ପିକ୍ସରେ ଡବଲ୍ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିବା ତାରକା ସୁଟର ମନୁ ଭାକରଙ୍କ ନାମ ତାଲିକାରେ ସାମିଲ ନହେବା ସମସ୍ତଙ୍କୁ ଚକିତ କରିଛି। ଅନ୍ୟ ପଟରେ ଅର୍ଜୁନ ପୁରସ୍କାର ପାଇଁ ୩୦ଜଣଙ୍କ ନାମ ସୁପାରିସ୍ କରାଯାଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରାମସୁବ୍ରମଣ୍ୟନଙ୍କ ଅଧ୍ୟକ୍ଷତାରେ ୧୨ଜଣିଆ ଚୟନ କମିଟି 'ଖେଳରତ୍ନ' ପୁରସ୍କାର ପାଇଁ ହରମନପ୍ରୀତ ଓ ପ୍ରବୀଣଙ୍କ ନାମ ମନୋନୀତ କରିଥିଲେ। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ହରମନପ୍ରୀତଙ୍କ ନେତୃତ୍ୱରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେ ଦଳର ସର୍ବାଧିକ ଗୋଲ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ସେହିପରି ପାରା ଆଥଲେଟ ପ୍ରବୀଣ ପୁରୁଷ ହାଇଜମ୍ପ ଟି-୬୪ ବର୍ଗରେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। ସେ ୨.୦୮ମିଟର ଉଚ୍ଚ ଜମ୍ପ କରି ଏସୀୟ ରେକର୍ଡ଼ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ତାଙ୍କର ଦ୍ୱିତୀୟ ଅଲିମ୍ପିକ୍ସ ପଦକ ରହିଥିଲା। ଗତ ଟୋକିଓ ଅଲିମ୍ପିକ୍ସରେ ସେ ରୌପ୍ୟ ଜିତିଥିଲେ।

ପ୍ୟାରିସ୍ ଅଲିମ୍ପିକ୍ସରେ ୨ଟି ବ୍ରୋଞ୍ଜ ପଦକ ଜିତିଥିବା ମନୁ 'ଖେଳରତ୍ନ' ପୁରସ୍କାର ତାଲିକାରେ ସ୍ଥାନ ନପାଇବା କ୍ରୀଡ଼ାପ୍ରେମୀଙ୍କୁ ମର୍ମାହତ କରିଛି। ସେ ଏହି ପୁରସ୍କାର ପାଇଁ ଆବେଦନ କରିନଥିବା କ୍ରୀଡ଼ାମନ୍ତ୍ରଣାଳୟର ଜଣେ ଅଧିକାରୀ ସଫେଇ ଦେଇଛି। ମାତ୍ର ମନୁଙ୍କ ପରିବାର ଏହାକୁ ଖଣ୍ଡନ କରିଛନ୍ତି। ସେ ଏହି ପୁରସ୍କାର ଆବେଦନ କରିଥିଲେ ବୋଲି ସ୍ପଷ୍ଟ କରିଛନ୍ତି। ନିକଟରେ ମନୁ ସୋସିଆଲ୍ ମିଡିଆରେ ଲେଖିଥିଲେ, ମୁଁ 'ଖେଳରତ୍ନ' ପୁରସ୍କାର ପାଇବାକୁ ହକ୍‌ଦାର କି ନାହିଁ? ଏହାକୁ ନେଇ ସୋସିଆଲ୍ ମିଡିଆ ଅନୁଗାମୀମାନେ ତାଙ୍କୁ ସମାଲୋଚନା କରିଥିଲେ। ଫଳରେ ସେ ନିଜ ପୋଷ୍ଟକୁ ଡିଲିଟ୍ କରି ଦେଇଥିଲେ। ମନୁ ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ୟକ୍ତିଗତ ମହିଳା ଏୟାର ପିସ୍ତଲ (୧୦ମିଟର) ଏବଂ ମିକ୍ସଡ୍ ଟିମ୍ (ସରବଜୋତ ସିଂହଙ୍କୁ ସାଥୀ କରି)ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଭାରତୀୟ ଜାତୀୟ ରାଇଫଲ ଆସୋସିଏସନ୍(ଏନ୍ଆରଏଆଇ) ମନୁଙ୍କ ନାମ ସୁପାରିସ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ଆସୋସିଏସନ୍‌ର ସଭାପତି କଳିକେଶ ନାରାୟଣ ସିଂହଦେଓ ମନୁଙ୍କ ନାମ ସାମିଲ କରିବା ପାଇଁ କ୍ରୀଡ଼ା ମନ୍ତ୍ରାଳୟକୁ ପତ୍ର ଲେଖିଥିବା ଜଣାଇଛନ୍ତି। ସେ କହିଛନ୍ତି, ଆମେ କ୍ରୀଡ଼ା ମନ୍ତ୍ରାଳୟ ସହ ଯୋଗଯୋଗ କରିଛୁ। ତାଙ୍କ ନାମ ସାମିଲ କରିବା ପାଇଁ ଆମେ ଲିଖିତ ଭାବେ ଜଣାଇଛୁ। ଗତ ବର୍ଷ ଭାରତୀୟ ପେସ୍ ବୋଲର ମହମ୍ମଦ ସାମି ଅର୍ଜୁନ ପୁରସ୍କାର ପାଇଁ ଆବେଦନ କରିନଥିଲେ। ମାତ୍ର ବିସିସିଆଇର ହସ୍ତକ୍ଷେପ ପରେ ତାଙ୍କୁ ପୁରସ୍କାର ତାଲିକାରେ ସାମିଲ କରାଯାଇଥିଲା। ଜାତୀୟ କ୍ରୀଡ଼ା ଦିବସ ପୁରସ୍କାର କମିଟି ସୋ ମୋଟୋ କଗ୍ନିଜେନ୍ସ ନିୟମରେ ସାମିଙ୍କୁ ତାଲିକାଭୁକ୍ତ କରିଥିଲେ। ମନୁଙ୍କ କ୍ଷେତ୍ରରେ କମିଟି ଏହି ନିୟମ ଆପଣେଇବା ଆଶା କରାଯାଉଛି।

## ଅଲିମ୍ପିକ୍ସ ଯାଇ ପଦକ ଆଣିବାର ନଥିଲା: ମନୁ



ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ଦୁଇଟି କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିବା ଭାରତୀୟ ସୁଟର ମନୁ ଭାକରଙ୍କୁ ଖେଳ ରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇନାହିଁ। ୩୦ଜଣଙ୍କ ମଧ୍ୟରେ ତାଙ୍କ ନାମ ନାହିଁ। ଅଲିମ୍ପିକ୍ ଗେମ୍ସରେ ଦୁଇଟି ପଦକ ଜିତି ଇତିହାସ ରଚିଥିବା ମନୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ପାଇଁ ବିବେଚିତ ନହେବାରୁ ଖୁସି ନଥିବା ସାମ୍ନାକୁ ଆସିଛି। କ୍ରୀଡା ମନ୍ତ୍ରାଳୟ ଦାବି କରିଛି ଯେ, ମନୁ ପୁରସ୍କାର ପାଇଁ ତାଙ୍କ ନାମ ପଠାଇ ନଥିଲେ। ହେଲେ ଏହାକୁ ମନୁ ଅସ୍ୱୀକାର କରିଛନ୍ତି। ମନୁ ଦାବି କରିଛନ୍ତି ଯେ, ସେ ପୁରସ୍କାର ପାଇଁ ଅନଲାଇନ୍ ପୋର୍ଟାଲରେ ତାଙ୍କ ନାମ ପଠାଇଥିଲେ। ଏହା ସତ୍ତ୍ୱେ ବି ତାଙ୍କୁ ୩୦ଜଣଙ୍କ ମଧ୍ୟରେ ସ୍ଥାନ ମିଳିନାହିଁ। ଅନ୍ୟପକ୍ଷରେ ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆକୁ ସାକ୍ଷାତକାର ଦେଇ ମନୁ ଭକରଙ୍କ ପିତା କ୍ରୀଡା ମନ୍ତ୍ରାଳୟ ଏବଂ ଖେଳ ରତ୍ନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରୁଥିବା କମିଟି ଉପରେ ନିଜର ବିରକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, "ମୁଁ ମନୁଙ୍କୁ ସୁଟର ନକରି କ୍ରିକେଟର କରିଥିଲେ ଭଲ ହୋଇଥାନ୍ତା। ଏଭଳି କରିଥିଲେ ସମସ୍ତ ପୁରସ୍କାର ଏବଂ ପ୍ରଶଂସା ତାଙ୍କ ପାଖକୁ ଆସିଥାନ୍ତା। ସେ ସମାନ ସଂସ୍କରଣରେ ଦୁଇଟି ଅଲିମ୍ପିକ୍ ପଦକ ଜିତିଥିଲେ, ପୂର୍ବରୁ କେହି ତାହା କରିନଥିଲେ। ମୋ ଝିଅଠାରୁ କ୍ରୀଡ଼ା ମନ୍ତ୍ରାଳୟ ଆଉ ଅଧିକ କ'ଣ ଆଶା ରଖିଥିଲା। ସରକାର ମନୁଙ୍କ ପରିଶ୍ରମକୁ ସମ୍ମାନ ଦେବାର ଥିଲା। ମୁଁ ମନୁଙ୍କ ସହ କଥା ହୋଇଛି। ସେ ବହୁତ ନିରାଶ ଅଛନ୍ତି। ଖେଳ ରତ୍ନ ପାଇଁ ନାମ ଘୋଷଣା ପରେ ସେ ମୋତେ କହିଲେ ଯେ, ମୋତେ ଅଲିମ୍ପିକ୍ସ ଯିବାର ନଥିଲା ଓ ଦେଶ ପାଇଁ ପଦକ ଆଣିବାର ନଥିଲା। ଏହା ସହ ମୋତେ ସୁଟର ହିଁ ହେବାର ନଥିଲା।"

## ଅଶ୍ୱିନଙ୍କ ବଦଳ ଖେଳିବେ ତନୁଶ କୋଟିଆନ



**ନୂଆଦିଲ୍ଲୀ, ୨୪।୧୨:** ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଅଧାରୁ ଅବସର ଘୋଷଣା କରିଥିବା ରବିଚନ୍ଦ୍ରନ ଅଶ୍ୱିନ ସ୍ୱଦେଶ ଫେରି ଆସିଛନ୍ତି। ଏବେ ଅଷ୍ଟ୍ରେଲିଆ ବିପକ୍ଷ ବାକି ୨ଟି ଟେଷ୍ଟ ମ୍ୟାଚ୍ ପାଇଁ ଅଶ୍ୱିନଙ୍କ ବଦଳ ଖେଳାଳିଙ୍କୁ ଚୟନ କରାଯାଇଛି। ଅଶ୍ୱିନଙ୍କ ବଦଳରେ ଜଣେ ସ୍ପିନରଙ୍କୁ ଭାରତୀୟ ସ୍କ୍ୱାଡରେ ସାମିଲ କରାଯାଇଛି। ତାଲିକାରେ ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ଯୁଜଭେନ୍ଦର ଚହଲ ରହିଥିଲେ ହେଁ ସମସ୍ତଙ୍କୁ ଚକିତ କରି ଜଣେ ଯୁବ ତାରକାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚୟନ କରାଯାଇଛି। ରିପୋର୍ଟ ଅନୁସାରେ, ମୁମ୍ବାଇର ଯୁବ ଅଫ ସ୍ପିନର ତନୁଶ କୋଟିଆନଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଚୟନ କରାଯାଇଛି। ସେ ମଙ୍ଗଳବାର ଭାରତରୁ ଅଷ୍ଟ୍ରେଲିଆ ଉଡ଼ାଣ ଭରିବେ। ତନୁଶ ଏଯାଏ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି। ପ୍ରଥମ ଥର ପାଇଁ ତାଙ୍କୁ ଭାରତୀୟ ଟିମର ସ୍କ୍ୱାଡରେ ସାମିଲ କରାଯାଇଛି। ୨୬ ବର୍ଷୀୟ ତନୁଶ ୩୩ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୦୧ ୱିକେଟ ନେଇଛି। ୨୦ଟି ଲିଷ୍ଟ ଏ ମ୍ୟାଚ୍‌ରେ ତାଙ୍କର ୨୦ଟି ୱିକେଟ ରହିଛନ୍ତି। ଟି-୨୦ରେ ସେ ୩୩ଟି ମ୍ୟାଚ୍‌ରେ ୩୩ଟି ୱିକେଟ ନେଇଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସେ ଭାରତୀୟ ଏ ଦଳ ସହ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ମେଲବର୍ଣ୍ଣରେ ସେ ୮ନଂରେ ବ୍ୟାଟିଂ କରି ୪୮ ରନ କରିଥିଲେ। ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ତନୁଶ କୋଟିଆନଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି। ଯଦି ୱାଶିଂଟନ ସୁନ୍ଦର କିମ୍ବା ରବୀନ୍ଦ୍ର ଜାଡେଜା ଆହତ ହୁଅନ୍ତି, ତା'ହେଲେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବ। ସୋମବାର ମୁମ୍ବାଇର ବିଜୟ ହଜାରେ ଟ୍ରଫି ଖେଳିଥିବା ବୋଲିଂ ଅଲରାଉଣ୍ଡର ତନୁଶ ହାଇଦ୍ରାବାଦ ବିପକ୍ଷରେ ୨ଟି ୱିକେଟ ନେବା ସହ ଅପରାଜିତ ୩୯ ରନର ଇନିଂସ ଖେଳିଛନ୍ତି।

# ସାମିଙ୍କ ବାମ ଆଣ୍ଠୁରେ ସମସ୍ୟା ଦେଖାଦେଇଛି: ବିସିସିଆଇ



**ନୂଆଦିଲ୍ଲୀ, ୨୪।୧୨:** ଭାରତୀୟ କ୍ରିକେଟ ଟିମ୍‌ର ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଏବେ ଚିନ୍ତା ଲାଗିରହିଛି। ଅଧିନାୟକ ରୋହିତ ଶର୍ମାଙ୍କ ପାଖରୁ ସାମିଙ୍କ ଫିଟନେସ୍ ସଂପର୍କରେ ଜାଣିବାକୁ ଚେଷ୍ଟା କରାଯାଉଛି। ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସାମିଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଥମ ଥର ସୂଚନା ଦେଇଛି। ବିସିସିଆଇ ଯେଉଁ ସୂଚନା ଦେଇଛି ତାହା ଉଭୟ ଭାରତୀୟ ଦଳ ଏବଂ ସାମିଙ୍କ ପ୍ରଶଂସକଙ୍କ ପାଇଁ ଖରାପ ଖବର। ଭାରତୀୟ ଟିମ୍‌ରେ ସାମିଙ୍କ ପ୍ରତ୍ୟାବର୍ତ୍ତନ ଅସମ୍ଭବ ବୋଲି କୁହାଯାଉଛି। ଏପରିକି ବିଜୟ ହଜାରେ ଟ୍ରଫିରେ ତାଙ୍କର ଖେଳିବାର ସମ୍ଭାବନା ମଧ୍ୟ କମ୍।

ବିସିସିଆଇ ସୋମବାର ସାମିଙ୍କ ଫିଟନେସ୍‌କୁ ନେଇ ବିସ୍ତୃତ ବିବରଣୀ ଜାରି କରିଛି। ଗୋଇଠିରେ ଆଘାତ ଯୋଗୁ ସମସ୍ୟା ଭୋଗୁଥିବା ସାମି ସେଣ୍ଟର ଅଫ ଏକ୍ସେଲେନ୍ସି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏଥିରୁ ସେ ଆଶ୍ୱସ୍ତି ପାଇବା ପରେ ଏବେ ନୂଆ ସମସ୍ୟାରେ ପଡ଼ିଛନ୍ତି। ଲଗାତାର ବୋଲିଂ କରିବାରୁ ତାଙ୍କ ଆଣ୍ଠୁରେ ସମସ୍ୟା ଦେଖାଦେଇଛି, ଏଥିପାଇଁ ମେଡିକାଲ ଟିମ୍ ତାଙ୍କୁ ଶେଷ ଦୁଇଟି ଟେଷ୍ଟରେ ନଖେଳିବାକୁ ପରାମର୍ଶ ଦେଇଛନ୍ତି। ସାମି ଟେଷ୍ଟ ଖେଳିବାକୁ ଫିଟ୍ ନଥିବା ଡାକ୍ତରୀ ଦଳ ପକ୍ଷରୁ କୁହାଯାଇଛି। ପ୍ରେସ ବିଜ୍ଞପ୍ତିରେ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଗୋଇଠିରେ ଲାଗିଥିବା ଆଘାତରୁ ସୁସ୍ଥ ହେବା ପରେ ମହମ୍ମଦ ସାମି ରଣଜୀ ଟ୍ରଫି ଖେଳିଥିଲେ ଏବଂ ୪୩ ଓଭର ବୋଲିଂ କରିଥିଲେ। ଏହା ପରେ ସାମି ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ବେଙ୍ଗଲ ପାଇଁ ସବୁ ମ୍ୟାଚ୍ ଖେଳିଥିଲେ। ଏହା ବ୍ୟତୀତ ମହମ୍ମଦ ସାମି ସେଣ୍ଟର ଅଫ ଏକ୍ସେଲେନ୍ସିରେ ବୋଲିଂ ଅଭ୍ୟାସ କରିଥିଲେ ଏବଂ ଟେଷ୍ଟ ମ୍ୟାଚ୍ ଖେଳିବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କର ବାମ ଆଣ୍ଠୁରେ ସମସ୍ୟା ଦେଖା ଦେଇଥିଲା। ତେବେ ଅଧିକ ବୋଲିଂ କରିବାରୁ ଏଭଳି ସମସ୍ୟା ହେବା ସ୍ୱାଭାବିକ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

## ଟ୍ରାଭିସ ହେଡଙ୍କ ବିବାଦୀୟ ବୟାନ
## ବିସିସିଆଇ ପାୱାର ହାଉସ



**ନୂଆଦିଲ୍ଲୀ, ୨୪।୧୨:** ଭାରତ-ଅଷ୍ଟ୍ରେଲିଆ ଟିମ୍ ଚତୁର୍ଥ ଟେଷ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି। ହେଲେ ଏହାପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟର ଟ୍ରାଭିସ ହେଡଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଚାଲିଛି। ଏକ ଇଣ୍ଟରଭ୍ୟୁରେ ଅଷ୍ଟ୍ରେଲିଆ କ୍ରିକେଟଙ୍କୁ ବିସିସିଆଇ, ଆଇସିସି ଏବଂ ଭାରତୀୟ କ୍ରିକେଟକୁ ଗୋଟିଏ ଭାଷାରେ ବୁଝାଇବାକୁ କୁହାଯାଇଥିଲା। ବିସିସିଆଇକୁ ପାୱର ହାଉସ କହିଥିଲେ। ବିସିସିଆଇକୁ ହେଡ୍ ଶାସକ ବୋଲି କହିଥିବା ବେଳେ କିଭଳି ବିଶ୍ୱସ୍ତରରେ ଏହାର ପ୍ରଭାବକୁ ଦର୍ଶାଇଥାଏ। ବିସିସିଆଇର ସଫଳତା, ଆର୍ଥିକ ସମ୍ବଳ, ଫ୍ୟାନ୍, ଆଇପିଏଲକୁ ସଫଳ କରିବାରେ ବଡ ଭୂମିକା ଗ୍ରହଣ କରିଛି। ଆଇସିସି ତୁଳନାରେ ବିସିସିଆଇର ସ୍ଥାନ ଅଧିକ ବୋଧେ ରହିଛି ବୋଲି ଅନେକ ଫ୍ୟାନ୍ସ ଭାବୁଛନ୍ତି। ଆଇସିସିକୁ ଦ୍ୱିତୀୟ ବୋଲି କହିଛନ୍ତି ହେଡ। ଖେଳର ଭବିଷ୍ୟକୁ ଆକାର ଦେବା ପାଇଁ ବିସିସିଆଇ ପରେ ଦ୍ୱିତୀୟ ସ୍ଥାନରେ ରହିଛି ଆଇସିସି। ସେହିଭଳି ଭାରତୀୟ କ୍ରିକେଟକୁ ଷ୍ଟ୍ରଙ୍ଗ ଏବଂ ଫାଣ୍ଟାଷ୍ଟିକ୍ ବୋଲି କହିଥିଲେ। ଖେଳ ପ୍ରତି ଭାରତୀୟ ଫ୍ୟାନ୍ସ ଏବଂ ଖେଳାଳିଙ୍କ ଭଲପାଇବା ଉଚ୍ଚସ୍ତରରେ ପହଞ୍ଚିଛି। ସୂଚନାଯୋଗ୍ୟ, ଭାରତ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ଏହି ସିରିଜର ବକ୍ସିଂ ଡେ' ଟେଷ୍ଟରେ ଟ୍ରାଭିସ ହେଡ ଖେଳିବା ନେଇ ସନ୍ଦେହ ଜାତ ହୋଇଛି। ବ୍ରିସ୍‌ବେନ୍ ଟେଷ୍ଟରେ ଦ୍ୱିତୀୟ ପାଳିରେ ଆଘାତ ପାଇଥିବା ହେଡ୍ ପରବର୍ତ୍ତୀ ମ୍ୟାଚ୍ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ପ୍ରକାଶ କରିଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ହେଡ୍ ଏହି ସିରିଜରେ ଏ ପର୍ଯ୍ୟନ୍ତ ୮୧.୮୦ ହାରରେ ୪୦୯ ରନ୍ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ଆଡିଲେଡ୍‌ରେ ୧୪୦ ଓ ଗାବାରେ ୧୫୨ ରନର ଦୁଇ ପାଳି ଭାରତକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା।

## ଭାରତୀୟ ବଧିର କ୍ରିକେଟ୍ ଦଳରେ ଓଡ଼ିଆ ପୁଅ ଶିବୁନ



କଟକ ୨୪/୧୨: ଆସନ୍ତା ବର୍ଷ ନୂଆଦିଲ୍ଲୀ ଠାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ଟି-ଟ୍ୱେଣ୍ଟି ବଧିର କ୍ରିକେଟ୍ ସିରିଜ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ଏଥିରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଶିବୁନ ନନ୍ଦ ସ୍ଥାନ ପାଇଛନ୍ତି। ତ୍ରିରାଷ୍ଟ୍ରୀୟ ସିରିଜ ଆଗାମୀ ମାର୍ଚ୍ଚ ୨ରୁ ଆରମ୍ଭ ହୋଇ ୮ ତାରିଖରେ ଶେଷ ହେବ। ଆୟୋଜକ ଭାରତ ସମେତ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟ ଏହି ସିରିଜରେ ଭାଗ ନେବେ। ଏହାପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ଟି ଦିନିକିଆ (ମାର୍ଚ୍ଚ ୧୦ରୁ ୧୨ତାରିଖ) ଖେଳାଯିବ। ଶିବୁନ ଚଳିତ ବର୍ଷ ୧୯ବର୍ଷରୁ କମ୍ କୁଚ୍ ବେହାର ଟ୍ରଫିରେ ଓଡ଼ିଶା ଦଳର ସଦସ୍ୟ ରହିଥିଲେ। ସେହିପରି ଓସିଏ ଅନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ପକ୍ଷରୁ ଖେଳିଥିଲେ। ଗତ ଅନ୍ତଃଜୋନ ଟି-ଟ୍ୱେଣ୍ଟି ଚାମ୍ପିଅନସିପ୍ (ବଧିର)ରେ ସେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ୪ଟି ମ୍ୟାଚ୍ ଖେଳି ଦ୍ୱିତୀୟ ସର୍ବାଧିକ ୧୦ଟି ୱିକେଟ୍ ଅକ୍ତିଆର କରିଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଶିବୁନଙ୍କୁ ଆଗାମୀ ସିରିଜ ପାଇଁ ଶୁଭକାମନା ଜଣାଇଛନ୍ତି।

## ଓଡ଼ିଶାରେ ପୁଣି ହକି ମହାକୁମ୍ଭ
## ୨୮ରୁ ଝଲସିବ ବିର୍ସା ମୁଣ୍ଡା ଷ୍ଟାଡିୟମ




**ରାଉରକେଲା, ୨୪।୧୨:** ହକି ଗଡକୁ ଫେରିଲା ହକି। ହକି ଇଣ୍ଡିଆ ଲିଗ୍ ମ୍ୟାଚର ଚମକରେ ଚମକିବ ରାଉରକେଲା ସମେତ ସୁନ୍ଦରଗଡ଼। ଖୁବଶୀଘ୍ର ମୈଦାନକୁ ଓହ୍ଲାଇବେ ୮ଟି ଭାରତୀୟ ପୁରୁଷ ହକି ଦଳର ଖେଳାଳି ସାଙ୍ଗକୁ ବିଦେଶୀ ଖେଳାଳୀ। ବଲିଉଡ ତାରକାଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ ମହୋତ୍ସବ ସହିତ ଶୁଭାରମ୍ଭ ହେବ ବୋଲି କହିଛନ୍ତି ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦୀଲିପ ତୀର୍କୀ। ଡିସେମ୍ବର ମାସ ୨୮ ତାଖରୁ ରାଉରକେଲାରେ ପୁଣି ଆୟୋଜନ ହେବ ହକିର ମହାକୁମ୍ଭ। ଦୁଇଟି ପର୍ଯ୍ୟାୟରେ ହେବ ଇଣ୍ଡିଆନ୍ ହକି ଲିଗ୍ ମ୍ୟାଚ। ଡିସେମ୍ବର ୨୮ ରୁ ଜାନୁୟାରୀ ୧୮ ଓ ଜାନୁଆରୀ ୧୯ ତାରିଖରୁ ଫେବୃଆରୀ ୧ତାରିଖ ପର୍ଯ୍ୟନ୍ତ ଚାଲିବ ମ୍ୟାଚ। ଦୁଇଟି ପୁଲରେ ୮ ଟି ଟିମ୍ ରଖାଯାଇଥିବା ବେଳେ ରାଉଣ୍ଡ-ରବିନ ଫର୍ମାଟରେ ହକି ଇଣ୍ଡିଆ ଲିଗ୍ ମ୍ୟାଚ ଆୟୋଜିତ ହେବ।

## ବିଜୟ ହଜାରେ ଟ୍ରଫି

# ଓଡ଼ିଶା ଶେଷ ବଲ୍‌ରେ ହାରିଲା





**ଭୁବନେଶ୍ୱର, ୨୪।୧୨:** ବିଜୟ ହଜାରେ ଟ୍ରଫି ଏକଦିବସୀୟ ଘରୋଇ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା କ୍ରମାଗତ ପରାଜୟ ବରଣ କରିଛି। ନିଜ ପ୍ରଥମ ମ୍ୟାଚ୍‌ରେ ଗୋଆଠାରୁ ହାରିଯାଇଥିବା ସନ୍ଦୀପ ପଟ୍ଟନାୟକଙ୍କ ଦଳ ସୋମବାର ଆସାମ ନିକଟରୁ ୫ ୱିକେଟ୍‌ରେ ହାରିଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା କାର୍ତ୍ତିକ ବିଶ୍ୱାଲଙ୍କ ଅପରାଜିତ ଅର୍ଦ୍ଧଶତକ (୭୨ ବଲ୍‌ରୁ ୭୬* ରନ୍) ଓ ଆଶୀର୍ବାଦ ସ୍ୱାଇଁ (୪୫ ବଲ୍‌ରୁ ୫୮ ରନ୍) ଦ୍ରୁତ ପାଳି ସତ୍ତ୍ୱେ ୫୦ ଓଭରରେ ୫ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା। ଉଭୟ ପଞ୍ଚମ ୱିକେଟ୍ ପାଇଁ ୧୨୩ ରନ୍ (୧୪.୩ ଓଭର) ଯୋଡ଼ିଥିଲେ। ତାଙ୍କ ପୂର୍ବରୁ ସ୍ୱସ୍ତିକ ସାମଲ (୪୦), ସନ୍ଦୀପ ପଟ୍ଟନାୟକ (୩୪) ଓ ଗୋବିନ୍ଦ ପୋଦ୍ଦାର (୩୩) ଭଲ ଖେଳିଥିଲେ ମଧ୍ୟ ବଡ଼ ପାଳିରେ ରୂପାନ୍ତର କରିପାରି ନଥିଲେ। ଆସାମ ପକ୍ଷରୁ ମୃଣ୍ମୟ ଦତ୍ତ ୨ ୱିକେଟ୍ ଏବଂ ଅକାଶ ସେନଗୁପ୍ତା ଓ ପରଭେଜ୍ ମୁସାରଫ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଋଷଭ ଦାସ (୧୧୯ ବଲ୍‌ରୁ ୭୩ ରନ୍), ଶିବଶଙ୍କର ରାୟ (୫୬ ବଲ୍‌ରୁ ୬୬ ରନ୍), ସୁମିତ ଗଡ଼ିଗାଓଁକର (୫୧ ବଲ୍‌ରୁ ୪୭ ରନ୍)ଙ୍କ ପାଳି ଆସାମ ବିଜୟରେ କର୍ଣ୍ଣଧାର ସାଜିଥିଲା। ଶେଷ ଓଭର୍‌ରୁ ୯ ରନ୍ ଆବଶ୍ୟକ ଥିବା ବେଳେ ଦେବବ୍ରତ ପ୍ରଧାନଙ୍କ ଶେଷ ବଲ୍‌କୁ ଚୌକା ମାରି ସାହିଲ୍ ଜୈନ୍ ଆସାମକୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି (୯-୦-୪୩-୨) ସଫଳ ବୋଲର ଥିବାବେଳେ ସ୍ୱସ୍ତିକ ସାମଲ, ଯାମଳା ମହାପାତ୍ର, ଅଭିଷେକ ରାଉତ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

### ❑ ମୁମ୍ବାଇର ୩୮୩କୁ ପଛରେ ପକାଇଲା କର୍ଣ୍ଣାଟକ

ବିଜୟ ହଜାରେ ଟ୍ରଫିର ଅନ୍ୟ ଏକ ମ୍ୟାଚ୍‌ରେ ମୁମ୍ବାଇ ୩୮୩ ରନ୍ କରିଥିଲେ ମଧ୍ୟ କର୍ଣ୍ଣାଟକ ନିକଟରୁ ୭ ୱିକେଟ୍ ବ୍ୟବଧାନରେ ହାରିଯାଇଛି। ବିଜୟ ହଜାରେ ଟ୍ରଫି ଇତିହାସରେ ଏହା ଦ୍ୱିତୀୟ ସର୍ବୋଚ୍ଚ ପଶ୍ଚାତ୍‌ଧାବନ ବିଜୟ। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଶ୍ରେୟସ ଆୟର (୫୫ ବଲ୍‌ରୁ ୧୧୪* ରନ୍), ହାର୍ଦ୍ଦିକ ତାମୋର୍ (୮୪) ଓ ଆୟୁଷ ମହାତ୍ରେ (୭୮), ଶିବମ ଦୁବେ (୬୩*)ଙ୍କ ବଳରେ ମୁମ୍ବାଇ ବିଶାଳ ସ୍କୋର୍ କରିଥିଲା। ଆୟର ଓ ଦୁବେ ଶେଷ ୬୫ ବଲ୍‌ରୁ ୧୪୮ ରନ୍ ଯୋଡ଼ିଥିଲେ। ଜବାବରେ ନିଜର ତୃତୀୟ ଲିଷ୍ଟ୍-ଏ ମ୍ୟାଚ୍ ଖେଳୁଥିବା କେ ଶ୍ରୀଜିତ୍ (୧୦୧ ବଲ୍‌ରୁ ୧୫୦*) ଦଳକୁ ୩.୪ ଓଭର ପୂର୍ବରୁ ବିଜୟୀ କରାଇଥିଲେ। କେଭି ଅନୀଶ (୬୫*), ପ୍ରବୀଣ ଦୁବେ (୬୫), ମୟଙ୍କ ଅଗ୍ରୱାଲ (୪୭) ଭଲ ସହଯୋଗ କରିଥିଲେ।

# ବୁମରାଙ୍କ ବୋଲିଂ ଷ୍ଟାଇଲକୁ ନେଇ ଉଠିଲା ପ୍ରଶ୍ନ




**ନୂଆଦିଲ୍ଲୀ ୨୪/୧୨:** ଟିମ୍ ଇଣ୍ଡିଆର ନମ୍ବର ୱାନ ବୋଲର ତଥା ଉପ-ଅଧିନାୟକ ଜସପ୍ରୀତ ବୁମ୍ରା। କଙ୍ଗାରୁ ବାହିନୀଙ୍କ ପାଇଁ ସାଜିଛନ୍ତି ଘାତକ। ବର୍ଡର ଗାଭାସ୍କର ଟ୍ରଫିରେ ଦେଖାଉଛନ୍ତି କମାଲ୍। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ହଜାଇଛନ୍ତି ନିଦ। ତିନୋଟି ମ୍ୟାଚ୍‌ରେ ବୁମରା ୨୦ରୁ ଅଧିକ ୱିକେଟ୍ ନେଇଛନ୍ତି। ବର୍ତ୍ତମାନ ବିଶ୍ୱ ନମ୍ବର ୧ ନମ୍ବର ଟେଷ୍ଟ ବୋଲର ବୁମ୍ରା ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍‌ଙ୍କୁ ବହୁତ ଅସୁବିଧାରେ ପକାଇଛନ୍ତି। ଅଷ୍ଟ୍ରେଲିଆର ବଡ କିମ୍ବଦନ୍ତୀ ମଧ୍ୟ ତାଙ୍କ ବୋଲିଂର ପ୍ରଶଂସକ ଅଟନ୍ତି। ତେବେ ବର୍ତ୍ତମାନ ତାଙ୍କ ବୋଲିଂ ଷ୍ଟାଇଲକୁ ନେଇ ଉଠିଛି ପ୍ରଶ୍ନ। ମେଲବୋର୍ଣ୍ଣରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ଏହି ଭେଟେରାନଙ୍କ ବୋଲିଂ କାର୍ଯ୍ୟ ଶୈଳୀ ନେଇ ଆସିଛି ସଂଗୀନ ଅଭିଯୋଗ। ମେଲବର୍ଣ୍ଣ ଟେଷ୍ଟ ପୂର୍ବରୁ ବୁମରାଙ୍କ ବୋଲିଂ ଆକ୍ସନକୁ ନେଇ ଏକ ଆରମ୍ଭ ହୋଇଛି ବିତର୍କ। ଅଷ୍ଟ୍ରେଲିଆର ଅଭିଜ୍ଞ କ୍ରିକେଟ୍ ପ୍ରସାରକ ଇଆନ୍ ମୋରିସ୍ ତାଙ୍କ ବୋଲିଂ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, 'କାହିଁକି ଭାରତୀୟ ଦ୍ରୁତ ବୋଲର ବୁମରାଙ୍କ ବଲକୁ କେହି ପ୍ରଶ୍ନ କଲେ ନାହିଁ? ଆଜିକାଲି ତାହା ରାଜନୈତିକ ଦୃଷ୍ଟିରୁ ଠିକ୍ ନୁହେଁ କି? ମୁଁ କହୁ ନାହିଁ ଯେ ସେ ଫୋପାଡି ଦେଉଛନ୍ତି କିନ୍ତୁ ଅନ୍ତତଃ ପକ୍ଷେ ପ୍ରସବ ସମୟରେ ହାତର ସ୍ଥିତିକୁ ବିଶ୍ଳେଷଣ କରାଯିବା ଉଚିତ୍। ସେ କହିଛନ୍ତି ବଲ ଡେଲଭରୀ ସମୟରେ ବୁମରାଙ୍କ ବାମ ହାତର ସ୍ଥିତିକୁ ଅତି ନିକଟରୁ ନୀରିକ୍ଷଣ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଏହା ପ୍ରଥମ ଘଟଣା ନୁହେଁ ଯେ ବୁମରାଙ୍କ ବୋଲିଂ ଆକ୍ସନ୍ ଉପରେ ପ୍ରଶ୍ନ ଉଠିଛି।

ଏହାପୂର୍ବରୁ ବୁମରାଙ୍କୁ ତାଙ୍କର ଅନନ୍ୟ କାର୍ଯ୍ୟ ଯୋଗୁଁ ଏପରି ଜିନିଷର ସାମ୍ନା କରିବାକୁ ପଡିଥିଲା। ପର୍ଥ ଟେଷ୍ଟରେ ପ୍ରଥମ ଇନିଂସରେ ପାଞ୍ଚଟି ୱିକେଟ୍ ନେଇ ବୁମ୍ରା ଅଷ୍ଟ୍ରେଲିଆକୁ ୧୦୪ ରନ୍ କରି ବୋଲିଂ କରିଥିବା ବେଳେ ତାଙ୍କ ବୋଲିଂ କାର୍ଯ୍ୟ ସମ୍ପର୍କରେ ସୋସିଆଲ ମିଡିଆରେ ବିତର୍କ ହୋଇଥିଲା। ଜସପ୍ରୀତ ବୁମ୍ରା ସୀମା ଗାଭାସ୍କର ଟ୍ରଫିର ତିନୋଟି ମ୍ୟାଚର ୬ ଇନିଂସରେ ୨୧ ୱିକେଟ୍ ନେଇଛନ୍ତି। ଗାବା ଟେଷ୍ଟ ସମୟରେ ସେ ଭାରତୀୟ ବୋଲର ମଧ୍ୟ ହୋଇଥିଲେ ଯିଏ ଅଷ୍ଟ୍ରେଲିଆରେ ସର୍ବାଧିକ ୱିକେଟ୍ ନେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆରେ ୨୦ ଇନିଂସରେ ମୋଟ ୫୩ ୱିକେଟ୍ ନେଇଛନ୍ତି। ବୁମରା ଏହି ଘଟଣାରେ ଭେଟେରାନ କପିଲ ଦେବଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। କପିଲ ଦେବ ଅଷ୍ଟ୍ରେଲିଆରେ ୫୧ଟି ୱିକେଟ୍ ନେଇଥିଲେ।

**ରାସ୍ତାରେ ଭାସୁଛି ଆବର୍ଜନା ପାଣି**

# ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ନାଳ ସଫେଇ




**ବୋରିଗୁମ୍ମା, ୨୪।୧୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ବହୁ ପୁରାତନ ପାଇଲୁ ସାହିରେ ନାଳ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବା ଯୋଗୁଁ ଆବର୍ଜନା ଜଳ, ପରିସ୍ରା ରାସ୍ତାରେ ଭାସୁଥିବା ଦେଖାଯାଇଥିଲା। ପଞ୍ଚାୟତ ପକ୍ଷରୁ ବିଭିନ୍ନ ସାହିରେ ଥିବା ପୁରାତନ ନାଳକୁ ପୁନରୁଦ୍ଧାର କରାଯାଇ ନିର୍ମାଣ କରାଯାଇଥିଲା । ସେହି କ୍ରମରେ ପାଇଲୁ ସାହିରେ ମଧ୍ୟ ନାଳ ନିର୍ମାଣ କରାଯାଇ ଥିଲା। ହେଲେ ନାଳର ପାଣି ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ବ୍ୟବହୃତ କରୁଥିବା ପାଣି ନାଳରେ ନଯାଇ ରାସ୍ତା ଉପରେ ପ୍ରବାହିତ ହେଉଥିଲା। ଉକ୍ତ ସମସ୍ୟା ସମ୍ପର୍କିତ ଖବର ୨୦ ତାରିଖ ଶୁକ୍ରବାର ଅଗ୍ରଣୀ ଦୈନିକ ଖବର କାଗଜ 'ସଂଚାର'ରେ ପ୍ରକାଶିତ ପରେ ବ୍ଲକ ପ୍ରଶାସନ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ଆଜି ପାଇଲୁ ସାହିର ନାଳ ସଫା କରି ଆବର୍ଜନା ଜଳକୁ ନାଳ ମାଧ୍ୟମରେ ଛଡାଯାଇଛି। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ ସାହିବାସିନ୍ଦା ସଂଚାର ଖବର କାଗଜକୁ ସାଧୁବାଦ ଜ୍ଞାପନ କରିଛନ୍ତି ଓ ଦୈନିକ ଖବର 'ସଂଚାର'କୁ ପ୍ରଶଂସାର ସୁଅ ଛୁଟିଛି।



## ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

**ନାଉଗାଁ, ୨୪।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଦେବିଦୋଳ ସେତୁ ନିକଟରୁ ନିଆଳି ବ୍ଲକର ପହଙ୍ଗା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାର ଅବସ୍ଥା ଦୀର୍ଘ ଦିନ ଧରି ସଙ୍କଟାପନ୍ନ ଅବସ୍ଥାରେ ପଡ଼ି ରହିଛି। ଯାହାକୁ ନେଇ ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ ପରେ ଗତ ଦୁଇ ବର୍ଷ ମଧ୍ୟରେ ଏହି ରାସ୍ତାର ମରାମତି ଓ ପ୍ରସସ୍ଥି କରଣ ପାଇଁ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ଟେଣ୍ଡର କରାଯାଇଥିଲେ ମଧ୍ୟ କୌଣଷି କାରଣ ବଶତଃ ଟେଣ୍ଡର ନେଇଥିବା ଠିକାଦାରମାନେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରୁନଥିବା ବେଳେ ଆଜି ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଏହି ରାସ୍ତାର ପ୍ରଶସ୍ତିକରଣ ଓ ମରାମତି ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ରାସ୍ତାର ଏରଡ଼ା ବଢ଼େଇସାହି କୁତାମଚଣ୍ଡିଙ୍କ ମନ୍ଦିର ଠାରୁ ଦେବିଦୋଳ ସେତୁ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାର ମରାମତି କାର୍ଯ୍ୟ ପାଇଁ ଏହି ଟେଣ୍ଡର ହୋଇଥିବା ଜଣାଯାଇଛି। ଉକ୍ତ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ସହିତ ନାଉଗାଁ ବ୍ଲକ ୧ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ଗଳଧାରି ପଞ୍ଚାୟତର ସରପଞ୍ଚ ଦିଲ୍ଲୀପ କୁମାର ନାୟକ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

**ଭଏସ୍ ଅଫ୍ ନୟାଗଡ଼ ସିଜନ୍-୫**

# ଫାଇନାଲରେ ବାଜି ମାରିଲେ ବିଷ୍ଣୁପ୍ରିୟା

**ନୟାଗଡ଼, ୨୪।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାର ସର୍ବବୃହତ ସଂଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼, ସିଜନ୍ ୫ର ଫାଇନାଲ ଅଡିସନ୍ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ନୟାଗଡ଼ କ୍ଲବ୍ ତରଫରୁ ବିଗତ ଚାରିବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି ଭଏସ୍ ଅଫ୍ ନୟାଗଡ଼। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ ନୟାଗଡ଼ ଡକ୍ଟର ଅରୁଣ କୁମାର ସାହୁ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ,ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଓ ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂହ ଉପସ୍ଥିତ ଥିଲେ। ବିଚାରକ ଭାବେ ବରିଷ୍ଠ କଣ୍ଠଶିଳ୍ପୀ ସୁରଗାନ୍ଧର୍ବ ନବକିଶୋର ମିଶ୍ର,ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଶ୍ରୀକର ପାଢ଼ୀ ଓ ଆଲୋକ ଦେବ ଯୋଗଦେଇ ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୦୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।ବିଷ୍ଣୁ ପ୍ରିୟା ବେହେରା ଚମ୍ପିୟାନ ତଥା "ଭଏସ୍ ଅଫ୍ ନୟାଗଡ଼" ହୋଇଥିବା ବେଳେ ରୁଦ୍ରାଂଶୀ ଆଚାର୍ଯ୍ୟ ଦ୍ୱିତୀୟ ଓ ଓମକାର ମହାପାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି ।



ନୟାଗଡ଼ କ୍ଲବର ସଭାପତି ଅଶୋକ କୁମାର ନାୟକ, ସଂପାଦକ ଶ୍ରୀଧର ସାହୁ ,ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମର ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସଦସ୍ୟ ଅରୁଣ କୁମାର ମହାନ୍ତି , ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ, ମିହିର ରଂଜନ ନାୟକ, ପ୍ରକାଶ ଚନ୍ଦ୍ର ଷଡଙ୍ଗୀ,ଲକ୍ଷ୍ମୀନାରାୟଣ ରଥ, ଅବିନାଶ ସାହୁ, ସୁବାସ ଚନ୍ଦ୍ର କଅଁର,ପ୍ରସନ୍ନ କୁମାର ବସନ୍ତିଆ,ପ୍ରଶାନ୍ତ କୁମାର ପଟ୍ଟନାୟକ, ବାସୁଦେବ ସାହୁ ଉପସ୍ଥିତ ହୋଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଗୋପୀନାଥ ସେଠୀ। ଏହି ଫାଇନାଲ ପ୍ରତିଯୋଗିତାରେ ୧୦ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ପ୍ରତିଯୋଗୀମାନେ ଓଡିଆ ସିନେମା ସଂଗୀତ ଆଦି ଗାଇଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ସଂଗୀତ ନିର୍ଦ୍ଦେଶକ ପୀତବାସ ଖଟେଇ, କାର୍ତ୍ତିକ ଚନ୍ଦ୍ର ସାଥୁଆ ଓ କାର୍ତ୍ତିକ ଭଞ୍ଜ। ନୟାଗଡ଼ର ବହୁ ସଂଗୀତ ପ୍ରେମୀ ଉପସ୍ଥିତ ଥିଲେ।।

# ଭୁବନେଶ୍ୱର ଇଏସ୍ଆଇ ଡାକ୍ତରଖାନାରେ ଡାଇଲିସିସ୍ ୟୁନିଟ ଉଦ୍ଘାଟିତ

**ସମସ୍ତ ବୀମାଭୁକ୍ତ କର୍ମଚାରୀ ଦେୟମୁକ୍ତ ଡ଼ାଇଲିସିସ୍ ସେବା ସୁବିଧାରେ ପାଇପାରିବେ**

**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଏସ୍.ଆଇ ହସ୍ପିଟାଲଠାରେ ବୀମାଭୁକ୍ତ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ନିମନ୍ତେ ଏକ ଡ଼ାଇଲିସିସ୍ ୟୁନିଟ କାର୍ଯ୍ୟକ୍ଷମ ଓ ଲୋକାର୍ପିତ ହୋଇଛି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହାକୁ ଉଦଘାଟନ କରି କହିଲେ ଯେ, ଆଜି ଆମ ସମସ୍ତଙ୍କ ପାଇଁ ଏକ ଆନନ୍ଦର ମୁହୂର୍ତ୍ତ । ସମ୍ପ୍ରତି କିଡ଼ନି, ହୃଦରୋଗ ଇତ୍ୟାଦି ବହୁମାତ୍ରାରେ ଦେଖାଦେଉଥିବା ପରିପ୍ରେକ୍ଷୀରେ ଏହି ଡ଼ାଇଲିସିସ୍ ୟୁନିଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ବୀମାଭୁକ୍ତ କର୍ମଚାରୀ ଓ ତାଙ୍କର ପରିବାରର ସଦସ୍ୟଗଣ ବିନା ଦେୟରେ ଡ଼ାଇଲିସିସ୍ ଚିକିତ୍ସା ସେବା ପାଇପାରିବେ। ଭୁବନେଶ୍ୱର ଜୋନ ଅଧିନସ୍ଥ ସମସ୍ତ ଚିକିତ୍ସାଳୟରୁ ମଧ୍ୟ ପ୍ରେରିତ ହୋଇ ଏଠାରେ ଚିକିତ୍ସିତ ହୋଇ ପାରିବେ । ଏହି ଚିକିତ୍ସା ସେବା ପ୍ରଥମ ଥର ପାଇଁ ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଆରମ୍ଭ କରାଗଲା ଓ ଏହି ସେବା ଯେପରି ସମସ୍ତ ବୀମାଭୁକ୍ତ କର୍ମଚାରୀ ପାଇପାରିବେ ସେଥିପାଇଁ ସମସ୍ତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ପୁଣି କହିଲେ ଯେ ଏଥି ନିମନ୍ତେ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧିନରେ ବିନାଦେୟରେ ୧୨ଟି ପରବର୍ତ୍ତୀ ଯତ୍ନ (ସେକେଣ୍ଡାରୀ





କେୟାର) ଓ ୧୨ଟି ସ୍ୱତନ୍ତ୍ର ବିଶେଷଜ୍ଞ ଯତ୍ନ (ଟର୍ଷିଆରୀ କେୟାର) ସହ ଚୁକ୍ତି କରାଯାଇଛି । ଏହି ଡ଼ାଇଲିସିସ୍ ସେବା ଚୌଦ୍ୱାର ଇ.ଏସ୍.ଆଇ ଚିକିତ୍ସାଳୟରେ ମଧ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ। ଖୁବଶୀଘ୍ର ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାରେ ଏକ ସୁପର ସ୍ପେସିଆଲିଟି ଆଉଟଡୋର ମଧ୍ୟ ଆରମ୍ଭ ହେବାକୁ ଯାଉଛି । ଏହାଛଡ଼ା ଆଉ ୫ଟି ନୂତନ ଇ.ଏସ୍.ଆଇ ଡ଼ାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ ୧୯୬୦ ମସିହାରୁ କାର୍ଯ୍ୟକାରୀ ହୋଇଆସୁଥିବା କର୍ମଚାରୀ ରାଜ୍ୟ ବୀମା ଯୋଜନାରେ ଓଡ଼ିଶାରେ ୪ ଟି ଇ.ଏସ୍.ଆଇ ହସ୍ପିଟାଲ ଓ ୫୩ ଟି ଇ.ଏସ୍.ଆଇ ଡିସପେନସାରୀ ମାଧ୍ୟମରେ ପ୍ରାୟ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଉଅଛି। ରାଜ୍ୟ ସରକାର ବୀମାଭୁକ୍ତ କର୍ମଚାରୀ ମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ବିନା ବାଧାରେ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, କର୍ମଚାରୀ ରାଜ୍ୟ ବୀମା ନିର୍ଦ୍ଦେଶକ ଅଶୋକ କୁମାର ପଣ୍ଡା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ ଏବଂ ଭୁବନେଶ୍ୱର ଇ.ଏସ୍.ଆଇ ଡ଼ାକ୍ତରଖାନାର ଅଧ୍ୟକ୍ଷ ଡ଼ାକ୍ତର ଶ୍ରୀକାନ୍ତ ଦେବତା ତଥା ଅନ୍ୟାନ୍ୟ ବୀମା ଚିକିତ୍ସା ଅଧିକାରୀ ଓ ଡ଼ାକ୍ତରଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ପରେ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଇ.ଏସ୍.ଆଇ ହସ୍ପିଟାଲଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା ଓ ବିଭିନ୍ନ ଶ୍ରମିକ ସଂଘର ପ୍ରତିନିଧିମାନେ ଶ୍ରମମନ୍ତ୍ରୀଙ୍କୁ ଭେଟି ଶ୍ରମିକମାନଙ୍କ ସୁବିଧା ଅସୁବିଧା ପ୍ରତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଉଦ୍ଘାଟିତ

**ବାଲିଅନ୍ତା, ୨୪।୧୨ (ସଂଚାର ବ୍ୟୁରୋ):** ଉମାଦେଈ ବ୍ରହ୍ମପୁ ଗଡ଼ଶ୍ରୀରାମପୁର-ପୂରଣଶାସନ ଗ୍ରାମ ଉନ୍ନୟନ ବିଭାଗ ରାସ୍ତା ଆଜି ଉଦଘାଟିତ ହୋଇଯାଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ୨୦୨୦/୨୦୨୧ ଆର୍ଥିକ ବର୍ଷରେ ୬. ୪୪୦ କିମି ବିଶିଷ୍ଟ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରାସ୍ତା ନବୀକରଣ ନେଇ ୩ କୋଟି ୨୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ରାସ୍ତାକୁ ୬ ମିଟର ଚଉଡ଼ା କରାଯିବା ସହିତ କଂକ୍ରିଟ, ପିଚୁ ଓ ଗୋଟିଏ କଲଭର୍ଟ ନିର୍ମାଣ କରାଯାଇଛି।

ଏହି ଅବସରରେ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ରଙ୍ଗବଜାର ଛକ ନିକଟରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀ ମୁଖ୍ୟ ବିଜେପି ସଂଗଠକ ଚୌଧୁରୀ ଦ୍ୱାରିକା ନାଥ ଦାଶ, ସାଂସଦଙ୍କ ବ୍ଲକ ପ୍ରତିନିଧି ଶିବ ମଲ୍ଲିକ,ପ୍ରଦୀପ୍ତ କୁମାର ମହାନ୍ତି, ତାପସ ଜେନା, ସିଦ୍ଧେଶ୍ୱର ନାଥ, ମଣ୍ଡଳ ସଭାପତି ବିଜୟ ମହାରଣା, ପ୍ରଶାନ୍ତ କର, ଗ୍ରାମ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅଶୋକ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ଦଳେଇ ଓ ସାହେବ କୁମାର ସାହୁଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ଚେସ୍‌ରେ ସୁନାମ ଅର୍ଜନ କଲେ ବ୍ରହ୍ମପୁରର ଅଭୟ

**ବ୍ରହ୍ମପୁର, ୨୪।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୋଆ ପରିସରରେ ଆୟୋଜିତ ଓଡିଶା ଓପନ ଇଣ୍ଟରନ୍ୟାସନାଲ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ୍ ୨୦୨୪-୨୫ର ସି-କ୍ୟାଟଗରୀ ଟୁର୍ଣ୍ଣାମେଣ୍ଟରେ ଗଂଜାମ ଜିଲ୍ଲାରୁ ଅଧିକାଂଶ କ୍ରୀଡ଼ାବିତ ଅଂଶ ଗ୍ରହଣ କରିଥିଲଲେ। ଏଥିମଧ୍ୟରୁ ବ୍ରହ୍ମପୁରର ଉଦୟମାନ ଚେସ୍ ଖେଳାଳି ଅଭୟରାମ ଦାସ ଗଞ୍ଜାମ ଜିଲ୍ଲା ପକ୍ଷରୁ ସର୍ବାଧିକ ୬ ପଏଣ୍ଟ ରଖି ଅନରେଟେଡ଼ କ୍ୟାଟେଗରୀରେ ୩୦୦୦ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିଲେ। ସେହିପରି କ୍ରୀଡ଼ାବିତ ହୃଦେଶ ପାଣିଗ୍ରାହୀ ୫.୫ ପଏଣ୍ଟ ରଖି ୟୁ-୦୯ କ୍ୟାଟେଗୋରୀରେ ଟ୍ରଫି ସହ ୨ ହଜାର ଟଙ୍କା ଏବଂ ଅନୁଶ୍ରୀ ପାଢ଼ୀ ୫.୫ ପଏଣ୍ଟ ସହ ଏଫ-୧୩ କ୍ୟାଟେଗୋରୀରେ ଟ୍ରଫି ସହ ୨ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରି ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି କ୍ରୀଡା କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ପରାଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡିଜିଟାଲ୍‌ରେ...

ଠକେଇର ଶିକାର ହୋଇଛି। ୧୯୯୦ ଓ ୨୦୦୨ ମସିହାରେ ଗୋଟିଏ ସରକାରୀ ଓ ଗୋଟିଏ ବେସରକାରୀ ସଂସ୍ଥାରେ ଠକେଇରେ ଶିକାର ହୋଇଥିଲି। ଟଙ୍କା ଯୋଗାଡ଼ କରି ଦେଇଥିଲି, କିନ୍ତୁ ପରେ ସଂସ୍ଥା ହିଁ ଉଭାନ ହୋଇଯାଇଥିଲା। ୧୯୮୬ ଆଇନ ଅନୁସାରେ ଅପିଲ୍ ବି କରିଥିଲି, ମାତ୍ର ଟଙ୍କା ମିଳିଲାନି। ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ୧୯୮୬ ଡିସେମ୍ବର ୨୪ ରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରଣୟନ ହୋଇଥିଲା। ଏହି ଆଇନରେ ବ୍ୟବସାୟୀ ସଂସ୍ଥାକୁ ଉତ୍ତରଦାୟୀ କରିବା ପାଇଁ ଯଥେଷ୍ଟ ପ୍ରାବଧାନ ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଗୁରୁତ୍ୱର ସହ ନେଇ ସଂସଦରେ ନୂଆ ଉପଭୋକ୍ତା ଆଇନ ପାରିତ କରିଥିଲେ।୨୦୨୦ ଜୁଲାଇ ୨୦ରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେଉଛି। ଏହି ଆଇନରେ ଠକ ସଂସ୍ଥାକୁ ଉତ୍ତରଦାୟୀ କରିବା ସହିତ ସମସ୍ତ ପ୍ରକାର ଗଳାବାଟକୁ ବନ୍ଦ କରିବାର ପ୍ରାବଧାନ କରାଯାଇଛି। ସେ ଆହୁରି କହିଥିଲେ, ଆଜିର ଇଣ୍ଟରନେଟ ଓ ସୋଶାଲ ମିଡିଆ ଯୁଗରେ ଲୋକମାନେ ସହଜରେ ଠକାମିର ଶିକାର ହେଉଛନ୍ତି। ସେବା ଓ ସାମଗ୍ରୀ ଯୋଗାଇଦେଉଥିବା ସଂସ୍ଥା ଲୋକମାନଙ୍କୁ ଠକି ଦେଇ ରାତାରାତି ଗାଏବ ହୋଇଯାଉଛନ୍ତି।୨୦୧୦ରେ ଓଡିଶାରେ ବହୁତ ଲୋକ ଠକାମିରେ ଶିକାର ହୋଇଥିଲେ। ଏ ସବୁକୁ ରୋକିବା ଓ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବା ପାଇଁ ଏହି ନୂଆ ଆଇନରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଗଠନ କରାଯାଇଛି। ଉପଭୋକ୍ତା ଅଧିକାରର କୌଣସି ପ୍ରକାର ଉଲଂଘନ ହେଲେ ଏହି ପ୍ରାଧିକରଣ ତା'ର ଯାଞ୍ଚ ଓ ତଦନ୍ତ କରି ସୁରକ୍ଷା ଯୋଗାଇଦେବେ। ଉପଭୋକ୍ତାମାନେ ମଧ୍ୟ ଘରେ ବସିଇ-ଫାଇଲିଂରେ ଅଭିଯୋଗ ଦାଖଲ କରି ନ୍ୟାୟ ପାଇପାରିବେ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ଉପଭୋକ୍ତା ନ୍ୟାୟ ପାଇଁ ଭର୍ଚୁଆଲ ଶୁଣାଣି ଏବଂ ଡିଜିଟାଲ ଅଭିଗମ୍ୟତା। ଉପଭୋକ୍ତାମାନେ ବିନା ଅସୁବିଧାରେ ଡିଜିଟାଲ ମାଧ୍ୟମରେ ଅଭିଯୋଗ କରିପାରିବେ ଏବଂ ନ୍ୟାୟ ମଧ୍ୟ ପାଇପାରିବେ। ଠକାମିର ଶିକାର ହେଲେ ଡିଜିଟାଲ ମାଧ୍ୟମରେ ଅଭିଯୋଗ କରିବାକୁ ଉପଭୋକ୍ତାମାନେ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ସେ ପୁଣି କହିଥିଲେ, ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଆମକୁ ପ୍ରଥମେ ସଚେତନ ହେବାକୁ ପଡିବ। ତାହେଲେ ଯାଇ ବ୍ୟକ୍ତି ଅଧିକାର ସୁରକ୍ଷିତ ରହି ପାରିବ। ଏବେ ରାଜ୍ୟ ତଥା ଜିଲ୍ଲା ସ୍ତରରେ ସଚେତନତା ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଖାଉଟି ସୁରକ୍ଷା ବିପ୍ଳବକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ଉପଭୋକ୍ତା ସୁରକ୍ଷା ସଚେତନତା ଏକ ସାମାଜିକ ଆନ୍ଦୋଳନ। ସଚେତନ ଉପଭୋକ୍ତା ହିଁ ସୁରକ୍ଷିତ ଉପଭୋକ୍ତା ବାର୍ତ୍ତାକୁ ଜନସାଧାରଣରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁ ଖାଉଟି ଅଧିକାର ପାଇଁ ଯୁବ ସମାଜ ଆଜି ସଚେତନ ହୋଇଛନ୍ତି। ୨୦୩୬ରେ ଏକ ସମୃଦ୍ଧ ଓ ବିକଶିତ ଓଡିଶା ଗଠନର ଲକ୍ଷ୍ୟ ରହିଛି। ଏକ ଠକେଇମୁକ୍ତ ତଥା ଅସାଧୁ ବ୍ୟବସାୟୀମୁକ୍ତ ଓଡିଶା କିପରି ଗଠନ ହେବ ସେଥିପାଇଁ ଜନସାଧାରଣ ମତାମତ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ସଚେତନ ଖାଉଟି ହେଉଛି ଉତ୍ତମ ଖାଉଟି। ଖାଉଟି ଅଦାଲତଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ। ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ଦିଲ୍ଲୀପ ମହାପାତ୍ର କହିଥିଲେ, ଅନଲାଇନରେ କେସ୍ ଫାଇଲିଂ ହେଉଛି ଏବଂ କେସ୍ ଶୁଣାଣି ବି ହେଉଛି। ଦେଶର ପ୍ରଥମ ଥର ପାଇଁ ଓଡିଶାରେ ଅନଲାଇନ ଶୁଣାଣି ବ୍ୟବସ୍ଥା ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇ ସଚେତନ ଓ ସ୍ୱାଧୀନଚେତା ସମାଜ ଗଠନ ପାଇଁ ସମସ୍ତେ ସବୁ ବିଷୟରେ ଜାଣିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଖାଉଟି ସୁରକ୍ଷା ସମ୍ବନ୍ଧୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ଏକ ନ୍ୟୁଜ ଲେଟର ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ।

### ହରିବାବୁ...

ହୋଇପଡିଥିବା ବେଳେ ଗତ ସାଧାରଣ ନିର୍ବାଚନ ସମୟରେ ରାଜଭବନକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ କରିଥିଲେ ବିରୋଧୀ।

ସେହିଭଳି ଜେନେରାଲ ଡକ୍ଟର ବିଜୟ କୁମାର ସିଂହଙ୍କୁ ମିଜୋରାମ ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ କେରଳ ରାଜ୍ୟପାଳ ଭାବେ, ଆରିଫ ମହମ୍ମଦ ଖାନଙ୍କୁ ବିହାର ରାଜ୍ୟପାଳ ଭାବେ ଏବଂ ଅଜୟ କୁମାର ଭାଲ୍ଲାଙ୍କୁ ମଣିପୁର ରାଜ୍ୟପାଳ ଭାବେ ଅବସ୍ଥାପିତ କରାଯାଇଛି।

### ଧାନର ମାନ...

ଖୋଲିବାରେ ବିଳମ୍ବ ହେଉଛି। କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବନି। ବର୍ଷାରେ ଯାହାର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଏ ପର୍ଯ୍ୟନ୍ତ ବିକ୍ରି ହେଲାଣି ସାଢେ ସାତ ଲକ୍ଷ ମେଟ୍ରିକ ଟନ ଧାନ। ଦେଢ ଲକ୍ଷ କୃଷକଙ୍କ ଆକାଉଣ୍ଟକୁ ସିଧା ଟଙ୍କା ଯାଇଛି। ୨୧ ଶହ କୋଟି ଟଙ୍କା ଦିଆଯାଇଥିବା ବେଳେ ଗୋଟିଏ ବି ଅଭିଯୋଗ ଏପର୍ଯ୍ୟନ୍ତ ଆସିନି ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ। ନଷ୍ଟ ଧାନ କିପରି ବିକିବୁ ଏବଂ ଏହା ସହ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ସେ କହିଛନ୍ତି ଯେ ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଚାଷୀଙ୍କ ଭିତରେ ସହାଭାଗିତା ଦରକାର। ଜିଲ୍ଲା ପ୍ରଶାସନ ମଧ୍ୟ ସହାୟତା କରିବ। ଚାଷୀ ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ, ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ଆଶ୍ୱାସନା ଦେଇଛନ୍ତି ମନ୍ତ୍ରୀ।

### ଆଉ ଦୁଇ...

ବଙ୍ଗୋପସାଗରି ଜଳୀୟବାଷ୍ପ ଆସିବ। ଯାହାର ପ୍ରଭାବରେ ମେଘୁଆ ପାଗ ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଉତ୍ତର ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଗୁଡିକରେ ହାଲୁକା ମଧ୍ୟମ ଧରଣର ବର୍ଷା ଆଜି ହେବ। ଆସନ୍ତାକାଲି ଦକ୍ଷିଣ ଉପକୂଳରେ ହାଲୁକା ବର୍ଷା ସହ କୋହଲା ପାଗ ଦେଖିବାକୁ ମିଳିବ। ୪୮ ଘଣ୍ଟା ଯାଏଁ ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହା ପରେ ରାତିର ତାପମାତ୍ରା ୩ ଡିଗ୍ରୀ ହ୍ରାସ ପାଇବ। ୨୭ ତାରିଖ ବେଳକୁ ସାରା ଦେଶକୁ ପ୍ରଭାବିତ କରିବ ପଶ୍ଚିମାଝଡ। ଏହାର ପ୍ରଭାବରେ ରାଜ୍ୟରେ ହାଲୁକା ବର୍ଷା ସମ୍ଭାବନା ରହିଛି। ପଶ୍ଚିମାଝଡ ପାସ୍ କରିବା ପରେ ଶୀତ ବଢ଼ିବାର ସମ୍ଭାବନା ରହିଛି।

ସେ କହିଛନ୍ତି, ଆସନ୍ତା ୨୪ ଘଣ୍ଟାରେ ଗଞ୍ଜାମ, ଗଜପତି, ନୟାଗଡ, ରାୟଗଡା, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, ଜଗତସିଂହପୁର, ନବରଙ୍ଗପୁର, କଳାହାଣ୍ଡି କନ୍ଧମାଳ, କେନ୍ଦ୍ରାପଡା, ବୌଦ୍ଧ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ମେଘୁଆ ପାଗ ସହ ହାଲୁକରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ପୁରୀ, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ହାଲୁକା ବର୍ଷା ହେବ।

ଏହାସହ ଆସନ୍ତା ୨୪ ଘଣ୍ଟାରେ କେନ୍ଦୁଝରରେ ଘନ କୁହୁଡି ଦୃଶ୍ୟମାନ ହେବାର ସମ୍ଭାବନା ରହିଛି। ପଶ୍ଚିମାଝଡ ଅପସରି ଯିବା ପରେ ଶୀତ ବଢ଼ିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ କିଛି ସ୍ଥାନରେ ହାଲୁକା ବର୍ଷା ହୋଇଥିବାବେଳେ ଯାଜପୁର ଜେନାପୁରରେ ସର୍ବାଧିକ ୨୫.୨ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୩.୨ ଓ ଜି ଉଦୟଗିରିରେ ୧୦.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ଉତ୍କର୍ଷ ଓଡିଶାକୁ...

ପୁଂଜିନିବେଶ କରିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଭଦ୍ରକ ଓ ଆଖପାଖ ଅଞ୍ଚଳରେ ଆହୁରି ଅନେକ ପୋଷାକ ଉତ୍ପାଦନ ଶିଳ୍ପ ଗଢ଼ି ଉଠିବ। ଫଳରେ ସ୍ଥାନୀୟ ଅଂଚଳର ଅର୍ଥନୈତିକ ବିକାଶ ସହ ଯୁବକ ଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

ଆଇଓସିଏଲର ପାରାଦୀପ ରିଫାଇନାରୀରେ ଚାଲିଥିବା ପାରା-ଏକ୍ସିଲେନ ପ୍ୟୁରିଫାଏଡ ଟେରେଫଥାଲିକ ଏସିଡ ପ୍ରକଳ୍ପ ମଧ୍ୟ ଆସନ୍ତା ଜୁନ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଏହାର ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଓଡିଶାରେ ଆଇଓସିଏଲର ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା ବେଳେ ରାଜ୍ୟରେ ଏକ ଭାସମାନ ସୋଲାର ପ୍ରକଳ୍ପ ଓ ଇଥାନଲ ପ୍ରକଳ୍ପ ପାଇଁ କମ୍ପାନୀ ଯୋଜନା କରୁଥିବା ସୂଚନା ଦିଆଯାଇଛି।

ଏହି ଆଲୋଚନାରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଆଇଓସିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଭିଜିତ ଚକ୍ରବର୍ତ୍ତୀ ଓ ସିଜିଏମ ଧନଞ୍ଜୟ ସାହୁ ଭାଗ ନେଇଥିଲେ।

### ରାଧାନାଥ...

ସରକାର ତାଙ୍କ ନିଷ୍ପତ୍ତି ବଦଳାଇବା ପାଇଁ ବାଧ୍ୟ ହୋଇଥିଲେ। ଓଡ଼ିଆ ଛାତ୍ରଛାତ୍ରୀମାନେ କର୍ଣ୍ଣାଟକ, ଝାଡଖଣ୍ଡ ଓ ଛତିଶଗଡକୁ ଯାଇ ସେଠାରେ ବିଇଡି ପାଠ ପଢୁଥିବା ବେଳେ ଏଠାରେ କାହିଁକି ପୂର୍ବ ସରକାର ବିଇଡି ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିପାରିଲେ ନାହିଁ ? ବର୍ତ୍ତମାନ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଅଛି। ଆଗାମୀ ଦିନରେ ଦୁଇବର୍ଷିଆ କିମ୍ବା ଚାରିବର୍ଷିଆ ବିଇଡି ପାଠ ପଢିବା ପାଇଁ ଅଧିକ ଅନୁଷ୍ଠାନ ଖୋଲିବା ନିମନ୍ତେ ରାଜ୍ୟ ସରକାରଙ୍କ ସହ ଆଲୋଚନା ହେବ। ଏକବିଂଶ ଶତାବ୍ଦୀରେ ଶିକ୍ଷାର ମହତ୍ତ୍ୱ ଯେତିକି ବଢ଼ିଛି, ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ତା' ଠାରୁ ଯଥେଷ୍ଟ ବେଶି ବୃଦ୍ଧି ପାଇଛି। ଶିକ୍ଷକଙ୍କ ଆବଶ୍ୟକତା ପୂରଣ ନହେଲେ ସେମାନେ ସମ୍ଭବତଃ ଭଲ ଶିକ୍ଷାଦାନ କରିପାରିବେ ନାହିଁ। ଯେତେବେଳେ ଆମେ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ଲକ୍ଷ୍ୟ ପୂରଣ କରିବା ଦିଗରେ ଅଗ୍ରସର ହେଉଛେ, ସେ ସମୟରେ ଶିକ୍ଷାର ବିକାଶ ଏବଂ ଶିକ୍ଷାନୁଷ୍ଠାନର ଉନ୍ନତିକରଣକୁ ଆମକୁ ଗୁରୁତ୍ୱ ଦେବାକୁ ହେବ। ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସମସ୍ତ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଆମର ଲକ୍ଷ୍ୟ ଓ ଦାୟିତ୍ୱ।

ଶ୍ରୀ ପ୍ରଧାନ କହିଛନ୍ତି, ଡ୍ରପ ଆଉଟ ହାରକୁ ହ୍ରାସ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରୟାସ କରୁଛନ୍ତି। ପରୀକ୍ଷାକୁ ଚାପମୁକ୍ତ କରିବା ପାଇଁ ପଡିବ। ଏହି ଲକ୍ଷ୍ୟରେ 'ପରୀକ୍ଷା ପେ ଚର୍ଚ୍ଚା' ମାଧ୍ୟମରେ ପ୍ରଧାନମନ୍ତ୍ରୀ ପରୀକ୍ଷା ସହ ଜଡ଼ିତ ଚାପକୁ ଦୂର କରିବା ଏବଂ 'ଏକ୍ଜାମ ୱାରିୟର୍ସ'ଙ୍କ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି।

ସମାରୋହରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ସାଂସଦ ଭର୍ତ୍ତୃହରି ମହତାବ ଏବଂ ବିଧାୟକମାନେ ଉପସ୍ଥିତ ଥିଲେ।

### ସନ୍ୟାସୀଙ୍କ...

କାରନାମା ସଂକ୍ରାନ୍ତରେ ଚାହା ଖଟିରେ ବି ଆଲୋଚନା ଚାଲିଛି। ରୁବେନ ପୂର୍ବରୁ ମଧ୍ୟ ନବୀନଙ୍କ ଉପରେ ଏକ ପୁସ୍ତକ ଲେଖିଥିଲେ। ସେତେବେଳେ ପୁସ୍ତକରେ ନବୀନଙ୍କ ସଂକ୍ରାନ୍ତରେ କିଛି ମନ୍ତବ୍ୟ ରହିଥିଲା। ହେଲେ ସେହି ସମୟରେ ଏହାକୁ ଖଣ୍ଡନ କରିବା କିମ୍ବା ରୁବେନଙ୍କୁ ଗାଳି ଦେବାପାଇଁ ବର୍ତ୍ତମାନର ଅରୁଣ-ଅତନୁଙ୍କ ଭଳି କେହି ଆଗେଇ ଆସିନଥିଲେ। କାରଣ ସମସ୍ତେ ଜାଣିଥିଲେ ରୁବେନ ହେଉଛନ୍ତି ନବୀନଙ୍କର ବ୍ୟକ୍ତିଗତ ବନ୍ଧୁ। ସିଏ ଯାହା ଲେଖିଥିବେ ସେଥିରେ କିଛିଟା ସତ୍ୟତା ଥିବ।

ସେହିଭଳି ନବୀନଙ୍କ ସଂକ୍ରାନ୍ତରେ ଯାହା ଲେଖାହେଲେ ବି ସେଥିରେ କାହାର ଯାଏ ଆସ ନଥିଲା। କିନ୍ତୁ ସନ୍ୟାଙ୍କ ଉପରେ ମାଡ ପଡିବା ପରେ ଏବେ ଅନେକଙ୍କ ପିଠିରେ ଚାବୁକ ବାଜିଲା ଭଳି ଲାଗୁଛି। ଆଉ ପ୍ରଥମେ ଅରୁଣ-ଅତନୁ ଯୋଡି ମୁକାବିଲା ପାଇଁ ପଦାକୁ ଆସିଛନ୍ତି।

ହେଲେ ସେମାନଙ୍କୁ ଦଳ ଭିତରେ ଯେଉଁଭଳି ସମର୍ଥନ ମିଳିବାକଥା ତାହା ଲକ୍ଷ୍ୟ କରାଯାଉନାହିଁ। କାରଣ ନବୀନଙ୍କ ଲୋକପ୍ରିୟତା ସତ୍ତ୍ୱେ ବିଜେଡି କ'ଣ ପାଇଁ ହାରିଲା ଦଳରେ ପ୍ରାୟତଃ ସମସ୍ତେ ଭଲଭାବେ ଜାଣିଛନ୍ତି। ତେଣୁ ରୁବେନଙ୍କ ଲେଖାକୁ ନେଇ ବିଜେଡିର ସଂଖ୍ୟାଧିକ ନେତା ଖୁସିରେ କୁରୁଳୁଥିବାବେଳେ ଇଚ୍ଛା ନଥିଲେ ବି ସନ୍ୟାସୀଙ୍କ ନିର୍ଦ୍ଦେଶରେ ଆଗକୁ ଆସି ଦଳର ଦୁଇ ବରିଷ୍ଠ କିନ୍ତୁ ଲୋକହସାର ପାତ୍ର ସାଜିଛନ୍ତି।

# ନିର୍ଭୀକ ସାମ୍ବାଦିକତାର ଅନ୍ୟ ନାମ ଥିଲେ ନିଧି ମହାରଣା

**କୁଜଙ୍ଗ,୨୪।୧୨(ସଂଚାର ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣାଙ୍କ ଏକାଦଶରେ ବହୁ ସାମ୍ବାଦିକ, ଜନ ପ୍ରତିନିଧି ଓ ଅଞ୍ଚଳବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ତାଙ୍କ ତାଳଦଣ୍ଡା ମଧୁପୁର ବାସ ଭବନରେ ବିଶିଷ୍ଟ ଶ୍ରମିକ ନେତା ତଥା ବିଜେଡି ସଂପାଦକ ସଂତୋଷ ପଟନାୟକ,କୁଜଙ୍ଗ ପ୍ରେସ କ୍ଲବ ସଭାପତି ଡକ୍ଟର ରଘୁନାଥ ସାହୁ, ଶ୍ରୀଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ ଓ ପ୍ରେସ କ୍ଲବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ବରିଷ୍ଠ ସାମ୍ବାଦିକ ମନୋଜ ପ୍ରଧାନ, ରଶ୍ମିରଞ୍ଜନ ଦାସ , ରଂଜିତ କୁମାର ପଣ୍ଡା , ଅରୂ ପ୍ରସାଦ ମହାନ୍ତି ଗୌରାଙ୍ଗ ସ୍ୱାଇଁ , ଓ ସୂର୍ଯ୍ୟକାନ୍ତ ମଲିକ ପ୍ରମୁଖ ନିଧି ବାବୁ ସାମ୍ବାଦିକତା ନିଶା ତାଙ୍କୁ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ଗଢ଼ି ତୋଳିବା ସହ ଅଞ୍ଚଳ ବାସ୍ତବ ସମସ୍ୟା ପ୍ରକାଶ କରିବାରେ କେବେ ଡରୁ ନଥିଲେ। ବହୁ ବାର ଆକ୍ରମଣ ଓ ତାଙ୍କ ଗାଡ଼ି ପୋଡ଼ିବା ଉଦ୍ୟମ ପରେ ତାଙ୍କ ଲିଖନୀ ନିରବି ନଥିଲା ବରଂ ସାମ୍ବାଦିକତା ସହ ନିଜ ଅଞ୍ଚଳ ର ଶିକ୍ଷା ସ୍ୱାସ୍ଥ୍ୟ ନେଇ ବହୁ ଦୃଷ୍ଟାନ୍ତ ମୂଳକ କାର୍ଯ କରି ଲୋକଙ୍କ ସ୍ମରଣ ରେ ଅଛନ୍ତି। ପ୍ରମୁଖ ଯୋଗଦେଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାରଣାଙ୍କ ଦୀର୍ଘ ପଚାଶ ବର୍ଷ ଧରି ନିର୍ଭିକ ସାମ୍ବାଦିକତା ସମ୍ପର୍କରେ ଆଲୋଚନା କରିଥିଲେ । ଶୋକ ପ୍ରାର୍ଥନା ପୂର୍ବରୁ ଏକ ନିରବ ପ୍ରାର୍ଥନା କରିଥିଲେ ଓ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ପୁଅ ନିଶିକାନ୍ତ, ଚନ୍ଦ୍ରକାନ୍ତ ଓ ସୂର୍ଯ୍ୟ କାନ୍ତ ଙ୍କ ସହ ଜ୍ୱାଇଁ ପରିଚାଳନା କରିଥିଲେ।

# ଶିକ୍ଷା ହିଁ ସଭ୍ୟତା ବିକାଶର ମୂଳ ମନ୍ତ୍ର ଅଟେ

**ବୈଶିଙ୍ଗା,୨୪।୧୨(ସଂଚାର ବ୍ୟୁରୋ):** ପଣସିଆ (ଖୁଣ୍ଟା ପୁର ) ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଅଷ୍ଟମ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରୁପ୍ସା ନୀଳମଣି ମହାବିଦ୍ୟାଳୟ ର ଅଧ୍ୟକ୍ଷ ତପନ କୁମାର ବେହେରା ଯୋଗ ଦେଇ ପିଲା ମାନଙ୍କ ମଧ୍ୟରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଉପଯୁକ୍ତ ଶିକ୍ଷା ଏବଂ ସଂସ୍କାର ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନ ର ସଭାପତି ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ ଙ୍କ ସଭାପତି ତ୍ୱ ରେ ଏହି ଉତ୍ସବ ରେ ଗୁରୁମା ଦମୟନ୍ତୀ ମହାନ୍ତ ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଭାବେ ପଂଚାୟତ ସମିତି ସଦସ୍ୟ ଶଶୀକାନ୍ତ ଦାସ , ବରିଷ୍ଠ ସଦସ୍ୟ ବ୍ରଜସୁନ୍ଦର ଦାସ, ଅକ୍ଷୟ କୁମାର ମିଶ୍ର, ବିଶିଷ୍ଟ ଭାଗବତ ପ୍ରବଚକ ପର୍ଶୁରାମ ମିଶ୍ର ରଘୁବୀର ସିଂ, ତିଳତ୍ତମା ନାୟକ, ବରିଷ୍ଠ ଶିକ୍ଷାବିତ ମହେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେ। ପ୍ରାରମ୍ଭ ରେ ଅନୁଷ୍ଠାନ ର ସମ୍ପାଦକ କାହ୍ନୁ ଚରଣ ପତି ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ସହ ଅନୁଷ୍ଠାନ ର ନାନା ସମସ୍ୟା ବିଷୟରେ ଆଲୋଚନା କରିଥିଲେ ।

● ଆମ୍ବେଦକରଙ୍କୁ ଅସମ୍ମାନ

# କଂଗ୍ରେସର ରାଜ୍ୟବ୍ୟାପୀ ଗଣଧାରଣା



**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଛି। ଶାହାଙ୍କ ମନ୍ତବ୍ୟକୁ ବିରୋଧ କରି ରାଜ୍ରର ସବୁ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ପ୍ରତିବାଦ କରାଯିବା ସହିତ ଗଣଧାରଣା ଅନୁଠେିତ ହୋଇଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ମଙ୍ଗଳବାର ଏଜି ଛକ ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ବିଶାଳ ଶୋଭାଯାତ୍ରା ଏଡିଏମ୍ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିଶାଳ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତୃବୃନ୍ଦ ଆମ୍ବେଦରଙ୍କର ଦେଶ ପ୍ରତି ଥିବା ତ୍ୟାଗ ଓ ବଳିଦାନକୁ ସ୍ଲୋଗାନ ଏବଂ ଅଭିଭାଷଣ ମାଧ୍ୟମରେ କହିବା ସହିତ ମନ୍ତ୍ରୀ ଶାହାଙ୍କ ଇସ୍ତଫା ଦାବି କରିଥିଲେ।। କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସଂସଦ ପ୍ରବେଶ ପଥରେ ପ୍ରତିରୋଧ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ମହମ୍ମଦ ମୁକିମ, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ମନୋରଞ୍ଜନ ଦାସ, କିଶୋର ଜେନା, ୟାସିର ନୱାଜ୍, ଉଦିତ ପ୍ରଧାନ, ମାନସ ଆଚାର୍ଯ୍ୟ, ମୋହନ ଜେନା, ସେଖ ତାକୁଇନ, ପ୍ରଣତି ମିଶ୍ର, ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଛାତ୍ର, ଯୁବ, ମହିଳା କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।

# ବାଗ୍ମୀ ବିଶ୍ୱନାଥ କର ଓ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

● ଓଡ଼ିଆ ସାହିତ୍ୟକୁ ଉଜ୍ଜ୍ୱଳ କରିବାରେ ବିଶ୍ୱନାଥ କର ଆପ୍ରାଣ ଉଦ୍ୟମ କରିଥିଲେ

● ଅଟଳଜୀଙ୍କର ଓଡ଼ିଶାର ବିକାଶ ପ୍ରତି ଅବଦାନ ଅତୁଳନୀୟ





**ଭୁବନେଶ୍ୱର/କଟକ, ୨୪।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଓଡ଼ିଶା ବିଧାନସଭା ପରିସରରେ ବାଗ୍ମୀ ବିଶ୍ୱନାଥ କର ଏବଂ କଟକରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୃଥକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି, ବାଗ୍ମୀ ବିଶ୍ୱନାଥ କର ହେଉଛନ୍ତି ଓଡ଼ିଶାର ପ୍ରବୀଣ ସାହିତ୍ୟିକ ଓ ସମାଜ ସଂସ୍କାରକ । ତାଙ୍କ ଜୟନ୍ତୀରେ ଓଡ଼ିଶା ବିଧାନସଭା ପରିସରରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଆମେ ଗର୍ବିତ। ଓଡ଼ିଆ ସାହିତ୍ୟକୁ ଉଜ୍ଜ୍ୱଳ କରିବାରେ ବିଶ୍ୱନାଥ କର ଆପ୍ରାଣ ଉଦ୍ୟମ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ତାଙ୍କର ନିଷ୍ଠାପର କାର୍ଯ୍ୟଗୁଡ଼ିକ ଯୁବ ସମାଜକୁ ସର୍ବଦା ପ୍ରେରିତ କରିବ। ସେହିପରି ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ତଥା ସୁଶାସନ ଦିବସର ଅବ୍ୟବହିତ ପୂର୍ବରୁ କଟକରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିବା ଆମର ସୌଭାଗ୍ୟ । କଟକରେ ଅଟଳଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ'ଙ୍କ ଇଚ୍ଛା ଥିଲା, ଯାହା ଆଜି ପୂରଣ ହୋଇଛି ।

## ମୋହନ ସରଳ ଓ ନିରାଡମ୍ବର ବୋଲି...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ସରଳ ମଣିଷଟିଏ ବୋଲି ଅନେକ ଏହାର ଫାଇଦା ଉଠାଉଛନ୍ତି । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ବି ଏଥିରେ ସାମିଲ । ଗୋଟିଏ ବିଭାଗ କିଭଳି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଅଣଦେଖା କରିପାରେ ଓ ସରଳ ମୁଖ୍ୟମନ୍ତ୍ରୀ ପୂଜ୍ୟପୂଜାକୁ ଦୃଷ୍ଟିରେ ରଖି କଥା ଧରନ୍ତି ନାହିଁ ତାହା ଆଜି ଦେଖିବାକୁ ମିଳିଥିଲା ଖୋଦ ରାଜଧାନୀରେ। ବାଗ୍ମୀ ବିଶ୍ୱନାଥ କରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଆୟୋଜନ ହୋଇଥିଲା ରାଜ୍ୟ ବିଧାନସଭା ସମ୍ମୁଖରେ। କାର୍ଯ୍ୟକ୍ରମର କିଛି ସମୟ ପୂର୍ବରୁ ସେହି ବାଟଦେଇ ଯାଉଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଦେଖିଲେ କାର୍ଯ୍ୟକ୍ରମ ସ୍ଥଳରେ ଉପସ୍ଥିତ ଅଛନ୍ତି ମାହାଙ୍ଗା ବିଧାୟକ ସାରଦା ପ୍ରଧାନ । ସାରଦାଙ୍କୁ ଦେଖି ମୁଖ୍ୟମନ୍ତ୍ରୀ ଗାଡି ଅଟକାଇ ଓହ୍ଲାଇ ପଡିଲେ। ସାରଦା ପଚାରିଲେ, କେତେବେଳେ ଆପଣ ଆସିବେ ? ମୁଖ୍ୟମନ୍ତ୍ରୀ ଅତି ନମ୍ରତାର ସହ କହିଲେ, ମୁଁ ତ ନିମନ୍ତ୍ରଣ ବିଷୟରେ ଜାଣିନାହିଁ । ମୋତେ ତ କେହି କହିନାହାନ୍ତି। ଘଟଣାଟି କ'ଣ ତାହା ବୁଝିବାକୁ ସାରଦାଙ୍କୁ ବେଶି ସମୟ ଲାଗିଲା ନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ଆସିବାପାଇଁ ହାତଯୋଡି ଅନୁରୋଧ କଲେ ସାରଦା । ମୁଖ୍ୟମନ୍ତ୍ରୀ ବି କିଛି ନଭାବି ଅତିଥି ଭବନକୁ ଗଲେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଆସି ଉତ୍ସବରେ ସାମିଲ ହେଲେ। ଏହି କାର୍ଯ୍ୟକ୍ରମର ଆୟୋଜକ ହେଉଛନ୍ତି ସଂସ୍କୃତି ବିଭାଗ। ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯିବା କଥା। ତାହା ହୋଇନାହିଁ। ନିମନ୍ତ୍ରଣ ନପାଇ ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ଯେଭଳି କାର୍ଯ୍ୟକ୍ରମରେ ଯୋଗଦେଲେ ତାହା ତାଙ୍କର ସରଳତା ।

# ପୁଣି ହେବ କୁକୁର ବନ୍ଧ୍ୟାକରଣ



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ହାଇକୋର୍ଟଙ୍କ ରହିତାଦେଶ ଉଠିବା ପରେ ରାଜଧାନୀରେ ପୁଣି କୁକୁର ବନ୍ଧ୍ୟାକରଣ ଆରମ୍ଭ କରିବାକୁ ଯୋଜନା କରିଛି ବିଏମ୍ସି। ମେୟର ସୁଲୋଚନା ଦାସ କହିଛନ୍ତି, ଦେଢ଼ ମାସ ଭିତରେ ବିଏମସି ହସ୍ପିଟାଲରେ ୫ଶହ ଲୋକ କୁକୁର କାମୁଡ଼ା ଟିକା ନେଇଥିବା ପଞ୍ଜୀକୃତ ହୋଇଛି। ଏଥିରୁ ସ୍ପଷ୍ଟ ଯେ ରାଜଧାନୀରେ କୁକୁର କାମୁଡ଼ା କେତେ ପରିମାଣରେ ବଢ଼ିଛି। ହାଇକୋର୍ଟଙ୍କ ରହିତାଦେଶ ଥିବାରୁ କୁକୁର ବନ୍ଧ୍ୟାକରଣ ବନ୍ଦ ରହିଥିଲା। ଅଳ୍ପଦିନ ଭିତରେ ପୁନର୍ବାର କୁକୁର ବନ୍ଧ୍ୟାକରଣ ଆରମ୍ଭ ହେବ। ଏଥିପାଇଁ ମଞ୍ଚେଶ୍ୱରରେ ଆତ୍ୟାଧୁନିକ ହସ୍ପିଟାଲ କରାଯାଇଛି ବୋଲି ମେୟର ସୂଚନା ଦେଇଛନ୍ତି। ଅନ୍ୟପଟେ କୁକୁର କାମୁଡ଼ା ନେଇ ବିଧାନସଭାରେ ତଥ୍ୟ ରଖିଥିଲେ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ। ଏହି ତଥ୍ୟ ଅନୁସାରେ ରାଜ୍ୟରେ ରାସ୍ତାରେ ବୁଲୁଛନ୍ତି ୧୭ ଲକ୍ଷ ବୁଲା କୁକୁର। ରାଜ୍ୟର ୮ଟି ସହରାଞ୍ଚଳରେ ୪ ହଜାର ୬ ଶହ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି। ଗତ ଦୁଇ ବର୍ଷରେ କୁକୁର କାମୁଡ଼ାରେ ଶିକାର ହୋଇଛନ୍ତି ୫ ଲକ୍ଷରୁ ଅଧିକ ଲୋକ। ଚଳିତ ବର୍ଷ ଅର୍ଥାତ ଏହି ୧୦ ମାସରେ ୨ଲକ୍ଷ ୪୩ ହଜାର ୫୬୫ ଲୋକ କୁକୁର କାମୁଡ଼ାର ଶିକାର ହୋଇଛନ୍ତି ବୋଲି ମନ୍ତ୍ରୀଙ୍କ ତଥ୍ୟରେ ଉଲ୍ଲେଖ ରହିଛି। ସେହିପରି ଗତବର୍ଷ ୨ ଲକ୍ଷ ୬୦ ହଜାର ଲୋକ କୁକୁର କାମୁଡ଼ାର ଶିକାର ହୋଇଥିଲେ।

# ଧନୁଯାତ୍ରା ଶୃଙ୍ଖଳିତ ପରିଚାଳନା ପାଇଁ ନିର୍ଦ୍ଦେଶ





● ଜାନୁୟାରୀ ୩ -୧୩ ପର୍ଯ୍ୟନ୍ତ ଚାଲିବ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

● ଧନୁଯାତ୍ରା ମହକରେ ଉଲ୍ଲସିତ ହେବ ସମଗ୍ର ବରଗଡ଼ ଜିଲ୍ଲା

**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ବିଭାଗର ସମ୍ମିଳନୀ କକ୍ଷରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆୟୋଜନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ଅଧ୍ୟକ୍ଷତା କରି କହିଥିଲେ, ବରଗଡ଼ ଧନୁଯାତ୍ରା ଆମର ଗର୍ବ ଓ ଗୌରବ । ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ସ୍ୱୀକୃତିପ୍ରାପ୍ତ ବରଗଡ଼ ଧନୁଯାତ୍ରାର ଆୟୋଜନ କେବଳ ବରଗଡ଼ ଜିଲ୍ଲା ପ୍ରଶାସନଙ୍କ ଦାୟିତ୍ୱ ନୁହେଁ ଆମ ସମସ୍ତଙ୍କର ଦାୟିତ୍ୱ। ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଆଭାସି ମାଧ୍ୟମରେ ଯୋଗଦେବା ସହ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ଓ ଅନ୍ୟ ପର୍ଯ୍ୟଟନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ଉପାଧ୍ୟାୟ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବାଳୀରାମ ବୋନ୍ଦାର, ବରଗଡ଼ ଏସପି ପ୍ରହଲାଦ ସାହାଇ ମୀନା, ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ପ୍ରମୁଖ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ। ବରଗଡ଼ ଧନୁଯାତ୍ରାକୁ ବିଶ୍ୱସ୍ତରରେ ପହଞ୍ଚାଇବ ପାଇଁ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ଧନୁଯାତ୍ରାର ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଲଇଡ଼ି ଡିସପ୍ଲେ ମାଧ୍ୟମରେ ସିଧା ପ୍ରସାରଣ କରି ଡିଜିଟାଲ ପ୍ରସାରକୁ ବୃଦ୍ଧି କରିବା ସହ ଅତିଥି ଓ ପର୍ଯ୍ୟଟକମାନଙ୍କୁ ଏକ ସୁନ୍ଦର ଅନୁଭୂତି ପ୍ରଦାନ ଏବଂ ଦେବ୍ରିଗଡ ଅଭୟାରଣ୍ୟ, ହୀରାକୁଦ ଡ୍ୟାମ, ସ୍ଥାନୀୟ ହସ୍ତଶିଳ୍ପ କ୍ଲଷ୍ଟର ଓ ରାତ୍ରି ବଜାରକୁ ଆକର୍ଷଣୀୟ କରି ସାମିଲ କରିବା ଉପରେ ଆଲୋକପାତ କରାଯାଇଥିଲା। ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ଏବଂ ଲଳିତ କଳା ଏକାଡେମୀ ଭଳି ଅନୁଷ୍ଠାନଗୁଡିକର ଯୋଗଦାନ ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲ।

# ୨ ଯାଏଁ ରତ୍ନଭଣ୍ଡାର ମରାମତି ବନ୍ଦ



**ପୁରୀ, ୨୪।୧୨ (ସଂଚାର ବ୍ୟୁରୋ):** ଇଂରାଜୀ ନବବର୍ଷ ଏବଂ ଛୁଟି ଯୋଗୁଁ ଆଗାମୀ କିଛି ଦିନ ଧରି ଶ୍ରୀମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ସହିତ ଭିଡ ହେବା ଅନୁମାନ କରାଯାଉଛି । ତେଣୁ ଠିକଣା ସମୟରେ ନୀତିକାନ୍ତି ସମ୍ପାଦନ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯାଇଛି। ଏଥିପାଇଁ ୨୫ ତାରିଖ (ଗୁରୁବାର)ଠାରୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି ସ୍ଥଗିତ ରଖାଯାଇଛି। ଜାନୁଆରୀ ୩ରୁ ପୁଣି ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏବଂ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ମରାମତି ଆରମ୍ଭ ହେବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

# ନବୀନଙ୍କୁ ଭେଟିଲେ ସିମୁଳିଆର ବିଜେଡି କାର୍ଯ୍ୟକର୍ତ୍ତା



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧିମାନେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ନବୀନଙ୍କୁ ଭେଟିଛନ୍ତି। ପ୍ରତିଷ୍ଠା ଦିବସ ସୁରୁଖୁରୁରେ ପାଳନ ସହ ସଭ୍ୟ ସଂଗ୍ରହ ବ୍ୟାପକ କରିବା ଓ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ଦଳର ସଭାପତି କହିଥିବା ସୂଚନା ଦେଇଛନ୍ତି ଶ୍ରୀ ପାଣିଗ୍ରାହୀ। ଏହାସହିତ ବିଜେପି ସରକାର ବିରୋଧରେ ସ୍ୱରକୁ ଶାଣିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପୁଞ୍ଚରେ ୫ ଯବାନ ସହିଦ

**ଶ୍ରୀନଗର, ୨୪।୧୨:** ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲ୍ଲା ମେନ୍ଧାର ସ୍ଥିତ ବାଲନୋଇରେ ଏକ ସେନା ଗାଡ଼ି ରାସ୍ତାରୁ ୩୫୦ ଫୁଟ ଖାଇକୁ ଖସି ପଡ଼ିବାରୁ ୫ ଯବାନ ସହିଦ ହୋଇଛନ୍ତି। ଏକାଧିକ କ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ୧୧ ମାଡ୍ରାସ ଲାଇଟ ଇନଫାଣ୍ଟରୀ (୧୧ଏମଏଲଆଇ) ଯବାନମାନେ ନିଲମ ହେଡକ୍ୱାର୍ଟର୍ସରୁ ବାଲନୋଇ ଘୋରା ପୋଷ୍ଟକୁ ଫେରୁଥିଲେ। ଅଣ ଓସାରିଆ ରାସ୍ତାରେ ଏହା ଭାରସାମ୍ୟ ହରାଇଖାଇକୁ ଖସି ପଡ଼ିଥିଲା। ୧୧ ଏମଏଲଆଇର କ୍ୱିକ ରିଆକ୍ସନ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲା। ମୃତାହତମାନଙ୍କୁ ଉଦ୍ଧାର କରିଥିଲା।

# ପାରାଦୀପ ବନ୍ଦରରେ ସନ୍ଦିଗ୍ଧ ପାରା



**ପାରାଦୀପ,୨୪।୧୨ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ପିଆଇସିଟି ବର୍ଥରୁ ୨ଟି ସନ୍ଦିଗ୍ଧ ପାରା ଉଦ୍ଧାର କରାଯାଇଛି। ସେମାନଙ୍କ ଗୋଡ଼ରେ ବନ୍ଧା ହୋଇଛି ଦୁଇଟି ବେଲ୍ଟ ଯେଉଁଥିରେ ବିଦେଶୀ ଭାଷାରେ କିଛି ଲେଖା ହୋଇଥିବା ମଧ୍ୟ ଜଣାପଡିଛି। ଏମଭି ଫାଷ୍ଟ ମାଜୁରୋ ଜାହାଜରେ ପାରା ଦୁଇଟି ବସିଥିଲେ। ଏମାନେ ରେସିଂ ପାରା ମଧ୍ୟ ହୋଇଥାଇପାରନ୍ତି ବୋଲି ସନ୍ଦେହ କରୁଛି ପୁଲିସ। ସାମୁଦ୍ରିକ ଥାନା ପୁଲିସ ପାରା ଦୁଇଟିକୁ କୁଜଙ୍ଗ ବନ ବିଭାଗକୁ ହସ୍ତାନ୍ତର କରିଛି। ଦୁଇ ପାରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି ବୋଲି କୁଜଙ୍ଗ ରେଞ୍ଜ ଅଧିକାରୀ କହିଛନ୍ତି। ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଫରେନ୍ସିକ ପରୀକ୍ଷା ପାଇଁ ପଠାଯିବ। ପାରା ଉଦ୍ଧାର ହୋଇଥିବା ଜାହାଜଟି ଚିଟାଗଙ୍ଗରୁ ଆସିଛି। ଏହି ଜାହାଜ ଷ୍ଟିଲ ସ୍ଲାବ ନେଇ ବ୍ରିଷ୍ଟଲ ବନ୍ଦରକୁ ଯିବ। ବର୍ଷକ ତଳେ ଏହି ବର୍ଥରେ ଲାଗିଥିବା 'ଏମଭି ଦେବୀ' ଜାହାଜରୁ ଜବତ ହୋଇଥିଲା ୨୨୦ କୋଟି ଟଙ୍କାର କୋକେନ୍। ଜାହାଜଟି ୨୦୨୩ ନଭେମ୍ବର ୨୨ ତାରିଖରେ ଇଣ୍ଡୋନେସିଆର ଗ୍ରେସିକରୁ ବାହାରି ନଭେମ୍ବର ୨୮ରେ ପାରାଦୀପ ବନ୍ଦରରେ ଲାଗିଥିଲା।



ଭୁବନେଶ୍ୱର: ପବିତ୍ର ବଡ଼ଦିନ ଅବସରରେ କ୍ୟାଥୋଲିକ୍ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କୁ ସ୍ୱାଗତ

# କୁଖ୍ୟାତ ନକ୍ସଲ ପ୍ରଭାକର ଗିରଫ

**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଛତିଶଗଡ଼ ପୁଲିସକୁ ମିଳିଛି ବଡ଼ ସଫଳତା। ହାର୍ଡକୋର ନକ୍ସଲଙ୍କୁ ବାନ୍ଧିଲା ପୁଲିସ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରରୁ ନକ୍ସଲ ନେତା ବାଲମୁରି ନାରାୟଣ ରାଓ ଓରଫ ପ୍ରଭାକରକୁ ଗିରଫ କରିଛି ପୁଲିସ। ତା' ନାଁରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ପ୍ରଭାକର ୪୦ ବର୍ଷ ଧରି ନକ୍ସଲ ସଂଗ୍ରଠନରେ କାମ କରୁଥିଲା। ପ୍ରଭାକରର ପତ୍ନୀ ରାଜେ କାଙ୍ଗେ ସଂଗଠନରେ ଡିଭିଜନାଲ କମିଟି ମେମ୍ବର ପଦବୀରେ କାମ କରୁଛି। ପ୍ରଭାକର ନାମରେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ପୁଲିସ ପ୍ରଭାକରକୁ ଗିରଫ କରି ପଚରାଉଚରା କରୁଛି।

## ବିପର୍ଯ୍ୟସ୍ତ ଟ୍ୱିନସିଟି ଆଇନଶୃଙ୍ଖଳା

# କମିଶନରଙ୍କୁ ରାଜ୍ୟ ସରକାରଙ୍କ ତାଗିଦ



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ପୁରୁଣା ପାଠର ପୁନରାବୃତ୍ତି ନ କରିବା ପାଇଁ ଅନ୍‌ଫିଟ୍ ଅଫିସରଙ୍କୁ ହଟାଇବା ସହ ରାଜ୍ୟ ସରକାର ନୂଆ କମିଶନର ଭାବେ ଏସ ଦେବଦତ୍ତ ସିଂ ଓ ଡିସିପି ଭାବେ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ଥାନା ଲେଭୁଲରେ ମଧ୍ୟ ବଡ଼ ଧରଣର ପରିବର୍ତ୍ତନ ହୋଇଥିଲା। ଆଶା ଥିଲା ପୂର୍ବ ସରକାରଙ୍କ ଅମଳରେ କମିଶନରେଟ ପୋଲିସ ବା ଟୁଇନ ସିଟି ଭୁବନେଶ୍ୱର କଟକରେ ଘଟୁଥିବା ଅପରାଧ କମିବ। କିନ୍ତୁ ଦୁର୍ଭାଗ୍ୟବଶତଃ ଏବେ ଅପରାଧ ସଂଖ୍ୟା ବଢ଼ିଛି। କେବଳ ବଢ଼ିନି, ବରଂ ସାଙ୍ଘାତିକ ଘଟଣାକ୍ରମରେ ସହରବାସୀଙ୍କ ସୁରକ୍ଷା ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏହାକୁ ନେଇ ପୋଲିସ କମିଶନର ଏସ ଦେବଦତ୍ତ ସିଂଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ରାଜ୍ୟ ସରକାର। ନିଜେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜଧାନୀର ମୈତ୍ରୀବିହାର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅପହରଣ ଘଟଣାରେ କ'ଣ ପାଇଁ ଅଭିଯୁକ୍ତ ଧରା ହୋଇନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଭଳି ତାଗିଦ ପରେ ଛୁଟିରେ ଯାଇଥିବା ମୈତ୍ରୀବିହାର ଥାନାଧିକାରୀ ସୋମବାର ରାତିରେ ଜରୁରୀକାଳୀନ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଛୁଟିରେ ଯାଇଥିବା ଡିସିପିଙ୍କୁ ମଧ୍ୟ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ବିଡିଏ ଅଞ୍ଚଳର ଆକାଶ ସିଂ ନିଜ ବାନ୍ଧବୀଙ୍କ ସହ ରାତି ପ୍ରାୟ ଗୋଟାଏ ବେଳେ ଫେରୁଥିବା ବେଳେ ଏକ ଧଳା କାରରେ ଚାରି ଜଣ ଦୁର୍ବୃତ୍ତ ଆସି ଆକାଶଙ୍କୁ ହାଣିବା ସହ ଯୁବତୀଙ୍କୁ ଜୋର ଜବରଦସ୍ତ ଅପହରଣ କରି ନେଇଥିଲେ। ପୋଲିସ ମାମଲା ରୁଜୁ କରିବା ସହ କିଛି ଘଣ୍ଟା ପରେ ଯୁବତୀଙ୍କୁ ଖଣ୍ଡଗିରି ଅଞ୍ଚଳରୁ ଉଦ୍ଧାର କରିଥିଲା। ସହରରେ ଏତେ ବଡ଼ ଅଘଟଣ ଘଟିଥିବା ବେଳେ କେବଳ ଏକ ଏତଲା କରି ଚୁପ ବସିଛି ପୋଲିସ। ସହରରେ ପୁଣି ଥରେ ଭରତପୁର ଘଟଣାର ପୁନରାବୃତ୍ତି ଘଟିଥିବା ଅନେକ କହୁଥିବା ବେଳେ ଏଯାବତ ୪ ଦୁର୍ବୃତ୍ତ ଙ୍କୁ ପାଇନାହିଁ ପୋଲିସ। ଏପରିକି ଅପହରଣର କାରଣ ତ୍ରିକୋଣୀୟ ପ୍ରେମ କିମ୍ବା ପୂର୍ବ ଶତ୍ରୁତା, ତାହା ମଧ୍ୟ ଜାଣିବାରେ ସକ୍ଷମ ହୋଇନାହିଁ ପୋଲିସ। କେବଳ ଏହି ଗୋଟିଏ ଘଟଣା ନୁହେଁ, ସହର ଭିତରେ ଓ ଉପକଣ୍ଠରେ ମାରାଥନ ଲୁଟ, ନାବାଳିକା ଦୁଷ୍କର୍ମ, ଡକାୟତି, ଗଣ୍ଡଗୋଳ ଆଦିକୁ ନେଇ ବ୍ୟାକଫୁଟରେ ରହିଛି କମିଶନରେଟ ପୋଲିସ। ଆଉ ଏଥିପାଇଁ କିଛି ଗାଦିମଡ଼ା ତଥା ଅପାରଗ ଅଫିସର ଦାୟୀ ବୋଲି ଚର୍ଚ୍ଚା ଜୋର ଧରିଛି।

● ରୋଜଭ୍ୟାଲି ଠକେଇ

# ଗୌତମଙ୍କ ଖଲାସ ଆଶା ମଉଳିଲା



**କଟକ,୨୪।୧୨ (ସଂଚାର ବ୍ୟୁରୋ):** ରୋଜ ଭ୍ୟାଲି ଚିଟ୍‌ଫଣ୍ଡ ମାମଲାର ମୁଖ୍ୟ ଆସାମୀ ତଥା ଏହାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ଦ୍ୱିତୀୟ ଥର ପାଇଁ ହାଇକୋର୍ଟରେ ଖାରଜ ହୋଇଯାଇଛି। ଫଳରେ ତାଙ୍କ ଖଳାସ ଆଶା ମଉଳିଛି। ଚିଟ୍‌ଫଣ୍ଡ ଦୁର୍ନୀତି ଅଭିଯୋଗରେ ୨୦୧୫ରେ ସିବିଆଇ ଗୌତମଙ୍କୁ କୋଲ୍‌କାତାରୁ ଗିରଫ କରିଥିଲା । ୫ ଘଣ୍ଟା ଜେରା ପରେ ତାଙ୍କୁ ଗିରଫ କରିଥିଲା ସିବିଆଇ । ସେହି ଦିନ ଠାରୁ ୯ ବର୍ଷ ଧରି ଜେଲ୍‌ରେ ଅଛନ୍ତି ଗୌତମ। ତାଙ୍କ ନାଁରେ ୧୨ ହଜାର କୋଟିରୁ ଅଧିକ ଟଙ୍କାର ଠକେଇ ଅଭିଯୋଗ ରହିଛି । ଗୌତମଙ୍କ ସହ ପତ୍ନୀ ଶୁଭ୍ରା କୁଣ୍ଡୁଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

# ଭୁବନେଶ୍ୱରରେ ରେଳ ପ୍ରକଳ୍ପକୁ ଦିଆଯାଉଛି ଅଧିକ ଗୁରୁତ୍ୱ

● କଳାରାହାଙ୍ଗ ଓ ପଟିଆ ଫ୍ଲାଏ ଓଭର ପାଇଁ ପଥ ପରିଷ୍କାର

● ୨୦ ରେ ସାନପଦର ଷ୍ଟେସନ ଉଦ୍‌ଘାଟନ

● ଜୁଲାଇ ୨୦ ରୁ ତାରାବୋଇ ଷ୍ଟେସନରେ ଟ୍ରେନ ରହଣି



**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ରେଳ ବିଭାଗ ତରଫରୁ ଭୁବନେଶ୍ୱରକୁ ଅଧିକ ଗୁରୁତ୍ୱ ଦିଆଯିବା ସହିତ ଏଠାରେ ଚାଲିଛି ବିଭିନ୍ନ ସ୍ୱତନ୍ତ୍ର ରେଳ ପ୍ରକଳ୍ପ। ଏଥିସହିତ ଚାଲୁଥିବା ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଯଥା ସମୟରେ ଯାତ୍ରୀଙ୍କ ପାଇଁ ବ୍ୟବହାର ଉପଯୋଗୀ ହେବାକୁ ନିଆଯାଉଛି ବିଭିନ୍ନ ପଦକ୍ଷେପ। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳ ସଦନରେ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରିବା ପରେ ଏହା କହିଛନ୍ତି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ। ଜାନୁଆରୀ ୪ ରେ ରେଳ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ଭୁବନେଶ୍ୱର ରେଳଷ୍ଟେସନ ନବୀକରଣ କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୨୦ ରେ ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାନପଦର ଷ୍ଟେସନ ଉଦ୍‌ଘାଟନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ରେଳ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତାରାବୋଇ ଷ୍ଟେସନରେ ଜୁଲାଇ ୨୦ରୁ ଯାତ୍ରୀବାହୀ ଟ୍ରେନ ରହଣି କରିବ ବୋଲି ଜଣାଇଛନ୍ତି ସାଂସଦ। ସମୀକ୍ଷା ପରେ ଭୁବନେଶ୍ୱର ନିର୍ବାଚନୀମଣ୍ଡଳୀର ବହୁ ଗୁରୁତ୍ୱପୂର୍ଣ୍ଣ କଳାରାହାଙ୍ଗ ଓ ପଟିଆ ଫ୍ଲାଏ ଓଭର ବ୍ରିଜ କାର୍ଯ୍ୟ ପୁନଃ ଆରମ୍ଭ ହେବାର ବାଟ ଫିଟିଛି। ସମୀକ୍ଷା ବୈଠକରେ ପୂର୍ବତଟ ରେଳବାଇର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ, ବୋଲଗଡ଼, ଜଟଣୀ ଓ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ଯଥାକ୍ରମେ ପ୍ରକାଶ ବିଜୁଳି, ବିଶ୍ୱରଞ୍ଜନ ବଡ଼ଜେନା ଓ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଭାରତୀୟ ବଜାରରେ କମିଲା ସୁନା ଦର

**ମୁମ୍ବାଇ,୨୪।୧୨:** ୧୦୦ ଟଙ୍କା କମିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୦ ହଜାର ୯୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୩୫୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୦,୯୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୩୫୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୦,୯୦୦ ଟଙ୍କା ଓ ୭୭ ,୩୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୦୫୦ ଟଙ୍କା ଓ ୭୭, ୫୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୦,୯୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୩୫୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୦,୯୦୦ ଟଙ୍କା ଓ ୭୭,୩୫୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୪୦୦ ହଜାର ଟଙ୍କା ହୋଇଛି ।

# କଲ୍,ମେସେଜ ପାଇଁ ସ୍ୱତନ୍ତ୍ର ପ୍ଲାନ ଆଣିବାକୁ ସରକାରଙ୍କ ନିର୍ଦ୍ଦେଶ




**ନୂଆଦିଲ୍ଲୀ,୨୪।୧୨:** ଟେଲିକମ୍ ରେଗୁଲେଟର ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ସୋମବାର ଶୁଳ୍କ ନିୟମରେ ସଂଶୋଧନ କରିଛି। ଏହା ଅଧୀନରେ ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କେବଳ ଭଏସ୍ କଲ୍ ଏବଂ ଡାଟା ବ୍ୟବହାର କରୁନଥିବା ଗ୍ରାହକଙ୍କୁ ଏସ୍‌ଏମ୍‌ଏସ୍ ପାଇଁ ରିଚାର୍ଜ କୁପନ୍ ପ୍ରଦାନ କରିବାକୁ ପଡିବ। ସମ୍ପ୍ରତି, କମ୍ପାନୀଗୁଡ଼ିକ ଇଣ୍ଟରନେଟ୍ ଡାଟା, ଭଏସ୍ କଲ୍ ଏବଂ ଏସ୍‌ଏମ୍‌ଏସ୍ ରିଚାର୍ଜ କୁପନ୍ ପ୍ରଦାନ କରୁଛନ୍ତି। ଟ୍ରାଇ ସ୍ୱତନ୍ତ୍ର ରିଚାର୍ଜ କୁପନ୍ ଉପରେ ୯୦ ଦିନର ସୀମା ହଟାଇ ଏହାକୁ ୩୬୫ ଦିନ କରିବାକୁ ନିର୍ଦ୍ଦେଶ ଦେଇଛି। ଟ୍ରାଇ ଟେଲିକମ୍ ଗ୍ରାହକ ସୁରକ୍ଷା (ଦ୍ୱାଦଶ ସଂଶୋଧନ) ନିୟମାବଳୀ, ୨୦୨୪ ରେ କହିଛି ଯେ ସେବା ପ୍ରଦାନକାରୀଙ୍କୁ ଅତି କମରେ ଏକ ସ୍ୱତନ୍ତ୍ର ଶୁଳ୍କ ଭାଉଚର କେବଳ ଭଏସ ଏବଂ ଏସ୍‌ଏମ୍‌ଏସ୍ ପାଇଁ ପ୍ରଦାନ କରିବାକୁ ପଡିବ। ଏହାର ବୈଧତା ଅବଧି ୩୬୫ ଦିନରୁ ଅଧିକ ହେବ ନାହିଁ। ଏହି ନିଷ୍ପତ୍ତି ସେହି ଗ୍ରାହକଙ୍କୁ ଉପକୃତ କରିବ ଯେଉଁମାନେ ଇଣ୍ଟରନେଟ୍ ଡାଟା ବ୍ୟବହାର କରନ୍ତି ନାହିଁ ଏବଂ କେବଳ ଭଏସ୍ କଲ୍ ଏବଂ ଏସ୍‌ଏମ୍‌ଏସ୍ ବ୍ୟବହାର କରନ୍ତି। ଟ୍ରାଇ ଟେଲିକମ୍ କମ୍ପାନୀଗୁଡ଼ିକୁ ଯେକୌଣସି ମୂଲ୍ୟର ରିଚାର୍ଜ ଭାଉଚର୍ ପ୍ରଦାନ କରିବାକୁ ଅନୁମତି ଦେଇଛି, କିନ୍ତୁ ସେମାନଙ୍କୁ ଅତି କମରେ ୧୦ ଟଙ୍କା ରିଚାର୍ଜ କୁପନ୍ ମଧ୍ୟ ଦେବାକୁ ପଡିବ। ଏହାପୂର୍ବରୁ ଏହି ନିୟମ ଟେଲିକମ୍ ଅପରେଟରମାନଙ୍କୁ ୧୦ ଟଙ୍କାରେ ଟପ୍ ଅପ୍ ଭାଉଚର୍ ଏବଂ ୧୦ ଟଙ୍କା ଗୁଣା ପ୍ରଦାନ କରିବାକୁ ଅନୁମତି ଦେଇଥିଲା। ପରାମର୍ଶ ପ୍ରକ୍ରିୟା ସମୟରେ ଟ୍ରାଇ ବିଭିନ୍ନ ମତାମତ ଗ୍ରହଣ କରିଥିଲା। ଏଥିମଧ୍ୟରେ ବହୁ ବରିଷ୍ଠ ନାଗରିକ, ଘରେ ବ୍ରଡବ୍ୟାଣ୍ଡ ଥିବା ପରିବାର ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲେ, ମୋବାଇଲ୍ ଫୋନ୍ ପାଇଁ ତଥ୍ୟ ସହିତ ରିଚାର୍ଜ ଯୋଜନା ଆବଶ୍ୟକ କରୁନଥିଲେ।

# କୃଷି ଓ ଗ୍ରାମୀଣ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ



**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ସମ୍ପର୍କିତ ତଥ୍ୟ ସୋମବାର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଉଭୟ କୃଷି ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ଚଳିତ ବର୍ଷ ନଭେମ୍ବରରେ ହ୍ରାସ ପାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ ଦର୍ଶାଯାଇଛି। କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ୫.୩୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଏବଂ ଗ୍ରାମୀଣ ଶ୍ରମିକଙ୍କ କ୍ଷେତ୍ରରେ ଏହା ୫.୪୭ ପ୍ରତିଶତକୁ ହ୍ରାସ ପାଇଛି। ଏକ ମାସ ପୂର୍ବରୁ ଅର୍ଥାତ ଅକ୍ଟୋବରରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ କ୍ଷେତ୍ରରେ ଏହା ୫.୯୬% ଏବଂ ଗ୍ରାମୀଣ ଶ୍ରମିକଙ୍କ କ୍ଷେତ୍ରରେ ଏହା ୬% ଥିଲା। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ, କୃଷି ଶ୍ରମିକ (ସିପିଆଇ-ଏଲ) ଏବଂ ଗ୍ରାମୀଣ ଶ୍ରମିକ (ସିପିଆଇ-ଆର୍‌ଏଲ୍) ପାଇଁ ଅଲ ଇଣ୍ଡିଆ ଗ୍ରାହକ ମୂଲ୍ୟ ସୂଚକାଙ୍କ ନଭେମ୍ବରରେ ୫ ପଏଣ୍ଟ ବୃଦ୍ଧି ପାଇ ଯଥାକ୍ରମେ ୧,୩୨୦ ଏବଂ ୧,୩୩୧ରେ ପହଞ୍ଚିଛି। କୃଷି ଶ୍ରମିକ ପାଇଁ ଏହା ୨୦୨୪ ନଭେମ୍ବରରେ ୧,୩୧୫ ପଏଣ୍ଟ ଏବଂ ଗ୍ରାମୀଣ ଶ୍ରମିକମାନଙ୍କ ୧,୩୨୬ ପଏଣ୍ଟ ଥିଲା । ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ନଭେମ୍ବରରେ କୃଷି ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ଯଥାକ୍ରମେ ୫.୩୫ ପ୍ରତିଶତ ଏବଂ ୫.୪୭ ପ୍ରତିଶତ ରହିଥିଲା। ଅନ୍ୟପଟେ ୨୦୨୩ ନଭେମ୍ବରରେ ଏହା କୃଷି ଶ୍ରମିକଙ୍କ ପାଇଁ ୭.୩୭% ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ୭.୧୩% ଥିଲା। ଅକ୍ଟୋବର ୨୦୨୪ ରେ କୃଷି ଶ୍ରମିକଙ୍କ ପାଇଁ ଏହା ୫.୯୬ ପ୍ରତିଶତ ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ୬% ପ୍ରତିଶତ ଥିଲା।

# ବଜାରରେ ହୋଣ୍ଡା ଆକ୍ଟିଭା ୧୨୫



**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ୨୦୨୫ ଆକ୍ଟିଭା ୧୨୫ (ହୋଣ୍ଡାର ଆକ୍ଟିଭା ୧୨୫)' ର ଅନାବରଣ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମଡି/ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁଟୁସୁମୁ ଓଟାନୀ କହିଛନ୍ତି, ଆମେ ଅତ୍ୟନ୍ତ ଉଲ୍ଲସିତ ସହିତ ଆମର ନୂତନ ଓବିଡି୨ବି ନିୟାମକ ଅନୁରୂପ ଆକ୍ଟିଭା ୧୨୫ର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଏହି ଅଧୁନାତନ ମଡ଼େଲଗୁଡ଼ିକର ପ୍ରଦର୍ଶନ ଗ୍ରାହକମାନଙ୍କ ସନ୍ତୁଷ୍ଟୀକରଣ ପ୍ରତି ଆମର ବଚନବଦ୍ଧତାକୁ ଉପସ୍ଥାପିତ କରୁଛି। ଏଥିରେ ଟିଏଫଟି ଡିସପ୍ଲେ ତଥା ବ୍ଲୁଟୁଥ୍ ସଂଯୋଗୀକରଣ ଏବଂ ୧୨୫ ସିସି ସ୍କୁଟର ବିଭାଗ ଗୁଡ଼ିକୁ ନେଇ ଆମର ଲକ୍ଷ୍ୟ ହେଉଛି ଭାରତର ଗ୍ରାହକମାନଙ୍କ ଚାଳନାର ଅଭିଜ୍ଞତାକୁ ପୁନଃ-ନିର୍ଦ୍ଧାରଣ କରିବା। ସେହିଭଳି ଏଚ୍‌ଏମ୍‌ଏସଆଇର ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଙ୍ଗ) ଯୋଗେଶ ମାଥୁର କହିଛନ୍ତି, ହୋଣ୍ଡାର ଆକ୍ଟିଭା ୧୨୫ ସବୁବେଳେ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇଛି ଏବଂ ବର୍ତ୍ତମାନର ଅଧୁନାତନ ଡିଜାଇନକୁ ନେଇ ବ୍ରାଣ୍ଡ ସୁଗମତା ଏବଂ ଷ୍ଟାଇଲର ପରିଭାଷାକୁ ପୁନର୍ବାର ବୃଦ୍ଧି କରିପାରିଛି। ଏପରିକି ବ୍ଲୁଟୁଥ୍ ନାଭିଗେଶନ, ସ୍ୱର ସହଯୋଗ ତଥା ୟୁଏସବି ଟାଇପ-ସି ଚାର୍ଜିଙ୍ଗ ପୋର୍ଟକୁ ନେଇ ଏହା ଆଜିର କୌଶଳରେ ଦକ୍ଷ ଚାଳକମାନଙ୍କ ଦାବିକୁ ଆହୁରି ଅଧିକ ବିସ୍ତାରିତ କରିବାରେ ସହାୟକ ହୋଇପାରିବ। ଆମେ ଦୃଢ଼ ନିଶ୍ଚିତ ଯେ ଏହି ନୂତନ ଆକ୍ଟିଭା ୧୨୫ ବ୍ୟବସ୍ଥିତ ଭାବେ ଆଜିର ଯୁବବର୍ଗଙ୍କ ମଧ୍ୟରେ ପ୍ରିମିୟମ ଗୁଣବତ୍ତା ସହିତ ୧୨୫ସିସି ମୋଟୋରସାଇକେଲ ବିଭାଗରେ ପୁନଃନିର୍ଦ୍ଧାରଣ କରିପାରିବ।

# ଲାଲ୍ ଚିହ୍ନରେ ବନ୍ଦ ହେଲା ଘରୋଇ ଷ୍ଟକ୍ ବଜାର



**ମୁମ୍ବାଇ,୨୪।୧୨:** ଘରୋଇ ଷ୍ଟକ୍ ବଜାର ମଙ୍ଗଳବାର ଏକ ଅସ୍ଥିର ସେସନ ପରେ ଲାଲ୍ ଚିହ୍ନରେ ବନ୍ଦ ହୋଇଛି, ଯାହା ପ୍ରାରମ୍ଭିକ ଲାଭକୁ କଏମ ରଖିବାରେ ବିଫଳ ରହିଛି। ଅଧିବେଶନ ଶେଷରେ ନିଫ୍ଟି ୫୦ ୨୫.୮୦ ଅଙ୍କ (୦.୧୧ ପ୍ରତିଶତ) ହ୍ରାସ ସହିତ ୨୩,୭୨୭.୬୫ରେ ବନ୍ଦ ହୋଇଛି । ଏହିପରି ସେନସେକ୍ସ ୬୭.୩୦ ଅଙ୍କ (୦.୦୯ ପ୍ରତିଶତ) ହ୍ରାସ ସହିତ ୭୮,୪୭୨.୮୭ରେ ବନ୍ଦ ହୋଇଛି । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ରେ ଆଜିର ସେସନରେ ଲାଭ ହାସଲ କରିଥିବା ପ୍ରମୁଖ ଲାଭକାରୀମାନେ ଥିଲେ ଟାଟା ମୋଟର୍ସ, ଅଦାନୀ ଏଣ୍ଟରପ୍ରାଇଜେସ୍, ଆଇଚର୍ ମୋଟର୍ସ, ବିପିସିଏଲ୍ ଏବଂ ଆଇଟିସି। କାରବାର ଅଧିବେଶନରେ ଗ୍ରୀଡ୍ କର୍ପ, ଜେଏସଡବ୍ଲୁ (ଜେଏସ୍‌ଡବ୍ଲୁ) ଷ୍ଟିଲ୍, ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସ, ଇଣ୍ଡସଇଣ୍ଡ୍ ବ୍ୟାଙ୍କ ଏବଂ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରମୁଖ ଲୁଜର ରହିଥିଲେ। ମଙ୍ଗଳବାର ସେସନରେ ସେୟାର ମାର୍କେଟରେ ଅଟୋ, ଏଫ୍‌ଏମ୍‌ସିଜି, ତୈଳ ଏବଂ ଗ୍ୟାସ୍, ଫାର୍ମା ଏବଂ ରିୟଲଟିରେ କ୍ରୟ ବୃଦ୍ଧି ପାଇଥିବା ବେଳେ ଆଇଟି, ମିଡିଆ, ଧାତୁ ଏବଂ ପିସିୟୁ ବ୍ୟାଙ୍କରେ ଏହାର ବିକ୍ରି ଦେଖିବାକୁ ମିଳିଥିଲା। ଅନ୍ୟ କ୍ଷେତ୍ରଗୁଡ଼ିକରେ ୦.୮୩ ପ୍ରତିଶତ ପର୍ଯ୍ୟନ୍ତ କ୍ଷତି ଘଟିଛି ।

# ବେଦାନ୍ତର ଅଗ୍ନି ନିରାପତ୍ତା ତାଲିମ ଶିବିର



**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଅଗ୍ନି ଜାଗରୁକତା ପଦକ୍ଷେପ ଅଧୀନରେ ଏକ ତାଲିମ ଶିବିର 'ଅଗ୍ନି ନରାପତ୍ତା ତାଲିମ 'କାର୍ଯ୍ୟକ୍ରମ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶାୟୀ ଛାତ୍ର ଓ କର୍ମଚାରୀମାନଙ୍କୁ ଅତ୍ୟାବଶ୍ୟକ ଅଗ୍ନି ନିରାପତ୍ତା କୌଶଳ ଉପରେ ଆବଶ୍ୟକ ଜ୍ଞାନ ଓ ବ୍ୟବହାରିକ ପଦ୍ଧତି ଉପରେ ଦିଗଦର୍ଶନ ଦେଇଥିଲେ। ଏପରିକି ସ୍ଥାନୀୟ ଗୋଷ୍ଠୀର ସୁରକ୍ଷା ଓ ସ୍ଥିରତା ବୃଦ୍ଧି ଲାଗି କମ୍ପାନୀର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରିବା ଲାଗି ଏହା ବ୍ୟାପକ ପ୍ରୟାସ କରିଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ବେଦାନ୍ତର ସୁରକ୍ଷାବଳ ପରିଚାଳନା କରିଥିଲା। ଏପରିକି ଏଥିରେ ଛାତ୍ର, ଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ସହ ୩୦୦ରୁ ଅଧିକ ଉତ୍ସାହୀ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଜରୁରିକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ, ନିରାପଦ ସୁରକ୍ଷା ପ୍ରଣାଳୀ, ଅଗ୍ନି ନିର୍ବାପକ କୌଶଳର ବ୍ୟବହାରିକ ପ୍ରଦର୍ଶନ ଓ ପ୍ରଣାଳୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଆମେ ସମସ୍ତଙ୍କ ପାଇଁ ନିରାପଦ ପରିବେଶ ଚାହୁଁ। ଏଥିପାଇଁ ଆବଶ୍ୟକ ହେଉଛି ଉପଯୁକ୍ତ ଜ୍ଞାନକୌଶଳ ବିଷୟରେ ଅବଗତ ହେବା ଓ ଗୋଷ୍ଠୀକୁ ସଶକ୍ତ କରିବା। ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ଆମ ସଚେତନତା ସଂସ୍କୃତିର ପରିଚୟ। ଏଥିପାଇଁ ଛାତ୍ର ଓ ଶିକ୍ଷକମାନଙ୍କ ଉତ୍ସାହ ଏବଂ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ପ୍ରକୃତରେ ପ୍ରେରଣାଦାୟକ। ଗୋଷ୍ଠୀକୁ ଅଧିକ ସ୍ଥିର କରିବାରେ ଏହି ପଦକ୍ଷେପଗୁଡ଼ିକର ପ୍ରଭାବକୁ ପ୍ରତିଫଳିତ କରିଥାଏ। ସେହିଭଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡ଼ମାଳର ପ୍ରଧାନଶିକ୍ଷକ କିଶୋର କୁମାର ପଟେଲ କହିଥିଲେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାରୁ ଆମେ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଜଣାଉଛୁ। ଏପରିକି ଏହା ଆମର ଛାତ୍ର ଓ କର୍ମଚାରୀଙ୍କୁ ବ୍ୟବହାରିକ ଜ୍ଞାନକୌଶଳ ଓ ଅଗ୍ନିକାଣ୍ଡ ସମୟର ପରିସ୍ଥିତିକୁ ପରିଚାଳନା କରିବା ସମ୍ପର୍କରେ ଆତ୍ମବିଶ୍ୱାସ ପ୍ରଦାନ କରିଛି।

# ଡିପିଆର୍ ବିକଶିତ କରିବ ସିପିସିଏଲ୍

CHAITANYA PROJECTS CONSULTANCY LTD.

**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସମନ୍ୱିତ ଭିତ୍ତିଭୂମି ପରାମର୍ଶଦାତା କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଚୈତନ୍ୟ ପ୍ରୋଜେକ୍ଟସ କନ୍‌ସଲଟାନ୍ସି ଲିମିଟେଡ (ସିପିସିଏଲ୍) କୁ ନିକଟରେ ଆଉ ଆଉ ଦୁଇଟି ପ୍ରକଳ୍ପ ମିଳିଛି। ଏପରିକି ଉକ୍ତ ସ୍ୱାକ୍ଷର ପ୍ରକଳ୍ପ (ସେତୁ) ପାଇଁ କମ୍ପାନୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ବା ଡିପିଆର ବିକଶିତ କରିବ। ଯାହା ଭାରତମାଳା ପ୍ରକଳ୍ପ ଅନ୍ତର୍ଗତ ଚିଲିକା ମଧ୍ୟରେ ସଂଯୋଗ ବ୍ୟବସ୍ଥାର ପରିବର୍ତ୍ତନ ଆଣିବ। ଅପରପକ୍ଷରେ ଦୀର୍ଘଦିନ ଧରି ଚାଲି ଆସୁଥିବା ପରିବହନ ଆହ୍ୱାନର ମୁକାବିଲା ପାଇଁ ଏହି ୨ଟି ସେତୁ ସାତପଡ଼ା ଓ ଜହ୍ନିକୁଦା ମଧ୍ୟରେ ସଂଯୋଗ ସ୍ଥାପନ କରିବ। ସେହିଭଳି ଚିଲିକା ହ୍ରଦ ଭାରତର ବୃହତ୍ତମ ଉପକୂଳବର୍ତ୍ତୀ ଲୁଣି ହ୍ରଦ ଭାବେ ପରିଚିତ ଥିଲାବେଳେ ଦୀର୍ଘଦିନ ଧରି ଅବିଶ୍ୱସନୀୟ ପରିବହନ ବ୍ୟବସ୍ଥା ପାଇଁ ସଂଗ୍ରାମ କରି ସ୍ଥାନୀୟ ଗୋଷ୍ଠୀ ତଥା ପର୍ଯ୍ୟଟକଙ୍କୁ ଏହା ବେଶ୍ ପ୍ରଭାବିତ କରିଆସିଛି। ଏପରିକି ପ୍ରସ୍ତାବିତ ସେତୁଗୁଡ଼ିକର ଆଧୁନିକ ଭିତ୍ତିଭୂମିକୁ ପରିବେଶ ସଂରକ୍ଷଣ ସହ ସମନ୍ୱିତ କରି ବର୍ଷସାରା ନିର୍ଭରଯୋଗ୍ୟ ଚଳାଚଳ ସୁନିଶ୍ଚିତ କରିବ। ଏ ସମ୍ପର୍କରେ ସିପିସିଏଲ୍‌ର ପ୍ରତିଷ୍ଠାତା ତଥା ଏମ୍‌ଡି ସଞ୍ଜୟ କୁମାର ସିହ୍ନା କହିଥିଲେ, ଏହିପରି ପରିବର୍ତ୍ତନଶୀଳ ସାମର୍ଥ୍ୟ ପ୍ରକଳ୍ପରେ ଯୋଗଦାନ କରି ଆମେ ଗର୍ବିତ ଅନୁଭବ କରୁଛୁ। ଏପରିକି ଏହି ସ୍ୱାକ୍ଷରିତ ସେତୁଗୁଡ଼ିକ ଲାଗି ଆମେ ଡିପିଆର ବିକଶିତ ସହିତ ସ୍ଥାୟୀ ପ୍ରଗତି, ଗୋଷ୍ଠୀକୁ ସଂଯୋଗ କରିବା, ଅର୍ଥନୈତିକ ସୁଯୋଗ ଖୋଲିବା ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପଥ ପରିଷ୍କାର କରିବ।

# ଗ୍ୟାସ୍ ବଜାରର ୫% ଭାଗ ଓଡ଼ିଶାରେ



**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ଭାରତର ମୋଟ୍ ଗ୍ୟାସ୍ ବଜାର ପ୍ରାୟ ଦୈନିକ ୨୦୦ ନିୟୁତ ମେଟ୍ରିକ୍ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟର (ଏମ୍‌ଏମ୍‌ଏସ୍‌ସିଏମ୍‌ଡି) ରହିଛି। ସେଥିରେ ଓଡ଼ିଶାର ଭାଗ ପ୍ରାୟ ୧୦ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ରହିଛି। ଅର୍ଥାତ ଦେଶର ମୋଟ ଗ୍ୟାସ ବଜାରରେ ଓଡ଼ିଶାର ଭାଗ ୫ ପ୍ରତିଶତ ରହିଛି ବୋଲି ଇଣ୍ଡିଆନ୍ ଗ୍ୟାସ୍ ଏକ୍ସଚେଞ୍ଜ (ଆଇଜିଏକ୍ସ)ର ମୁଖ୍ୟ ବ୍ୟବସାୟ ଅଧିକାରୀ ଦୀପକ ମେହେଙ୍ଗା କହିଛନ୍ତି। ଧାମରା ଓ ଗୋପାଳପୁର ବନ୍ଦରରେ ଏଲ୍‌ଏନ୍‌ଜି ଟର୍ମିନାଲ୍ ନିର୍ମାଣ ଲାଗି ରହିଥିବା ଯୋଜନା ଦ୍ୱାରା ରାଜ୍ୟରେ ଗ୍ୟାସ୍ ବ୍ୟବହାର ବଢ଼ିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଓଡ଼ିଶାରେ ଗ୍ୟାସ୍ ବ୍ୟବସାୟକୁ ନେଇ ରହିଥିବା ସମ୍ଭାବନା ସମ୍ପର୍କରେ ଶ୍ରୀ ମେହେଙ୍ଗା କହିଛନ୍ତି ଯେ ରାଜ୍ୟରେ ଅନେକ ଶିଳ୍ପ କାରଖାନା ରହିଛି ଯେଉଁମାନେ କୋଇଲାକୁ ଜାଳେଣି ଭାବେ ବ୍ୟବହାର କରୁଛନ୍ତି। ମାତ୍ର ପରିବେଶର ସୁରକ୍ଷା ଉପରେ ଅଧିକ ଧ୍ୟାନ ଦିଆଯାଉଥିବାରୁ ଅନେକ ଅଞ୍ଚଳ ଗ୍ୟାସ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ଏହି ସମୟରେ ରାଜ୍ୟର ଯେଉଁମାନେ ଗ୍ୟାସ୍ ବ୍ୟବହାର କରିବାକୁ ଚାହୁଛନ୍ତି ସେମାନେ ଗ୍ୟାସ୍ ଏକ୍ସଚେଞ୍ଜ ଜରିଆରେ ତାହା କିଣିପାରିବେ। ୩୫ଟି ସଂସ୍ଥା ଏକ୍ସଚେଞ୍ଜ ସହ ଯୋଡ଼ିହୋଇରହିଛନ୍ତି। ତେଣୁ ମୁଲଚାଲ ଲାଗି ଗ୍ରାହକଙ୍କୁ ଅଧିକ ବିକଳ୍ପ ମିଳିବ। ଉତ୍ପାଦନକାରୀମାନେ ମଧ୍ୟ ବହୁ ସଂଖ୍ୟାରେ ଗ୍ରାହକ ପାଇପାରିବେ ବୋଲି ସେ କହିଛନ୍ତି।

# ଅଟୋମେଟେଡ୍ ଇ-ଷ୍ଟାମ୍ପିଙ୍ଗ୍ ସଲ୍ୟୁଶନର ଶୁଭାରମ୍ଭ



**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱିଫ୍ଟ ଇଣ୍ଡିଆର ପ୍ଲାଟ୍‌ଫର୍ମରେ ଷ୍ଟକ ହୋଲ୍ଡିଙ୍ଗ୍ ସହ ସହଭାଗିତାରେ ଇଲେକ୍‌ଟ୍ରୋନିକ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍ (ଏଇଏସ୍) ସଲ୍ୟୁଶନର ଶୁଭାରମ୍ଭ କରାଯାଇଛି। ସ୍ୱିଫ୍ଟ ଇଣ୍ଡିଆ ହେଉଛି ଭାରତୀୟ ଆର୍ଥିକ ଶିଳ୍ପର ଘରୋଇ ବଜାର ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱିଫ୍ଟ ଏସ୍‌ସି, ଗ୍ଲୋବାଲ ବ୍ୟାଙ୍କିଙ୍ଗ୍ କୋଅପରେଟିଭ ଓ ଭାରତର ୧୧ଟି ଅଗ୍ରଣୀ ବ୍ୟାଙ୍କ ମଧ୍ୟରେ ଏକ ଯୁଗ୍ମ ଉଦ୍ୟମ। ଏଥିସହିତ ରାଜ୍ୟର ବ୍ୟାଙ୍କଗୁଡିକ ସ୍ୱିଫ୍ଟ ଇଣ୍ଡିଆ ଚ୍ୟାନେଲ ମାଧ୍ୟମରେ ଇଲେକ୍‌ଟ୍ରୋନିକ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍ ଜାରି କରିବା ଲାଗି ଏହି ସମାଧାନର କ୍ଷମତାକୁ ଉପଯୋଗ କରିବାକୁ ସକ୍ଷମ ହେବେ। ଏ ସମ୍ପର୍କରେ ସ୍ୱିଫ୍ଟ ଇଣ୍ଡିଆର ସିଇଓ କିରଣ ସେଟ୍ଟୀ କହିଛନ୍ତି, ସ୍ୱିଫ୍ଟ ଇଣ୍ଡିଆ ଓଡିଶା ସରକାରଙ୍କ ସହ ସହଭାଗିତା କରି ଉତ୍ସାହିତ ଅଛି। ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସଗୁଡିକୁ କମ୍ପାନୀ ସମର୍ଥନ କରୁଛି। ଏପରିକି ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍‌ର ଶୁଭାରମ୍ଭ ଏକ ଅଗ୍ରଗାମୀ ପଦକ୍ଷେପ ହୋଇଥିଲାବେଳେ ବାଣିଜ୍ୟିକ ଆର୍ଥିକ ପ୍ରକ୍ରିୟାଗୁଡିକୁ ସରଳ କରିବା ଏବଂ ଓଡିଶାକୁ ଏକ ପେପରଲେସ୍ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟକୁ ଏହା ନିକଟତର କରିବା।ସ୍ୱିଫ୍ଟ ଇଣ୍ଡିଆ ସହିତ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍, ବ୍ୟାଙ୍କ ଓ କର୍ପୋରେଟଗୁଡିକ ପାଇଁ ଷ୍ଟାମ୍ପ ଡ୍ୟୁଟି ପଇଠ କରିବାର ପ୍ରକ୍ରିୟାକୁ ପେପରଲେସ୍ କରୁଛି ଏବଂ ଏହା ବ୍ୟାଙ୍କ ଗ୍ୟାରେଣ୍ଟିଗୁଡିକର ଡିଜିଟାଲୀକରଣକୁ ସୁଗମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହା ଗ୍ୟାରେଣ୍ଟି ଇସ୍ୟୁ କରୁଥିବା ବ୍ୟାଙ୍କଗୁଡିକୁ ଡିଜିଟାଲ ମାଧ୍ୟମରେ ଷ୍ଟାମ୍ପ ଡ୍ୟୁଟି ପେମେଣ୍ଟ ପାଇଁ ଆବେଦନ କରିବା ଏବଂ ଇ-ଷ୍ଟାମ୍ପ ସାର୍ଟିଫିକେଟ ତତ୍କାଳ ହାସଲ କରିବା ପାଇଁ ସକ୍ଷମ କରୁଛି। ଓଡ଼ିଶା ପାଇଁ ଷ୍ଟେଟ୍-ଲେଭେଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)ର କନ୍‌ଭେନର୍ ୟୁକୋ ବ୍ୟାଙ୍କ ପକ୍ଷରୁ ସ୍ୱିଫ୍ଟ ଇଣ୍ଡିଆ ସହିତ ନିକଟରେ ବ୍ୟାଙ୍କ ଗ୍ୟାରେଣ୍ଟିଗୁଡିକ ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଙ୍ଗ୍ ସଲ୍ୟୁଶନର ଶୁଭାରମ୍ଭ କରିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଓଡିଶାର ସମସ୍ତ ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡିକର ଉତ୍ସାହପୂର୍ଣ୍ଣ ସମର୍ଥନ ମିଳିଥିଲା ଏବଂ ଏଥିରେ ରାଜ୍ୟ ସରକାରଙ୍କ ଡେପୁଟି ଇନସ୍ପେକ୍ଟର ଜେନେରାଲ ଶ୍ରୀକାନ୍ତ କୁମାର ବେହୁରା ପ୍ରମୁଖ ଯୋଗ ଦେଇଥିଲେ।

# ୧ରୁ ହ୍ୱାଟସ୍‌ଆପ୍ ପୁରୁଣା ଫୋନ୍‌ରେ କାମକରିବ ନାହିଁ



**ନୂଆଦିଲ୍ଲୀ,୨୪।୧୨:** ଲୋକପ୍ରିୟ ମେସେଜିଂ ପ୍ଲାଟଫର୍ମ ହ୍ୱାଟସ୍‌ଆପ୍ ଏହାର ଉପଭୋକ୍ତାଙ୍କ ବଡ଼ ଖବର ଆଣିଛି। ହ୍ୱାଟସ୍‌ଆପ୍ କିଛି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ପାଇଁ ନିଜର ସପୋର୍ଟ ସେବା ବନ୍ଦ କରୁଛି। ବାସ୍ତବରେ ମେଟା ମାଲିକାନା ପ୍ଲାଟଫର୍ମ ପୁରୁଣା ସଫ୍ଟୱେର୍ ଏବଂ ହାର୍ଡୱେର୍ ଆଧାରିତ ସ୍ମାର୍ଟଫୋନ୍ ପାଇଁ ସେବା ବନ୍ଦ କରିବାକୁ ଯାଉଛି। ପୁରୁଣା ସ୍ମାର୍ଟଫୋନ୍‌ରେ ହ୍ୱାଟସ୍‌ଆପ୍ ନିଜର ସପୋର୍ଟ ସେବା ବନ୍ଦ କରୁଛି। ୧ ଜାନୁୟାରି ୨୦୨୫ରୁ ହ୍ୱାଟସ୍‌ଆପ୍ ସାମସଙ୍ଗ ଗାଲାକ୍ସି ଏସ-୩, ଏଚଟିସି ୱାନ ଏକ୍ସ ପରି ଅନେକ ପୁରୁଣା ମଡେଲରେ ସେବା ବନ୍ଦ କରିବ। ଏହାର କାରଣ ହେଉଛି ଏହି ଫୋନ୍ ପୁରୁଣା ସଫ୍ଟୱେର୍ ଏବଂ ହାର୍ଡୱେର୍‌ରେ ଚାଲୁଛି। ଯାହା ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ହ୍ୱାଟସ୍‌ଆପ୍ ଉପଭୋକ୍ତାମାନଙ୍କୁ ଏକ ନୂତନ ଫୋନ୍‌କୁ ଅପଗ୍ରେଡ୍ କରିବାକୁ ପରାମର୍ଶ ଦେଇଛି ଯେଉଁ ସ୍ମାର୍ଟଫୋନ୍ ପାଇଁ ହ୍ୱାଟସ୍‌ଆପ୍ ସପୋର୍ଟ ସେବା ବନ୍ଦ କରାଯାଉଛି, ସେସବୁ ମଧ୍ୟରେ ଆଣ୍ଡ୍ରଏଡ୍ କିଟ୍‌କ୍ୟାଟ୍ ଏବଂ ୧୦ ବର୍ଷରୁ ଅଧିକ ପୁରୁଣା ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ରହିଛି।

# ମିଶିଯିବେ ହୋଣ୍ଡା-ନିସାନ-ମିତ୍‌ସୁବିସି




**ନୂଆଦିଲ୍ଲୀ,୨୪।୧୨:** ଅଟୋମୋବାଇଲ୍ ଦୁନିଆରେ ଏକ ବୃହତ୍ ମିଶ୍ରଣ ହେବାକୁ ଯାଉଛି। ଜାପାନର ତିନି ଗାଡ଼ି ନିର୍ମାତା ହୋଣ୍ଡା ମୋଟର କମ୍ପାନି, ନିସାନ ମୋଟର ମଧ୍ୟରେ ମିଶ୍ରଣକୁ ନେଇ ଆନୁଷ୍ଠାନିକ ଭାବେ କଥାବାର୍ତ୍ତା ଆରମ୍ଭ ହୋଇଛି। ଏଥିରେ ଅନ୍ୟତମ ଗାଡ଼ି ନିର୍ମାତା ମିତ୍‌ସୁବିସି ମଧ୍ୟ ଯୋଡ଼ି ହୋଇଛି। ମିଶ୍ରଣ ସମ୍ପର୍କରେ କଥାବାର୍ତ୍ତା ଲାଗି ସେମାନେ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ହୋଣ୍ଡା-ନିସାନ-ମିତସୁବିସିର ମିଶ୍ରଣ ହେଲେ ବିକ୍ରି ଦୃଷ୍ଟିରୁ ବିଶ୍ୱର ତୃତୀୟ ବଡ଼ ଗାଡ଼ି କମ୍ପାନି ଗଠନ ହେବ। ୨୦୨୬ ସୁଦ୍ଧା ମିଶ୍ରଣ ପ୍ରକ୍ରିୟା ଶେଷ କରିବା ଉପରେ ତିନି କମ୍ପାନି କାର୍ଯ୍ୟ କରିବେ। ସେମାନେ ଏକ ହୋଲ୍ଡିଂ କମ୍ପାନି ଗଠନ କରିବେ ଯାହା ଅଧୀନରେ ମିଶ୍ରିତ ସଂସ୍ଥା କାର୍ଯ୍ୟ କରିବ। ହୋଣ୍ଡା ପକ୍ଷରୁ ଉକ୍ତ କମ୍ପାନିର ମୁଖ୍ୟଙ୍କୁ ଚୟନ କରାଯିବ। ନିସାନ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ଏହା ନିଜର କର୍ମଚାରୀଙ୍କୁ ଛଟେଇ କରିବା ସହ ଉତ୍ପାଦନ ମଧ୍ୟ କମ୍ କରିଛି। ନିସାନକୁ ଅଧିଗ୍ରହଣ କରିବା ଲାଗି ଆଇଫୋନ୍ ଉତ୍ପାଦନକାରୀ ଫକ୍ସକନ୍ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲା। କିନ୍ତୁ ହୋଣ୍ଡା ସହିତ ତାହାର କଥାବର୍ତ୍ତା ଚାଲିଥିବା ଜଣାପଡ଼ିବା ପରେ ଫକ୍ସକନ୍ ଆଗକୁ ବଢ଼ିନଥିଲା।

# ଓଡ଼ିଶାରେ ୧୯.୪% ମହିଳା ନିବେଶକ




**ଭୁବନେଶ୍ୱର,୨୪।୧୨(ସଂଚାର ବ୍ୟୁରୋ):** ଲୋକଙ୍କ ମଧ୍ୟରେ ଷ୍ଟକ୍ ବଜାର ନିବେଶ ଜରିଆରେ ସମ୍ପତ୍ତି ସୃଷ୍ଟି ଲାଗି ଆଗ୍ରହ ବୃଦ୍ଧି ପାଇଥିବାରୁ ୨୦୨୧ ପରଠାରୁ ହାରାହାରି ଭାବେ ବର୍ଷକୁ ୩ କୋଟି ଲେଖାଏଁ ଡିମାଟ୍ ଖାତା ଖୋଲାଯାଇଛି। ନିବେଶକମାନଙ୍କ ସଂଖ୍ୟାରେ ହୋଇଥିବା ବୃଦ୍ଧିରେ ମହିଳାମାନେ ପଛରେ ନାହାନ୍ତି। ଦେଶର ପ୍ରତି ଚତୁର୍ଥ ନୂଆ ନିବେଶକ ମହିଳା ଥିବା ଜଣାପଡ଼ିଛି। ୨୦୨୧-୨୨ ପରଠାରୁ ମହିଳା ନିବେଶକଙ୍କ ସଂଖ୍ୟା ଲଗାତାର ଭାବେ ବଢ଼ୁଛି। ଷ୍ଟେଟ୍ ବ୍ୟାଙ୍କ ଇକୋରାପ୍ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଷ୍ଟକ୍ ବଜାର ନିବେଶକଙ୍କ ମଧ୍ୟରୁ ୧୯.୪ ପ୍ରତିଶତ ହେଉଛନ୍ତି ମହିଳା। ତେବେ ଜାତୀୟ ହାର ୨୩.୯ ପ୍ରତିଶତଠାରୁ ଓଡ଼ିଶା ପଛୁଆ ରହିଛି। ଦିଲ୍ଲୀରେ ଏହି ହାର ସର୍ବାଧିକ ୨୯.୮ ପ୍ରତିଶତ ରହିଥିବା ସହ ମହାରାଷ୍ଟ୍ରରେ ୨୭.୭ ପ୍ରତିଶତ ଓ ତାମିଲନାଡୁରେ ୨୭.୫ ପ୍ରତିଶତ ରହିଛି। ବିହାରରେ ୧୫ ପ୍ରତିଶତ ଓ ଉତ୍ତରପ୍ରଦେଶରେ ୧୮.୨ ପ୍ରତିଶତ ନିବେଶକ ହେଉଛନ୍ତି ମହିଳା। ୨୦୨୪ ମାର୍ଚ୍ଚ ସୁଦ୍ଧା ଦେଶରେ ଡିମାଟ୍ ଖାତା ସଂଖ୍ୟା ୧୫.୦୨ କୋଟି ଥିଲା।

# ଲୁଟେରାଙ୍କ ନଜରରେ ମଠ, ମନ୍ଦିର

**କାକଟପୁର/ଅସ୍ତରଙ୍ଗ,୨୪।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ମାତିଛନ୍ତି ଲୁଟେରା। ସିଧାସଳଖ ଟାର୍ଗେଟ କରୁଛନ୍ତି ମନ୍ଦିର। ଲୁଟି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, କେଉଁଠି ଟଙ୍କା ଓ ସୁନା। କିଛି ଦିନ ତଳେ କାକଟପୁର ଲତାହରଣ ସ୍ଥିତ ବାସୁଦେବ ମନ୍ଦିର,ଅସ୍ତରଙ୍ଗ ଝାଡ଼ଲିଙ୍ଗ ଶିବ ମନ୍ଦିରରୁ ବିଳମ୍ବିତ ରାତ୍ରରେ ଠାକୁର ଙ୍କ ମନ୍ଦିରରୁ ବିଭିନ୍ନ ସରଞ୍ଜାମ ଚୋରି ହୋଇଥିବା ବେଳେ ଠିକ କିଛି ମାସ ପରେ ପୁନର୍ବାର ସୋମବାର ବିଳମ୍ବିତ ରାତ୍ରରେ ଲୁଟେରା ଅସ୍ତରଙ୍ଗ ଥାନା କୁଆଁରପୁର ସ୍ଥିତ ଶ୍ରୀ ଶ୍ରୀ କଲ୍ଲେଶ୍ୱର ଶିବ ମନ୍ଦିରର ଦକ୍ଷିଣପାର୍ଶ୍ୱ ଗ୍ରିଲ ତାଲା ଭାଙ୍ଗି ବିଭିନ୍ନ ଆସବାବପତ୍ର ଚୋରି କରିଛନ୍ତି।




ସ୍ୱତନ୍ତ୍ର ଗ୍ୟାଙ୍ଗର ସମ୍ପୃକ୍ତି ସନ୍ଦେହ

ସୂଚନା ମୁତାବକ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ପାଟଳଦା ପଂଚାୟତ କୁଆଁରପୁର ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଶ୍ରୀ ଶ୍ରୀ କଲ୍ଲେଶ୍ୱର ଶିବ ମନ୍ଦିରରୁ ପୂର୍ବରୁ ୨ଥର ଚୋରି ହୋଇଥିବା ବେଳେ ପୁନର୍ବାର ସୋମବାର ବିଳମ୍ବିତ ରାତ୍ରରେ ଚୋରି ହୋଇଛି। ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ କଲ୍ଲେଶ୍ୱର ପାଖରେ ସନ୍ଧ୍ୟା ସମୟରେ ଠାକୁରଙ୍କ ନୀତିକାନ୍ତି ଶେଷ କରି ଘରକୁ ଯାଇଥିଲେ ପୂଜକ । କିନ୍ତୁ ନିତିଦିନ ଭଳି ପ୍ରତ୍ୟୁଷରୁ ପୂଜକ ଜିତେନ୍ଦ୍ର ପଣ୍ଡା ମଙ୍ଗଳବାର ସକାଳୁ ଆସିଥିବା ବେଳେ ଦେଖିଥିଲେ ମନ୍ଦିର ଦକ୍ଷିଣ ପାର୍ଶ୍ୱ ଗ୍ରିଲ ତାଲା ଭାଙ୍ଗି ଦୁର୍ବୃତ୍ତମନ୍ଦିର ମଧ୍ୟରେ ଥିବା ଘଣ୍ଟ ୨ଟା, ସାଉଣ୍ଡ ମେସିନ ୧ଟା, ମାଇକ୍ରୋଫୋନ ୨ଟା, ରୂପା ମୁକୁଟ ୧ଟା, ଦାନ ହୁଣ୍ଡୀ ବାକ୍ସ ୧ଟା ସମେତ ଅନେକ ଆସବାବ ପତ୍ର ଚୋରି କରିନେଇଛନ୍ତି। ଗ୍ରାମବାସୀଙ୍କୁ ଜଣାଇବା ପରେ ପୂଜକ ଜିତେନ୍ଦ୍ର ପଣ୍ଡା ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

ଘଟଣା ସ୍ଥଳରେ ଅସ୍ତରଙ୍ଗ ପୁଲିସ ପହଂଚି ତଦନ୍ତ କରିବା ସହ କିଛି ସମୟ ପରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ସବଇନିସ୍ପେକ୍ଟର ଦୀପକ ସାମନ୍ତ ସିଂହାର,ପୁରୀ ସାଇଣ୍ଟିଫିକ ଅଫିସ ଆଦିତ୍ୟ ରଞ୍ଜନ ନାୟକ, ଆଟେଣ୍ଡାଣ୍ଟ ବିଶ୍ୱଜିତି ସାହୁ ଙ୍କ ସହ ଡଗ ସ୍କୁଆଡ଼,ସନ୍ଧାନୀ କୁକୁର ପହଂଚି ତଦନ୍ତ କରିଥିଲେ। ବର୍ତ୍ତମାନ ଏଭଳି ଦିନକୁ ଦିନ ଲୁଟେରା ଙ୍କ ପାଦୁର୍ଭାବ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଯାଇଛି। ଅସ୍ତରଙ୍ଗ ଥାନା କେଶ ନମ୍ବର ୨୫୯/୨୪ରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି। ତେବେ ପେସାଦାର ଲୁଟେରା ନା ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନା କୌଣସି ଗ୍ୟାଙ୍ଗ ଏ କାମ କରୁଛି ତାହା ଏବେ ପୁଲିସକୁ ଚ୍ୟାଲେଞ୍ଜ କରୁଛି ଲୁଟେରା ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି।

# ଅବ୍ୟବସ୍ଥାରେ ସରିଲା ଜିଲ୍ଲାସ୍ତରୀୟ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମେଳା

**ବରଗଡ଼,୨୪।୧୨(ସଂଚାର ବ୍ୟୁରୋ):** ବ୍ୟାପକ ଅବ୍ୟବସ୍ଥାରେ ସରିଲା ବରଗଡ଼ ଜିଲ୍ଲାସ୍ତରୀୟ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମେଳା । ଆସିଲାନି ଚାଷୀ । ଖାଲି ପଡ଼ିଲା ଚୌକି ଓ ପ୍ରଦର୍ଶନୀ ଷ୍ଟଲ । ଦୁଇ ଦିନ ଧରି ବରଗଡ଼ ଆରଏମସି ପ୍ରାଙ୍ଗଣରେ ଚାଲିଥିବା ବରଗଡ଼ ଜିଲ୍ଲାସ୍ତରୀୟ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମେଳାରେ ଆସିଥିବା ଅନୁଦାନରେ ବ୍ୟାପକ ବାଟ ମାରଣା କରାଯାଇଥିବା ସଂଗୀନ ଅଭିଯୋଗ ହୋଇଛି । ମେଳାରେ ପ୍ରକୃତ ଚାଷୀଙ୍କୁ ନିମନ୍ତ୍ରଣ କିମ୍ବା ସୂଚନା ଦିଆଯାଇନଥିଲା। ଫଳରେ ଜିଲ୍ଲାର ହଜାର ହଜାର ଚାଷୀ ଏହି ମେଳାର ପ୍ରକୃତ ଉଦ୍ଦେଶ୍ୟ, ସରକାରଙ୍କ ସୁବିଧା ଓ ଯୋଜନା ସମ୍ପର୍କରେ ଜାଣିବାରୁ ବଞ୍ଚିତ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି।



ଗତ ବର୍ଷ ଜିଲ୍ଲାସ୍ତରୀୟ ମେଳାରେ ୨୮ଟି ପ୍ରଦର୍ଶନୀ ଷ୍ଟଲ ଲାଗିଥିବା ବେଳେ ୨୫ଟି ଷ୍ଟଲ ପ୍ରଦର୍ଶନୀ ଷ୍ଟଲ ପ୍ରଥମ ଦିନରେ ଲଗାଯାଇଥିଲା । ମେଳାର ଦ୍ୱିତୀୟ ଉଦଯାପନ ଦିବସରେ ୮ରୁ ଅଧିକ ଷ୍ଟଲ ଖାଲି ହୋଇପଡ଼ିଥିବା ବେଳେ ପ୍ରଚାର ପ୍ରସାର ଅଭାବରୁ ମେଳାକୁ ଚାଷୀ ଆସିନଥିଲେ । ଯଦ୍ୱାରା ବିଭାଗୀୟ ଅଧିକାରୀ ହଟହଟା ହେବା ସହିତ ଅଡୁଆରେ ପଡ଼ିଥିଲେ । ସେପଟେ ଅବ୍ୟବସ୍ଥା ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି ବିଜେପୁର ବିଧାୟକ ସନତ ଗଡ଼ତିଆ ।

# ଜାତୀୟ ଉପଭୋକ୍ତା ଦିବସ-୨୦୨୪ ପାଳିତ



**ଜଗତସିଂହପୁର, ୨୪।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ସଦଭାବନା ସଭା ଗୃହରେ ଜାତୀୟ ଉପଭୋକ୍ତା ଦିବସ ୨୦୨୪ ପାଳିତ ହୋଇଯାଇଅଛି। ସାରା ବିଶ୍ୱରେ ଉପଭୋକ୍ତାମାନଙ୍କ ସ୍ୱାର୍ଥକୁ ପରିପୂରଣ ଓ ସଚେତନ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ମାସ ୨୪ ତାରିଖକୁ ଜାତୀୟ ଉପଭୋକ୍ତା ଦିବସ ଭାବେ ପାଳନ କରାଯାଏ। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ସଦଭାବନା ସଭା କକ୍ଷରେ ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ଲଥାଙ୍ଗର ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କ ସଂଯୋଜନା ତଥା ଉଦ୍ୟମ ଓ ବୈଧ ମାପ ବିଜ୍ଞାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଦିବସ ବରଣ୍ୟ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପାଳନ କରାଗଲା। କାର୍ଯ୍ୟକ୍ରମର ସୂତ୍ରଧର ଭାବେ ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ବିଷୟ ବସ୍ତୁ ଉପସ୍ଥାପନା କରିବା ସହ ସ୍ନେହମୟୀ ଆଚାର୍ଯ୍ୟ ଅତିଥି ମାନଂକର ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅର୍ଚ୍ଚନା ସିଂ, ଅଧ୍ୟାକ୍ଷା ଜଗତସିଂହପୁର ପୌରପାଳିକା, ମୁଖ୍ୟବକ୍ତା ଭାବେ ପ୍ରଭାତ କୁମାର ପାଢ଼ୀ, ସଭାପତି ଡି. ସି. ଡି ଆର ସି, ସାନମାନିତ ଅତିଥିଭାବେ ରବିନାରାୟଣ ଜେଠୀ(ପିଡି), ସୁଜାତା ମିଶ୍ର (ସି ଏସ ଓ ), ଦେବେନ୍ଦ୍ର କୁମାର ମଲ୍ଲିକ ଅଧକ୍ଷ ଆତ୍ମା, ଆଡ଼ଭୋକେଟ ଡ. ସୁନାକାର ବେହେରା, ଜାତୀୟ ମୁଖପାତ୍ର ଓ ରାଜ୍ୟ ସମ୍ପାଦକ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଓଡିଶା ପ୍ରମୁଖ ଆଭାସୀ ନ୍ୟାୟାଳୟ ମାଧ୍ୟମରେ ଉପଭୋକ୍ତା ମାନେ କିପରି ନ୍ୟାୟ ପାଇପାରିବେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଉପଭୋକ୍ତା କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପରିଶେଷରେ ପ୍ରଶ୍ନୋତ୍ତର ମାଧ୍ୟମରେ ବିବିଧ ପ୍ରସଙ୍ଗ ଉପରେ ଆଲୋଚନା ଓ ପ୍ରତ୍ୟାଲୋଚନା କରାଯାଇଥିଲେ।

## ୧୭ ହଜାର ପିଲାଙ୍କ ପାଖରେ ପହଞ୍ଚିଲା

# ବେଦାନ୍ତ ଆଲୁମିନିୟମର 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ) :** ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆୟୁଷ ମନ୍ତ୍ରଣାଳୟ ସହ ଭାଗିଦାରୀରେ ଏହାର 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନର ଚତୁର୍ଥ ପର୍ଯ୍ୟାୟ ସଫଳତାର ସହ ଶେଷ କରିଛି, ଯାହା ୧୭ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରିଛି । ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ୧୫ଟି ସରକାରୀ ବିଦ୍ୟାଳୟରେ ଏହି ଅଭିଯାନ ଆରମ୍ଭ ହୋଇଥିଲା । ଏହି ଆୟୁର୍ବେଦିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସ୍ମୃତି ଶକ୍ତି ବୃଦ୍ଧି କରିବା ଏବଂ ପିଲାମାନଙ୍କର ପ୍ରାରମ୍ଭିକ ସମୟରେ ସାମଗ୍ରିକ ବିକାଶକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ । ଜିଲ୍ଲା ଆୟୁର୍ବେଦ ଓ ବିଦ୍ୟାଳୟ ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା ।

ସେପ୍ଟେମ୍ବର ୨୦୨୪ରେ ଆୟୁଷ ମନ୍ତ୍ରଣାଳୟ ସହ ଭାଗିଦାରୀରେ ଏହି ପଦକ୍ଷେପ ଆରମ୍ଭ କରିବା ପରଠାରୁ ବେଦାନ୍ତ ଆଲୁମିନିୟମ ଓଡ଼ିଶା




ସରକାର ଏବଂ ଆୟୁଷ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟ କରୁଛି ଏବଂ ଓଡ଼ିଶାର କୋରାପୁଟ ଜିଲ୍ଲାରେ ବିସ୍ତାର କରିବାକୁ ଯୋଜନା ରହିଛି। ବେଦାନ୍ତ ଆଲୁମିନିୟମର ସିଇଓ ସୁନୀଲ ଗୁପ୍ତା କହିଛନ୍ତି ଯେ ସ୍ୱର୍ଣ୍ଣ ପ୍ରାଶନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପଛୁଆ ଅଞ୍ଚଳରେ ଶିଶୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ବିସ୍ତାର କରିବାରେ ଆୟୁଷ ମନ୍ତ୍ରଣାଳୟର ସମର୍ଥନ ମିଳିଥିବାରୁ ଆମେ ଗର୍ବ ଅନୁଭବ କରୁଛୁ ।

ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମକୁ ଲୋକେ ଉତ୍ସାହର ସହ ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୪୦ଟି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ କୋରାପୁଟ ପର୍ଯ୍ୟନ୍ତ ବିସ୍ତାର କରିବାକୁ ଯୋଜନା ଥିବା ବେଳେ ଖୁବ୍ ଶୀଘ୍ର ୩୦ ହଜାରରୁ ଅଧିକ ଶିଶୁଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡି ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ମୀନାକ୍ଷୀ ବେଦବାକ କହିଛନ୍ତି, ଶିଶୁଙ୍କ କଲ୍ୟାଣ ପାଇଁ ଆୟୁର୍ବେଦିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଦିଗରେ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମକୁ ସମର୍ଥନ ଦେବା ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ-କେନ୍ଦ୍ରୀତ ବିକାଶ ପ୍ରତି ସମର୍ପଣର ପ୍ରମାଣ। ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି ଭଳି ରଣନୈତିକ ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରଙ୍କ ସହ ଘନିଷ୍ଠ ସହଯୋଗ କରି କମ୍ପାନୀ ସୁନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ସାମାଜିକ-ଅର୍ଥନୈତିକ ପ୍ରଗତି ଦିଗରେ ଅଗ୍ରସର ।

## ୩୦ରେ ଶ୍ରୀ ଶ୍ରୀ ବରାହଜୀଉଙ୍କ ଜନ୍ମୋତ୍ସବ

**ଯାଜପୁର, ୨୪।୧୨ (ସଂଚାର ବ୍ୟୁରୋ):** ଯାଜପୁର ସହରର ପବିତ୍ର ବୈତରଣୀ ନଦୀ କୂଳେ ଅବସ୍ଥିତ ଶ୍ରୀ ଶ୍ରୀ ବରାହ ଜୀଉଙ୍କ ସ୍ୱନକ୍ଷତ୍ର ଉତ୍ସବ ଚଳିତ ମାସ ୩୦ ତାରିଖରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଯାଜପୁର ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଶେଷ ହୋଇ ଶ୍ରୀ ଶ୍ରୀ ବରାହ ଜୀଉଙ୍କ ସ୍ୱନକ୍ଷତ୍ର ଉତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ପବିତ୍ର ବକୁଳା ଅମାବାସ୍ୟା ଦିନ ଶ୍ରୀ ଶ୍ରୀ ବରାହ ଜୀଉଙ୍କ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହେବ ଏହି ସ୍ୱନକ୍ଷତ୍ର ଉତ୍ସବ ଦେଖିବା ପାଇଁ ଓ ବରାହକ ଆଶିର୍ବାଦ ନେବା ପାଇଁ ଯାଜପୁର ସମେତ, ଭଦ୍ରକ, କେନ୍ଦ୍ରପାଡ଼, ବାଲେଶ୍ୱର, ମୟୁରଭଞ୍ଜ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଏବଂ ଓଡ଼ିଶା ବାହାରୁ ଭକ୍ତମାନେ ଏହି ସ୍ୱନକ୍ଷତ୍ର ଉତ୍ସବ ଦିନ ଆସି ପ୍ରଭୁ ଶ୍ରୀ ଶ୍ରୀ ବରାହ ଜୀଉଙ୍କ ଦର୍ଶନ କରିବା ସହ ନିଜ ପରିବାର ଓ ସମାଜର ମଙ୍ଗଳ ପାଇଁ କାମନା କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ବରାହଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ବରାହ ମନ୍ଦିର ନିକଟରେ ପ୍ରବାହିତ ହେଇଥିବା ମାତା ବୈତରଣୀ ନଦୀରେ ସ୍ନାନ କରି ବରାହଙ୍କ ଦଶର୍ନ କରିଥାଆନ୍ତି । ପ୍ରସ୍ତୁତି ବୈଠକରେ ତହସିଲଦାର କାର୍ଯ୍ୟାଳୟର ବଡ଼ ବାବୁ, ବରାହ ମନ୍ଦିର ମୁଖ୍ୟ ପୁରୋହିତ ହିମାଂଶୁ ଶେଖର ପତିମିଶ୍ର, ପୁରୋଧା ସରୋଜ କୁମାର ପତି, ସେବାୟତ ଦୁର୍ଯ୍ୟୋଧନ ପଣ୍ଡା, କାଳନ୍ଦୀ ଚରଣ ବଡୁ, ସୀତାରାମ ଦିକ୍ଷିତ୍, କାର୍ତ୍ତିକ ଚନ୍ଦ୍ର ବଡୁ, ଘନଶ୍ରାମ ବଡୁ, ଧନେଶ୍ୱର ବଡୁ, ଭୋଳାନାଥ ପଣ୍ଡା, ବାଙ୍କ ଦିକ୍ଷିତ ପ୍ରଭୃତିଙ୍କ ସମତେ ଅନ୍ୟାନ୍ୟ ସରକାରୀ ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

### ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କଣାସ ତହସିଲଦାରଙ୍କ ଫୁ

## ଜମି କିଣା ବିକାର ୪ମାସ ହେଲା ପଟ୍ଟା ମିଳୁନାହିଁ

**କଣାସ, ୨୪।୧୨ (ସଂଚାର ବ୍ୟୁରୋ):** ରାଜ୍ୟସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଦେବା ପାଇଁ ପ୍ରତ୍ୟେକ ବ୍ଲକରେ ତହସିଲ ଏବଂ ସବରେଜେଷ୍ଟ୍ରି କାର୍ଯ୍ୟାଳୟମାନ ଖୋଲିଛନ୍ତି। ଯଦି କୌଣସି ବ୍ୟକ୍ତି ଜମି କିଣା ବିକା ରନ୍ତି କିଣି ଥିବା ଲୋକ ୨୫ଦିନ ମଧ୍ୟରେ ପଟ୍ଟା ପାଇବାପାଇଁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ୧୩୫ଦିନ ବିତିଯାଇଥିଲେ ମଧ୍ୟ ପଟ୍ଟା ମିଳିନଥିବାରୁ ଜମି କିଣି ଥିବା ବ୍ୟକ୍ତି କଣାସ ତହସିଲିଦାରଙ୍କ ନିକଟକୁ ଦୌଡି ଦୌଡି ଗୋଡରୁ ପାଣି ମରିଗଲାଣି। ଖବର ନେବାରେ ଜଣାପଡ଼ିଛି ବୀରକେଶରପୁର ଗ୍ରାମର ସତ୍ୟନାରାୟଣ ମିଶ୍ର ଓ ରମାକାନ୍ତ ମିଶ୍ର, ବାରିମଣ୍ଡଳ ମୌଜାର ଖାତା ନଂ୧୯୦ ଏବଂ ପ୍ଲଟ ନଂ୪୫୪କୁ ତା୨୩.୦୮.୨୦୨୪ତାରିଖ ଦିନ କଣାସ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଇଥିଲେ। ଉକ୍ତ ପଟ୍ଟା ପୋଷ୍ଟଅଫିସ୍ ଜରୀଆରେ ଉପରୋକ୍ତ ବ୍ୟକ୍ତିମାନଙ୍କ ନିକଟକୁ ଯିବାକଥା କିନ୍ତୁ ୨ମାସ ହେଲା ଯାଇନଥିବାରୁ ସେ ଆସି କଣାସ ତହସିଲ ଅଫିସିରେ ବୁଝନ୍ତିତ ୨୧.୦୯.୨୦୨୪ତାରିଖ ଦିନ ଉକ୍ତ ପଟ୍ଟାଟି ସତ୍ୟନାରାୟଣ ମିଶ୍ର, ରମାକାନ୍ତ ମିଶ୍ର, ଗ୍ରାମ ବୀରକେଶରପୁର ଓ ପୋଷ୍ଟ ତ୍ରିଲୋଚନପୁର, ଜିଲ୍ଲା ପୁରୀକୁ ପଠାଯାଇଛି। ସେ ଯାଇ ତ୍ରିଲୋଚନପୁର ଡାକଘରେ ଦେଖନ୍ତିତ ସେଠାକୁ ପଟ୍ଟା ଯାଇନାହିଁ। ଯେଉଁ ଚିଠିର ରେଜେଷ୍ଟ୍ରି ନଂ ତହସିଲ କାର୍ଯ୍ୟାଳୟରୁ ନେଇଥିଲେ ତାହା ତ୍ରିଲୋଚନପୁର ପୋଷ୍ଟମାଷ୍ଟରଙ୍କୁ ଦେବାରୁ ସେ ଉକ୍ତ ଚିଠି ନଂଟି ଜଙ୍କିଆ ପୋଷ୍ଟ ଅଫିସ୍‌କୁ ଯାଇଥିବା କହିଥିଲେ। ସତ୍ୟନାରାୟଣ ପୁନଶ୍ଚ ଜଙ୍କିଆ ପୋଷ୍ଟ ଅଫିସ୍‌କୁ ଯାଇ ଦେଖନ୍ତିତ ଉକ୍ତ ଚିଠି ଯାଇନାହିଁ। ସେ ବାରମ୍ବାର ଆସି କଣାସ ତହସିଲଦାରଙ୍କୁ କହିବାରୁ ତହସିଲଦାର ବଡବାବୁ ଏବଂ ପଟ୍ଟା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିଟେ ଦେଖି କହିବାକୁ ଦୁଇ ତିନି ଥର ନିର୍ଦ୍ଦେଶ ଦେଲେଣି କିନ୍ତୁ ବାବୁମାନେ ସାଇଟ୍ ଖୋଲୁନାହିଁ କହି ଫେରାଇଦେଉଛନ୍ତି। କଣାସ ତହସିଲରେ କିପରି କାର୍ଯ୍ୟ ଚାଲିଛି ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି।

## କୁନି ଝିଅକୁ ଝୁଣି ମାରିଦେଲେ ବୁଲା କୁକୁର

**ବୋରିଗୁମ୍ମା, ୨୪।୧୨ (ସଂଚାର ବ୍ୟୁରୋ):** ଚାରିରୁ ପାଞ୍ଚ ବୁଲା କୁକୁର ଝୁଣି ମାରିଦେଲେ କୁନି ଝିଅକୁ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଫୁଫୁଗାଁରେ। ଆଜି ଦିନ ଦ୍ୱିପ୍ରହରରେ ଚାନ୍ଦିନୀ ହରିଜନ ବୟସ ୬ ବର୍ଷ ନିଜ ଭାଇ ସହ ଘର ନିକଟରେ ଥିବା ଜମିରେ ଖେଳିବାକୁ ଯାଇଥିଲା। ସେହି ସମୟରେ ଚାରିରୁ ପାଞ୍ଚଟି ବୁଲା କୁକୁର ଆସି ପ୍ରଥମେ ଚାନ୍ଦିନୀକୁ ଆକ୍ରମଣ କରିଥିଲେ। ଭାଇ ଭୟରେ ସେହି ସ୍ଥାନରୁ ଦୌଡ଼ି ପଳେଇ ଆସି ଗାଁରେ ଖବର ଦେଇଥିଲା। ସଙ୍ଗେ ସଙ୍ଗେ କିଛି ଲୋକ କୁକୁରଙ୍କୁ ଗୋଡାଇବା ପରେ ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କୁମୁଳିପୁଟ ମେଡ଼ିକାଲକୁ ନେଇଥିଲେ କିନ୍ତୁ ଡାକ୍ତର ଚାନ୍ଦିନୀଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ ଚାନ୍ଦିନୀ ଫୁଫୁଗାଁରେ ନିଜ ଅଜା ଆଈଙ୍କ ଘରେ ରହି ପାଠ ପଢୁଥିଲା। କୁନି ଝିଅର ଏଭଳି ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଗାଁରେ ଶୋକର ଛାୟା ଖେଳିଯାଇଛି।

## ହତ୍ୟା ଉଦ୍ୟମ ମାମଲା
## ୮ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର, ୨୪।୧୨ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲାରେ ୮ ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।ମାନ୍ୟବର ମୁଖ୍ୟ ବିଚାର ବିଭାଗୀୟ ଅଦାଲତରେ ଏହି ବିଚାରଣା ଦୀର୍ଘ ଦିନ ଧରି ଚାଲିଥିଲା। ପରିଶେଷରେ ସାକ୍ଷ୍ୟ ଏବଂ ପ୍ରମାଣ ଅଭାବରୁ ଅଦାଲତ ସମସ୍ତ ଆସାମୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୦୧୯ ମାର୍ଚ୍ଚ ୧୭ ତାରିଖ ରାତିରେ ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ସୀତା ଡ଼ିମିରା ହରିଜନ ସାହିରେ ଟୁଟୁ ହାତୀ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଗାନ୍ଧୀ ନଗର ସାଇ କମ୍ପ୍ଲେକ୍ସରେ ନିଜର ପୁରୁଣା ମୋବାଇଲକୁ ତିଆରି କରି ଫେରୁଥିବା ବେଳେ ଟୁଟୁଙ୍କୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ କାଞ୍ଜିବାରି ସାହି ନିକଟରେ ଉକ୍ତ ସାହିର ଜଗା ହାତୀ, ଅମୂଲ୍ୟ ଘଡେଇ, ବସନ୍ତ ଘଡେଇ, ରବୀନ୍ଦ୍ର ଘଡେଇ, ଶଙ୍କର ପୁଣ୍ଡି, ସନ୍ତୋଷ ପୁଣ୍ଡି, ମୋଚିରାମ ନାୟକ, ରାକେଶ ଘଡେଇ ଖଣ୍ଡା ଓ କାତିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ମୁଦାଲାଙ୍କ ତରଫରୁ ଆଇନଜୀବୀ ପୀତବାସ ପଣ୍ଡା, ବିରଞ୍ଚି ନାରାୟଣ ମହାପାତ୍ର, ବିଶ୍ୱଜିତ ସେଠୀ, ତାରିଣୀ ମାଝୀ, ସୁଦର୍ଶନ ସେଠୀ ପ୍ରମୁଖ ମୋକଦ୍ଦମା ପରିଚାଳନା କରୁଥିଲେ।

### ପ୍ରବାସୀ ଭାରତୀୟ ଦିବସ ଆୟୋଜନର ସମୀକ୍ଷା

# ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶନ ପାଇଁ ସୁବର୍ଣ୍ଣ ସୁଯୋଗ




**ଭୁବନେଶ୍ୱର, ୨୪।୧୨ (ସଂଚାର ବ୍ୟୁରୋ):** ଜାନୁଆରୀ ୮ ,୯,୧୦ ତିନି ଦିନ ଧରି ଚାଲିବ ପ୍ରବାସୀ ଭାରତୀୟ ଦିବସ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଖାରବେଳ ଭବନ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଛି। ଏହି ବୈଠକରେ ବିଏମସି କମିସନର, ବିଧାୟକ, ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ୧୯୧୫ ମସିହା ଜାନୁୟାରୀ ୯ରେ ଦକ୍ଷିଣ ଆଫ୍ରିକାରୁ ମହାତ୍ମା ଗାନ୍ଧୀଙ୍କ ଭାରତ ଫେରିବାକୁ ଏହି ଦିବସ ସ୍ମରଣ କରିଥାଏ ।

୨୦୦୩ରେ ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ପରମ୍ପରା ଆରମ୍ଭ କରାଯାଇଥିଲା । ଭାରତର ବିକାଶ ପାଇଁ ବିଦେଶୀ ଭାରତୀୟ ସମ୍ପ୍ରଦାୟର ସହଭାଗିତା ଏହି ଆୟୋଜନର ମୂଳ ଉଦ୍ଦେଶ୍ୟ । ତେବେ ୨୦୧୫ ଠାରୁ ସଂଶୋଧିତ ଫର୍ମାଟରେ ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହେଉଛି। ପ୍ରଧାନମନ୍ତ୍ରୀ ବିଭିନ୍ନ ଅର୍ନ୍ତଜାତୀୟ ଦେଶ ଗସ୍ତ ସମୟରେ ସେ ଦେଶବାସୀଙ୍କୁ ଓଡିଶା ପରିଦର୍ଶନ କରିବାକୁ ଆମନ୍ତ୍ରଣ କରିଛନ୍ତି। କୁଏତ ଗସ୍ତର ସଦ୍ୟତମ ଉଦାହରଣ ଯେଉଁଠାରେ ପ୍ରଧାନମନ୍ତ୍ରୀ ଗଞ୍ଜାମର ଜଣେ ଯୁବକଙ୍କ ସହିତ ଆଲୋଚନା କରିଥିଲେ ଏବଂ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ସର୍ବଭାରତୀୟ ସ୍ତରରେ ଓଡିଶାର ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ୧୪୦ ଦେଶର ଅତିଥି ଓ ପାଞ୍ଚରୁ ସାତ ହଜାର ପ୍ରବାସୀ ଭାରତୀୟ ଯୋଗ ଦେବେ। ସମସ୍ତଙ୍କ ମିଳିତ ପ୍ରୟାସରେ ଏହା ସଫଳ କରି ଆମ ରାଜ୍ୟକୁ ବିଶ୍ୱସ୍ତରରେ ଗର୍ବିତ କରାଇ ପାରିବା। ଉଦ୍‌ଘାଟନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ରାଜ୍ୟ ଗୃହ ବିଭାଗ, ପର୍ଯ୍ୟଟନ ବିଭାଗ ପୂରା ପ୍ରସ୍ତୁତିରେ ଲାଗିପଡିଛନ୍ତି ।



## ଭୂମିଜ ଭାଷାକୁ ସରକାରୀ ମାନ୍ୟତା ଓ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି ଦାବିରେ ସମାବେଶ

**ବୈଶିଙ୍ଗା, ୨୪।୧୨ (ସଂଚାର ବ୍ୟୁରୋ) :** ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡ଼ିଶା ତରଫରୁ ଚାରି ଦଫା ଦାବିକୁ ସରକାର ଗ୍ରହଣ କରିଥିଲେ ମଧ୍ୟ ବାରମ୍ୱାର ଆନ୍ଦୋଳନ ସତ୍ତ୍ୱେ ଦୀର୍ଘ ବର୍ଷ ଧରି ଗଡ଼େଇ ଗଡେଇ ଚାଲିଛନ୍ତି। ଆଗାମୀ ଦିନରେ ସରକାର ଦାବି ନ ମାନିଲେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବା ସହିତ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାର ସିଦ୍ଧାନ୍ତ ନିଆଯାଇଛି। ଚାରି ଦଫା ଦାବି ଗୁଡ଼ିକ ମଧ୍ୟରେ ଭୂମିଜ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି, ଭୂମିଜ ଭାଷାକୁ ଅଷ୍ଟମ ଅନୁ ସୂଚୀରେ ସାମିଲ କରିବା, ଭୂମିଜ ସହିଦଙ୍କୁ ସମ୍ମାନ ଦେବା ସହ ଚୁହାଳ ବିଦ୍ରୋହକୁ ଭୂମିଜ ବିଦ୍ରୋହର ମାନ୍ୟତା ଦେବା, ଭୂମିଜ ସମାଜର ରଘୁନାଥ ସିଂଙ୍କୁ ମାନ୍ୟତା ଦେବା ଆଦି ସାମିଲ ଥିବାର ଜଣାଯାଇଛି। କେନ୍ଦ୍ରୀୟ କମିଟିର ପୂର୍ବତନ ଅଧ୍ୟକ୍ଷ ପାଇକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ କମିଟି ସଦସ୍ୟା ଗୀତାମଣୀ ସିଂ, ମୟୂରଭଞ୍ଜ ଜିଲ୍ଲା କମିଟି ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ସିଂ, ପୂର୍ବତନ ମହିଷାଶୋଳ ସରପଞ୍ଚ ତ୍ରୀଲୋଚନ ସିଂ, ବୈଦିପୁର ୱାର୍ଡସଭ୍ୟ ଚନ୍ଦ୍ର ମୋହନ ସିଂ, ନୀଳଗିରି ବ୍ଲକ ଅଧକ୍ଷ ନରୋତ୍ତମ ସିଂ ସମାଜସେବୀ ମାନୁଲାଲ ସର୍ଦ୍ଦାର, ସନିଆ ସିଂ, ଭଞ୍ଜ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ଖୋର୍ଦ୍ଧା ରୋଡ୍ ମଣ୍ଡଳର ନଅ ଷ୍ଟେସନକୁ

# 'ଶକ୍ତି ପରିଚାଳନା ବ୍ୟବସ୍ଥା ମାନକ ପ୍ରମାଣପତ୍ର'

**ଖୋର୍ଦ୍ଧା,୨୪।୧୨(ସଂଚାର ବ୍ୟୁରୋ):** ଉନ୍ନତ ଶକ୍ତି ସମ୍ପନ୍ନ ପରିଚାଳନା ପଦକ୍ଷେପ ଗ୍ରହଣ ପାଇଁ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ନଅଟି ରେଳ ଷ୍ଟେସନକୁ "ଶକ୍ତି ପରିଚାଳନା ବ୍ୟବସ୍ଥା ମାନକ ପ୍ରମାଣପତ୍ର" ପ୍ରଦାନ କରାଯାଇଛି। ଏହି ଷ୍ଟେସନ ଗୁଡ଼ିକ ହେଲା ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ପଲାସା, ବାଲୁଗାଁ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, କଟକ, ବ୍ରହ୍ମପୁର ଷ୍ଟେସନ୍ ରହିଛି। ସମସ୍ତ ନଅଟି ରେଳ ଷ୍ଟେସନ୍ ବିଦ୍ୟୁତ୍ ବ୍ୟବହାର ରେ ହ୍ରାସ, ଶକ୍ତି ସଂରକ୍ଷଣ ଏବଂ ଉର୍ଯ୍ୟାକୁ ଅଧିକ ଦକ୍ଷତାର ସହିତ ବ୍ୟବହାର କରିବାରେ ସକ୍ଷମ ହେଇଛି।



ଆଇଏସଓ ୫୦୦୦୧:୨୦୧୮ ପ୍ରମାଣପତ୍ର ହେଉଛି ଶକ୍ତି ପରିଚାଳନା ପ୍ରଣାଳୀ ପାଇଁ ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ। ଏହା ସଂଗଠନଗୁଡ଼ିକୁ ସେମାନଙ୍କର ଶକ୍ତି ପ୍ରଦର୍ଶନ ଏବଂ ଶକ୍ତି ଦକ୍ଷତାକୁ ଉନ୍ନତ କରିବାରେ ଏବଂ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି ଅନୁଯାୟୀ ଆଇନଗତ ଆବଶ୍ୟକତା ମାନିବାରେ ସାହାଯ୍ୟ କରେ।

ଏହି ଷ୍ଟେସନଗୁଡିକକୁ ଉନ୍ନତ ଶକ୍ତି ପରିଚାଳନା ପ୍ରଣାଳୀ ଗ୍ରହଣ କରିବା ପାଇଁ, ଯେମିତି କି, ସୋଲାର ପ୍ରୟୋଗ, ଉଚ୍ଚ ଶକ୍ତି ବ୍ୟବହାର କରୁଥିବା ଲାଇଟ୍ ଏବଂ ଫେନ୍ ବଦଳରେ ଏଲଇଡି ଏବଂ ଷ୍ଟାର ରେଟେଡ୍ ଉପକରଣ୍ ଉପଯୋଗ କରିବା, ପ୍ଲାଟଫର୍ମ ରେ ଅଧିଗ୍ରହଣ ସେନସର ଲାଗୁ କରିବା, ପାଣି ଟାଙ୍କିରେ ଫ୍ଲୋଟ୍ ୱାଲଭ୍, ଷ୍ଟେସନରେ ଷ୍ଟ୍ରିଟ୍ ଲାଇଟ୍ ପାଇଁ ଟାଇମର୍, ଡିଜି ସେଟ୍ ଗୁଡ଼ିକକୁ ଦକ୍ଷ ବ୍ୟବହାର କରିବା ଇତ୍ୟାଦି।

ଥାର୍ଡ ପାର୍ଟି, ଜାତୀୟ ଏଜେନ୍ସି ଏନଭୋ ଗ୍ରୀନ୍ ମ୍ୟାନେଜମେଣ୍ଟ, କଟକ, ଦ୍ୱାରା ସର୍ଭେ ଏବଂ ଅଡିଟ୍ ପରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନଅଟି ରେଳ ଷ୍ଟେସନକୁ ଶକ୍ତି ପରିଚାଳନା ବ୍ୟବସ୍ଥା ମାନକ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ରୋଡ଼ ମଣ୍ଡଳ ର ରେଳ ପ୍ରବନ୍ଧକ ଶ୍ରୀ ଏଚ୍. ଏସ୍.ବାଜୱା, ରେଲୱେ ଷ୍ଟେସନ ଗୁଡ଼ିକକୁ ଶକ୍ତି ସମ୍ପନ୍ନ କରିବା ପାଇଁ, ମେକାନିକାଲ୍ ବିଭାଗର, ଏନଭାୟାରମେଣ୍ଟାଲ ହାଉସକିପିଂ ମ୍ୟାନେଜମେଣ୍ଟ (ଇ.ଏନ୍.ଏଚ.ଏମ) ଟିମ୍ କୁ ଅଭିନନ୍ଦନ ଜଣାଇଛନ୍ତି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ କୃଷକ ଦିବସ

**ଯୋଡ଼ା/ବଡ଼ବିଲ, ୨୪।୧୨ (ସଂଚାର ବ୍ୟୁରୋ) :** ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ ଉତ୍ସାହର ସହ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। କୃଷକମାନଙ୍କ କଠିନ ପରିଶ୍ରମ ଓ ସଫଳତାକୁ ସ୍ୱୀକୃତି ପ୍ରଦାନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା।




ବଡ଼ବିଲ ୟୁନିଟର ଜନଜୀବିକା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ କୃଷି ଅଧିକାରୀ ସଞ୍ଜୁକ୍ତା ମୁଣ୍ଡା, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ବଡ଼ବିଲ ଭିଲେଜ ଏଗ୍ରିକଲ୍ଚର ଓ୍ୱାର୍କର ଶ୍ରୀ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଝର, କାଣ୍ଡ୍ରା ଓ ଅସେଇକଳା ଅଞ୍ଚଳର ୮୦ ଜଣ କୃଷକ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶୀତକାଳୀନ ପରିବା, ଛତୁ ଓ ଅନ୍ୟାନ୍ୟ ପରିବା ପ୍ରଦର୍ଶିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୧ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୀତକାଳୀନ ପରିବା ଚାଷ, ଶ୍ରୀ ଧାନ ଚାଷ, ଅଳସୀ ଚାଷ, ଛତୁ ଚାଷ, କନ୍ଦମୂଳ ଚାଷ, ଲାଖ ଚାଷ ବର୍ଗରେ କୃଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାସିଆ ଖଣି ଅଞ୍ଚଳର କୃଷକମାନଙ୍କୁ ନେଇ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଭଦ୍ରାସାହି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରାସାହି ଓ ସେରେଣ୍ଡା ପଞ୍ଚାୟତର ୧୦ଟି ଗ୍ରାମର କୃଷକ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କାସିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ଭଦ୍ରାସାହି ସରପଞ୍ଚ ଶ୍ରୀମତୀ ପ୍ରମିଳା ନାଏକ ଓ ସେରେଣ୍ଡା ସରପଞ୍ଚ ଶ୍ରୀମତୀ ସସ୍ମିତା ସିଦୁ ଯୋଗଦେଇ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ରୁ ଅଧିକ କୃଷକ ଯୋଗଦେଇଥିବା ବେଳେ ପନିପରିବା ଚାଷ, ଛତୁ ଚାଷ ଓ ଲାଖ ଚାଷରେ ଉତ୍କର୍ଷ ପାଇଁ ୩୦ଜଣଙ୍କୁ ପୁରସ୍କୃତ କରାଯାଇଥିଲା।